RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-31 ◆FRIDAY ◆25 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୧ ◆ଶୁକ୍ରବାର ◆୨୫ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ସାଉଥ୍ ରାମାୟଣରେ ସୀତା ହେବେ ଆଲିଆ

▶ପୃଷ୍ଠା ୧୧ ଦେଖନ୍ତୁ...

# ଚୀନ୍ ସୀମାରେ ରୁଷ୍ ବିମାନ ଦୁର୍ଘଟଣାଗ୍ରସ୍ତ; ୪୯ ମୃତ



■ ମସ୍କୋ, ୨୪।୭ (ଏଜେନ୍ସି): ରୁଷର ଏକ ଯାତ୍ରୀ ବିମାନ ଏଏନ୍-୨୪ ଆଜି ଚୀନ୍ ସୀମାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ସମସ୍ତ ୪୯ ଜଣ ଯାତ୍ରୀ ଓ କର୍ମଚାରୀ ପ୍ରାଣ ହରାଇଛନ୍ତି। ଟିଣ୍ଡା ବିମାନ ବନ୍ଦରଠାରୁ ପାଖାପାଖି ୧୬ କିମି ଦୂରରେ ଏକ ପାହାଡ଼ ଉପରେ ବିମାନର ଧ୍ୱଂସାବଶେଷ ମିଳିଛି। ବିମାନ ଖବାରୋଭସ୍କରୁ ବ୍ଲାଗୋଭେଶ୍ଚେନସ୍କ ଦେଇ ଟିଣ୍ଡା ଯାଉଥିଲା। ଟିଣ୍ଡା ବିମାନ ବନ୍ଦରରେ ଅବତରଣ କରିବାକୁ ଯାଉଥିବା ବେଳେ ବିମାନ ରାଡାରରୁ ଅଦୃଶ୍ୟ ହୋଇଥିଲା ଓ ସମ୍ପର୍କ ମଧ୍ୟ ଛିନ୍ନ ହୋଇଯାଇଥିଲା। ପ୍ରଥମେ ବିମାନ ଟିଣ୍ଡା ବିମାନ ବନ୍ଦରରେ ଅବତରଣ କରିବାକୁ ପ୍ରୟାସ କରି ବିଫଳ ହୋଇଥିଲା। ଦ୍ୱିତୀୟ ଥର ଅବତରଣ କରିବାକୁ ପ୍ରୟାସ କଲା ବେଳେ ଏହା ରାଡାରରୁ ଅଦୃଶ୍ୟ ହୋଇଥିଲା। ଟିଣ୍ଡା ରୁଷ ରାଜଧାନୀ ▶ପୃଷ୍ଠା-୭


# ଅନୀଲ ଅମ୍ବାନୀଙ୍କ ୫୦ କମ୍ପାନୀ ଉପରେ ଇଡି ଚଢ଼ଉ

## ୩୦୦୦ କୋଟିର ଋଣ ଠକେଇ ମାମଲା

■ ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଫାଶରେ ପଡିଛନ୍ତି ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନୀଲ ଅମ୍ବାନୀ। ରିଲାଏନ୍ସ ଗ୍ରୁପ୍ (ଆର୍‌ଏଏଜିଏ) ସହ ଜଡିତ ମାମଲାରେ ଇଡି ଚଢ଼ଉ କରିଛି। ଅନୀଲଙ୍କ କମ୍ପାନୀ ବିରୋଧରେ ମନି ଲଣ୍ଡରିଂ ମାମଲାରେ ଇଡି ଦିଲ୍ଲୀ ଏବଂ ମୁମ୍ବାଇ ସମେତ ଦେଶର ୩୫ରୁ ଅଧିକ ସ୍ଥାନରେ ଚଢଉ କରିଛି। ତଦନ୍ତରେ ଅନୀଲଙ୍କ ବିରୋଧରେ ୩୦୦୦ କୋଟି ଟଙ୍କାର ଋଣ ଘୋଟାଲା, କାଗଜପତ୍ର ଜାଲିଆତି ଏବଂ ଜାଲ କମ୍ପାନୀ ମାଧ୍ୟମରେ ଅର୍ଥ ହେରଫେରର ପ୍ରମାଣ ମିଳିଛି। ଏହି ମାମଲା ମନିଲଣ୍ଡରିଂ ସହିତ ଜଡିତ, ଯେଉଁଥିରେ ହଜାର ହଜାର କୋଟି ଟଙ୍କାର ଅନିୟମିତତା ହୋଇଥିବା ସନ୍ଦେହ କରାଯାଉଛି। ଇଡି ମନିଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ଏହି ଚଢ଼ଉ କରିଛି। କୁହାଯାଉଛି ଯେ ଏଥିରେ ଅନୀଲ ଅମ୍ବାନୀଙ୍କ ସହ ଜଡିତ ପ୍ରାୟ ୫୦ଟି କମ୍ପାନୀ ଏବଂ ୨୫ ରୁ ଅଧିକ ବ୍ୟକ୍ତିବିଶେଷଙ୍କ ଠିକଣାରେ ଚଢ଼ଉ କରାଯାଉଛି। ସିବିଆଇ ଅନୀଲଙ୍କ କମ୍ପାନୀ ବିରୋଧରେ ଦୁଇଟି ପୃଥକ ଏଫ୍‌ଆଇଆର୍ ରୁଜୁ କରିଥିବା ବେଳେ ଇଡି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କୁହାଯାଉଛି ଯେ ଏକ ସୁଚିନ୍ତିତ ଯୋଜନା ମୁତାବକ ବ୍ୟାଙ୍କ, ନିବେଶକ ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ଠକେଇ କରାଯାଇଥିଲା। ଏମିତିକି ୟସ୍ ▶ପୃଷ୍ଠା-୭

## ସରକାରଙ୍କୁ ନବୀନଙ୍କ 'ମହାନଦୀ' ପ୍ରଶ୍ନ

# ସ୍ପଷ୍ଟ କରନ୍ତୁ 'ଆପୋସ' ସଂଜ୍ଞା



- ମହାନଦୀ ଓଡ଼ିଶାର ଆତ୍ମା, ଜୀବନରେଖା
- ଦୁର୍ବଳ କରାଯାଉଛି କି ଓଡ଼ିଶାର ନ୍ୟାଯ୍ୟ ଦାବି
- ରାଜ୍ୟବାସୀଙ୍କୁ କାହିଁକି ବିଶ୍ୱାସକୁ ନିଆଯାଉନି
- ଆଇନଗତ ଲଢ଼େଇ ଜାରି ରଖିବେ ନା ଓହରିବେ
- ସର୍ବଦଳୀୟ ବୈଠକ ଡାକନ୍ତୁ ରାଜ୍ୟ ସରକାର

■ ଭୁବନେଶ୍ୱର, ୨୪।୭ (ସମିସ): ମହାନଦୀ ଜଳ ବିବାଦ ସମସ୍ୟାକୁ ନେଇ ଆଜି ରାଜ୍ୟ ସରକାରଙ୍କ ସାମ୍ନାରେ ଏକାଧିକ ଗମ୍ଭୀର ପ୍ରଶ୍ନ ଉପସ୍ଥାପନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଆପୋସ ବୁଝାମଣା ଜରିଆରେ ମହାନଦୀ ଜଳ ସମସ୍ୟାର ସମାଧାନ ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି ବୋଲି ସରକାରୀ ଭାବେ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ(ଏଜି) ମଧ୍ୟ ଏ ନେଇ ସୂଚନା ଦେଇଛନ୍ତି। ତେବେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା ହୋଇଥିବା ଏହି ପାରସ୍ପରିକ ବୁଝାମଣା (ଆପୋସ) କ'ଣ ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଓଡ଼ିଶା କ'ଣ ଆଇନଗତ ଲଢ଼େଇରୁ ଓହରିଯିବା ପାଇଁ ନିଜକୁ ପ୍ରସ୍ତୁତ କରୁଛି କି ବୋଲି ନବୀନ ପ୍ରଶ୍ନ ଉଠାଇବା ସହ ଏହାଦ୍ୱାରା ଓଡ଼ିଶାର ହକ୍ ପ୍ରଭାବିତ ହେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ଏପରିକି ମହାନଦୀ ପାଣିକୁ ନେଇ ଓଡ଼ିଶାର ଯଥାର୍ଥ ଓ ନ୍ୟାଯ୍ୟ ଦାବିକୁ କଣ ବନ୍ଦଦ୍ୱାର ପଛପଟେ ଦୁର୍ବଳ କରିଦିଆଯାଉଛି ବୋଲି ନବୀନ ଶାଣିତ ପ୍ରଶ୍ନ କରିଛନ୍ତି। ବିରୋଧୀ ଦଳଙ୍କୁ ବିଶ୍ୱାସକୁ ନେଇ ରାଜ୍ୟ ସରକାର ତୁରନ୍ତ ସର୍ବଦଳୀୟ ବୈଠକ ଡାକିବା ଆବଶ୍ୟକ ବୋଲି ପରାମର୍ଶ ଦେଇଛନ୍ତି ନବୀନ ପଟ୍ଟନାୟକ।

ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ସୂଚନା ଦେଇ ନବୀନ କହିଛନ୍ତି ଯେ ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଛତିଶଗଡ଼ର ବିଜେପି ସରକାରଙ୍କ ସହିତ କେଉଁ ପ୍ରକାରର ଆପୋସ ବୁଝାମଣା ପାଇଁ ବିଚାର କରାଯାଉଛି କିମ୍ବା ଏନେଇ ନିଷ୍ପତ୍ତି ନିଆସରିଛି, ତାହା ସରକାର ସର୍ବଦଳୀୟ ବୈଠକରେ ସ୍ପଷ୍ଟ କରିବା ଉଚିତ। ଓଡ଼ିଶା କ'ଣ ଆଇନଗତ ପଥରୁ ଓହରି ଯାଉଛି ନା ଟ୍ରିବ୍ୟୁନାଲରେ ନିଜ ଲଢ଼େଇ ଜାରି ରଖିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଆସନ୍ତା ଅଗଷ୍ଟ ୨ ତାରିଖରେ ଟ୍ରିବ୍ୟୁନାଲରେ ପରବର୍ତ୍ତୀ ଶୁଣାଣି ନେଇ ତାରିଖ ଧାର୍ଯ୍ୟ ହୋଇଛି। ଶୁଣାଣିକୁ ଆଉ ମାତ୍ର ୮ ଦିନ ବାକି ରହିଛି। ହାତରେ ଏତେ କମ୍ ସମୟ ଥିଲେ ମଧ୍ୟ ସରକାର ଏନେଇ ଚୁପ୍ କଣ ପାଇଁ ବୋଲି ପ୍ରଶ୍ନ କରିଛନ୍ତି ନବୀନ। ସରକାର କାହିଁକି ବିଭିନ୍ନ ରାଜନୈତିକ ଦଳ, ଅଂଶୀଦାର ଏବଂ ସାଧାରଣ ଲୋକଙ୍କୁ ବିଶ୍ୱାସକୁ ନେଉନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି। ▶ପୃଷ୍ଠା-୭

# ବିହାର ଭୋଟର ତାଲିକା ପ୍ରସଙ୍ଗରେ ସଂସଦ ଅଚଳ



■ ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦର ଉଭୟ ଗୃହ ଆଜି ମଧ୍ୟ ଅଚଳ ରହିଛି। ଚଳିତ ମୌସୁମୀ ଅଧିବେଶନର ପ୍ରଥମ ଦିନ (ସୋମବାର) ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ଆଲୋଚନା ଦାବିରେ ବିରୋଧୀ ସଭ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦ ଅଚଳ ରହିଥିବା ବେଳେ ଅବଶିଷ୍ଟ ତିନି ଦିନ ବିହାର ପ୍ରସଙ୍ଗରେ ଅଚଳ ରହିଛି। ବିରୋଧୀ ଦଳମାନେ ଅଭିଯୋଗ କରିଛନ୍ତି ଯେ ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନରେ ଲକ୍ଷାଧିକ ବୈଧ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଏହା ଏକ ଗୁରୁତର ପ୍ରସଙ୍ଗ ହୋଇଥିବାରୁ ସଂସଦରେ ଏହା ଉପରେ ଆଲୋଚନା କରାଯିବା ଉଚିତ। ▶ପୃଷ୍ଠା-୭

## ଆମେରିକୀୟ ଆଇଟି କମ୍ପାନୀଙ୍କୁ ଟ୍ରମ୍ପଙ୍କ ନିର୍ଦ୍ଦେଶ

# ଭାରତୀୟଙ୍କୁ ଚାକିରି ଦିଅନି



- ଆମେରିକୀୟଙ୍କ ପାଇଁ ପ୍ରଥମେ ଚାକିରି ଦିଅ
- ଚୀନ୍‌ରେ କାରଖାନା ସ୍ଥାପନ ବନ୍ଦ କର

■ ୱାଶିଂଟନ୍, ୨୪।୭ (ଏଜେନ୍ସି): ବିବାଦୀୟ ବୟାନ ପାଇଁ ଜଣାଶୁଣା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଆଉ ଏକ ତୋଗଲକୀ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥର ଟ୍ରମ୍ପ ଗୁଗଲ, ମାଇକ୍ରୋସଫ୍ଟ ଏବଂ ମେଟା (ଫେସବୁକ୍) ଭଳି ଦେଶର ବଡ଼ ବଡ଼ ଟେକ୍ କମ୍ପାନୀଗୁଡ଼ିକୁ ଏକ କଡ଼ା ବାର୍ତ୍ତା ଦେଇ ଭାରତୀୟମାନଙ୍କୁ ଚାକିରି ନ ଦେବାକୁ ରୋକ୍‌ଠୋକ୍ ମନା କରିଦେଇଛନ୍ତି।

ବୁଧବାର ୱାଶିଂଟନଠାରେ ଏକ ଏଆଇ ସମ୍ମିଳନୀରେ ଟ୍ରମ୍ପ କହିଛନ୍ତି ଯେ ଆମେରିକୀୟ କମ୍ପାନୀଗୁଡ଼ିକ ଏବେ ଚୀନରେ କାରଖାନା ନିର୍ମାଣ କରିବା କିମ୍ବା ଭାରତୀୟ ଟେକ୍ କର୍ମଚାରୀଙ୍କୁ ଚାକିରି ଦେବା ପରିବର୍ତ୍ତେ ନିଜ ଦେଶରେ ଚାକିରି ସୃଷ୍ଟି କରିବା ଉପରେ ଧ୍ୟାନ ଦେବା ଉଚିତ୍। ଟ୍ରମ୍ପ ଟେକ୍ ଶିଳ୍ପର ବିଶ୍ୱବାଦୀ ମାନସିକତାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଏହି ମନୋଭାବ ▶ପୃଷ୍ଠା-୭

## ଲୋକସେବା ଭବନରୁ ନକଲି ପାସ୍‌ଧାରୀ ଗିରଫ

■ ଭୁବନେଶ୍ୱର, ୨୪।୭ (ସମିସ): ଲୋକସେବା ଭବନ ଗେଟ୍‌ରୁ ନକଲି ପାସଧାରୀକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲୁଗାଁର ସନ୍ଦୀପ କୁମାର ପ୍ରଧାନ (୩୦)। ପୁଲିସ ସୂଚନା ଅନୁସାରେ, ବୁଧବାର ଅପରାହ୍ଣରେ ସନ୍ଦୀପ ଲୋକସେବା ଭବନର ଗେଟ୍ ନମ୍ବର ୬ରେ ପରିଚୟପତ୍ର (ପାସ୍) ଦେଖାଇ ଭିତରକୁ ଯିବାକୁ ଉଦ୍ୟମ କରୁଥିଲା। ସେହି ସମୟରେ ଡ୍ୟୁଟିରେ ଥିବା ଏସ୍‌ଆଇ ମନୋରଞ୍ଜନ ମହାନ୍ତି ଉକ୍ତ ପାସ୍ ନକଲି ବୋଲି ସନ୍ଦେହ ▶ପୃଷ୍ଠା-୭

# ବିକ୍ରିହେବ ୮ ରାଷ୍ଟ୍ରାୟତ୍ତ କମ୍ପାନୀ

## ୫ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର କରିବେ କେନ୍ଦ୍ର ସରକାର

- ଡିସେମ୍ବର ସୁଦ୍ଧା ସରିବ ଆଇଡିବିଆଇ ବ୍ୟାଙ୍କ ବିକ୍ରୟ ପ୍ରକ୍ରିୟା
- ସୂଚୀରେ ରହିଛି ସିଫି କର୍ପୋରେସନ, ହିନ୍ଦୁସ୍ତାନ ଲାଟେକ୍ସ

■ ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର କେତେଗୁଡ଼ିଏ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ୮ଟି ରାଷ୍ଟ୍ରାୟତ୍ତ କମ୍ପାନୀ ବିକ୍ରି ସହ ୫ଟି ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର ପାଇଁ ଆପାତତଃ ନିଷ୍ପତ୍ତି ନେଇଛନ୍ତି। ସୂଚନା ଅନୁସାରେ ପ୍ରଥମ ପର୍ଯ୍ୟାୟରେ ୮ଟି ବଡ଼ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ବିକ୍ରି ସୂଚୀରେ ରଖାଯାଇଛି। ଏହା ମଧ୍ୟରେ ରହିଛି ଭାରତ ଆର୍ଥ ମୁଭର୍ସ ଲିମିଟେଡ୍(ବିଇଏମ୍‌ଏଲ), ସିଫି କର୍ପୋରେସନ୍ ଅଫ୍ ଇଣ୍ଡିଆ(ସିପିଆଇ), ହିନ୍ଦୁସ୍ତାନ ଲାଟେକ୍ସ ଲିମିଟେଡ୍ (ଏଚ୍‌ଏଲ୍‌ଏଲ୍) ଲାଇଫକେୟାର୍ ଲିମିଟେଡ୍, ପ୍ରୋଜେକ୍ଟସ୍ ଆଣ୍ଡ ଡେଭଲପମେଣ୍ଟ ଇଣ୍ଡିଆ ଏବଂ ଇଣ୍ଡିଆନ୍ ମେଡିସିନ୍ସ ଫାର୍ମାସ୍ୟୁଟିକାଲ୍ କର୍ପୋରେସନ୍। ଏହି କମ୍ପାନୀଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର ଦ୍ୱାରା କେନ୍ଦ୍ର ସରକାର ୮୦ ହଜାର କୋଟି ଟଙ୍କା ସଂଗ୍ରହ କରିବେ ବୋଲି ଅନୁମାନ କରାଯାଉଛି। ▶ପୃଷ୍ଠା-୭

# ଜୀବନ ହାରିଲେ ଦିବ୍ୟାଙ୍ଗ ଛାତ୍ରୀ

- ବାହା ନ ହେଲେ ଭିଡିଓ ଭାଇରାଲ ଧମକ ଦେଇଥିଲା ଯୁବକ
- ମାନସିକ ଚାପ ସହ୍ୟ କରି ନ ପାରି ଓଢଣୀରେ ଝୁଲିପଡ଼ିଲେ
- ଅଭିଯୁକ୍ତକୁ ଗିରଫ କରିବା ପାଇଁ ପରିବାର ଲୋକଙ୍କ ଦାବି

■ ଭୁବନେଶ୍ୱର, ୨୪।୭ (ସମିସ): ରାଜ୍ୟରେ ମହିଳା ନିର୍ଯାତନା ଘଟଣା ପ୍ରତିଦିନ ପଦାକୁ ଆସୁଥିବା ବେଳେ ଆଜି ଭୁବନେଶ୍ୱରରୁ ଏଭଳି ଘଟଣା ଦେଖିବାକୁ ମିଳିଛି। ଜଣେ ଦିବ୍ୟାଙ୍ଗ ଛାତ୍ରୀ ବ୍ଲାକ୍‌ମେଲିଂର ଶିକାର ହୋଇ ଶେଷରେ ଓଢ଼ଣୀ ଲଗାଇ ଝୁଲି ପଡ଼ିଛନ୍ତି। ଚନ୍ଦ୍ରଶେଖରପୁର ଥାନା ଡମଣାସାହିରେ ଏଭଳି ଘଟଣା ଘଟିଛି। ମୃତ ଯୁବତୀଜଣଙ୍କ ହେଲେ ରାୟଗଡ଼ା ଜିଲ୍ଲାର ଅନୁପମା ନାୟକ। ଖବର ପାଇ ପୁଲିସ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ପୁଲିସ କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି।

ଏହି ମାମଲାରେ ପରିବାର ଲୋକ ସଂଗିନ ଅଭିଯୋଗ ଆଣି କହିଛନ୍ତି ଯେ ତାଙ୍କ ଝିଅ ଆତ୍ମହତ୍ୟା ପଛରେ ଜଣେ ଯୁବକଙ୍କ ହାତ ରହିଛି। ତୁରନ୍ତ ସେହି ଯୁବକକୁ ଗିରଫ କରିବା ପାଇଁ ସେମାନେ ଦାବି କରିଛନ୍ତି। ଯୁବକଜଣଙ୍କ ୩ ମାସ ତଳେ ଜବରଦସ୍ତି ବିବାହ କରିବାକୁ ଛାତ୍ରୀଙ୍କୁ ଧମକ ଦେଇଥିଲେ। ବିବାହ ନ କଲେ ଭିଡିଓ ଭାଇରାଲ କରିବାକୁ କହିଥିଲେ। ଯେଉଁଥିପାଇଁ ଛାତ୍ରୀଜଣଙ୍କ ମାନସିକ ଚାପରେ ରହୁଥିଲେ। ଏହି କାରଣରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକ କହିଛନ୍ତି। ପୁଲିସ ତଦନ୍ତ କରି ଉକ୍ତ ଯୁବକଙ୍କୁ ଗିରଫ କଲେ ତାଙ୍କ ଝିଅକୁ ନ୍ୟାୟ ମିଳିବ ବୋଲି କହିଛନ୍ତି। ଛାତ୍ରୀଜଣଙ୍କ ଏକ ବର୍ଷ ହେବ ଭୁବନେଶ୍ୱର ଆସି ଚନ୍ଦ୍ରଶେଖରପୁର ଥାନା ଡମଣାସାହିରେ ରହୁଥିଲେ। ପ୍ରଥମେ ସେ ଏକ ▶ପୃଷ୍ଠା-୭




# ହିମାଚଳରେ ଭୂସ୍ଖଳନ, ୧୩୭ ମୃତ, ୩୪ ନିଖୋଜ୍

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଗତ ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀ, ଗୋଆ, ତେଲଙ୍ଗାନା ସହିତ ୬ଟି ରାଜ୍ୟରେ ପ୍ରବଳ ବର୍ଷା ହୋଇଛି। ପ୍ରବଳ ବର୍ଷା କାରଣରୁ ହିମାଚଳ ପ୍ରଦେଶରେ ଭୂସ୍ଖଳନ ହୋଇଛି। ଫଳରେ ଦୁଇଟି ଜାତୀୟ ରାଜପଥ ସମେତ ୩୮୫ ସଡକ ବନ୍ଦ ରହିଛି। ହିମାଚଳରେ ଜୁନ୍ ୨୨ରୁ ମୌସୁମୀ ପ୍ରବେଶ କରିଥିଲା ଓ ଏପର୍ଯ୍ୟନ୍ତ ବର୍ଷା ଜନିତ କାରଣରୁ ୧୩୭ ଜଣ ମୃତ୍ୟୁବରଣ କରିଛନ୍ତି ଓ ୩୪ ଜଣ ନିଖୋଜ ହୋଇଛନ୍ତି। ଏଥିସହ ୧୩୮୨ କୋଟି ଟଙ୍କାର ସରକାରୀ ଓ ବେସରକାରୀ ସମ୍ପତ୍ତି ନଷ୍ଟ ହୋଇଛି ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ସେହିପରି ଦିଲ୍ଲୀ- ଏନ୍‌ସିଆରରେ ପ୍ରବଳ ବର୍ଷା କାରଣରୁ ସଡକ ଉପରେ ୩ ଫୁଟ ଉଚ୍ଚର ପାଣି ଜମି ରହିଛି। ନୋଏଡାରେ ୫ କିମି ଲମ୍ବର ଟ୍ରାଫିକ ଜାମ୍ ଦେଖିବାକୁ ମିଳିଛି।

# ଅଷ୍ଟ୍ରେଲିଆରେ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ

ମେଲବର୍ଣ୍ଣ, ୨୪।୭(ଏଜେନ୍ସି): ଅଷ୍ଟ୍ରେଲିଆରେ ବର୍ଣ୍ଣବୈଷମ୍ୟ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ମେଲବର୍ଣ୍ଣସ୍ଥିତ ଏକ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ କରାଯିବା ଭଳି ଘଟଣା ସାମ୍ନାକୁ ଆସିଛି। ଗତ ୨୧ ତାରିଖରେ ସ୍ୱାମୀ ନାରାୟଣ ମନ୍ଦିରରେ ବର୍ଣ୍ଣବୈଷମ୍ୟ ଆକ୍ଷେପ କରି ଦୁର୍ବୃତ୍ତମାନେ ଲାଲ୍ ରଙ୍ଗରେ କିଛି ଲେଖିବା ଏହାକୁ ବିକୃତ କରିଛନ୍ତି। ଏହାକୁ ନେଇ ଏହି ଅଞ୍ଚଳରେ ରହୁଥିବା ଭାରତୀୟ ସମୁଦାୟ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ନିକଟସ୍ଥ ଦୁଇଟି ଏସୀୟ ରେଷ୍ଟୁରାଁ କାନ୍ଥରେ ମଧ୍ୟ ସମାନ ପ୍ରକାରର ବର୍ଣ୍ଣବୈଷମ୍ୟ ମନ୍ତବ୍ୟ ତଥା ଅପଶବ୍ଦ ଲେଖାଯାଇଛି। ଏହି ଘଟଣାକୁ ହିନ୍ଦୁ କାଉନସିଲ ଅଫ୍ ଅଷ୍ଟ୍ରେଲିଆ ନିନ୍ଦା କରିଛି। ଏହାକୁ ଭିକ୍ଟୋରିଆ ପ୍ରଧାନମନ୍ତ୍ରୀ ଜସିଣ୍ଟ ଏଲନ ମଧ୍ୟ ନିନ୍ଦା ସହ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେଇଛନ୍ତି।

# ଦୁର୍ନୀତି ଚାପ : ଆତ୍ମହତ୍ୟା କଲେ ମହିଳା ଇଞ୍ଜିନିୟର

ଗୌହାଟୀ, ୨୪।୭(ଏଜେନ୍ସି): ଆସାମରେ ଜଣେ ମହିଳା ଇଞ୍ଜିନିୟର ଆତ୍ମହତ୍ୟା କରିଛନ୍ତି। ମିଛ ବିଲ୍ କରିବା ନେଇ ଚାପର ସମ୍ମୁଖୀନ ହୋଇ ନପାରି ୩୦ ବର୍ଷୀୟା ସହକାରୀ ଯନ୍ତ୍ରୀ ଜ୍ୟୋତିଶା ଦାସ ତାଙ୍କ ଭଡ଼ା ଘରେ ଏହି ଚରମ ନିଷ୍ପତ୍ତି ନେଇଛନ୍ତି। ଦୁଇ ଜଣ ବରିଷ୍ଠ ଅଧିକାରୀ ମିଛ ବିଲ କରିବାକୁ ତାଙ୍କ ଉପରେ ଚାପ ପକାଉଥିଲେ ବୋଲି ସେ ସୁସାଇଡ୍ ନୋଟ୍‌ରେ ଉଲ୍ଲେଖ କରିଛନ୍ତି। ଏକ ଅଧାପନ୍ତରିଆ କାମ ନେଇ ଫେକ୍ ବିଲ୍ କରିବାକୁ ଏହି ଦୁଇ ଅଧିକାରୀ କ୍ରମାଗତ ଭାବେ ଚାପ ପକାଉଥିଲେ ଓ ସେ ପ୍ରବଳ ମାନସିକ ଚାପର ସମ୍ମୁଖୀନ ହୋଇଥିଲେ। ଅଫିସ୍‌ରେ କେହି ମୋତେ ଗାଇଡ୍ କରିବାକୁ ନଥିଲେ ବୋଲି ଜ୍ୟୋତିଶା ଏଥିରେ ଉଲ୍ଲେଖ କରିଛନ୍ତି। ଦୁଇ ବରିଷ୍ଠ ଅଧିକାରୀ ଦୀନେଶ ମେଧି ଶର୍ମା ଓ ଅମିନୁଲ ଇସଲାମଙ୍କୁ ପୁଲିସ ଗିରଫ କରିଛି।

# ମୁଖବନ୍ଧରୁ ହଟିବ ନାହିଁ 'ସାମାଜିକ, ଧର୍ମନିରପେକ୍ଷ'

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଭାରତୀୟ ସମ୍ବିଧାନର ମୁଖବନ୍ଧ ବା ପ୍ରିଆମ୍ବଲରୁ ହଟିବ ନାହିଁ ସାମାଜିକ ଓ ଧର୍ମନିରପେକ୍ଷ ଶବ୍ଦ। କେନ୍ଦ୍ର ସରକାର ଆଜି ଏହା ସ୍ପଷ୍ଟ କରିଦେଇଛନ୍ତି। ରାଜ୍ୟସଭାରେ ଆଇନ ମନ୍ତ୍ରୀ ଆଜି ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ ଏସଂପର୍କରେ କେନ୍ଦ୍ର ସରକାରଙ୍କର କୌଣସି ଯୋଜନା ନାହିଁ। ସାମଜିକ ଗଣମାଧ୍ୟମରେ ଏହାକୁ ନେଇ ଯେଉଁ ଚର୍ଚ୍ଚା ଚାଲିଛି ତାହା ସହିତ ସରକାରଙ୍କର କୌଣସି ସଂପର୍କ ନାହିଁ। କାରଣ ଏହାପୂର୍ବରୁ ସୁପ୍ରିମ କୋର୍ଟ ଏସଂକ୍ରାନ୍ତ ମାମଲାକୁ ଖାରଜ ଦେଇ ସାରିଛନ୍ତି। ଆଇନ ମନ୍ତ୍ରୀ ଅର୍ଜୁନ ମେଘୱାଲ କହିଛନ୍ତି ଯେ ସମ୍ବିଧାନରେ ଏଭଳି ସଂଶୋଧନ ପାଇଁ ବ୍ୟାପକ ଆଲୋଚନା ଓ ସହମତିର ଆବଶ୍ୟକତା ରହିଛି। କିନ୍ତୁ ସରକାର ଏସଂପର୍କରେ ଚିନ୍ତା କରି ନାହାନ୍ତି। ୧୯୭୫ରେ ଜରୁରୀ ପରିସ୍ଥିତି ସମୟରେ ଏହି ଦୁଇଟି ଶବ୍ଦକୁ ଯୋଡ଼ାଯାଇଥିଲା।

# ଅମିତାଭ, ଆମୀରଙ୍କ କାରକୁ ୩୮ ଲକ୍ଷ ଟଙ୍କା ଜରିମାନା

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ବଲିଉଡ ତାରକା ଅମିତାଭ ବଚ୍ଚନ ଓ ଆମୀର ଖାନ୍‌ଙ୍କ ନାମରେ ଥିବା ଦୁଇଟି ରୋଲ୍ସ ରୟସ ବିଳାସପୂର୍ଣ୍ଣ କାର ଉପରେ ଜରିମାନା ଧାର୍ଯ୍ୟ କରାଯାଇଛି। ବେଙ୍ଗାଲୁରୁରେ ରୋଡ ଟ୍ୟାକ୍ସ ନ ଦେବା କାରଣରୁ ଏହି ଜରିମାନା ବୃଦ୍ଧିପାଇ ୧୮ ଓ ୨୦ ଲକ୍ଷ ଟଙ୍କାରେ ପହଞ୍ଚିଛି। କିନ୍ତୁ ଏହି ଦୁଇଟି କାର ଅମିତାଭ କିମ୍ବା ଅମୀରଙ୍କ ନୁହଁ ବୋଲି ଜଣାପଡ଼ିଛି। ଦୁଇଟି ଯାକ କାର ଏବେ ଜଣେ ସ୍ଥାନୀୟ ବ୍ୟବସାୟୀ ତଥା ରାଜନେତା ୟୁସୁଫ୍ ଶରିଫ୍‌ଙ୍କ ନାମରେ ରହିଛି। ସେ ନିୟମିତ ଭାବେ ଏହି କାର ବ୍ୟବହାର କରୁଥିଲେ। ସେ କିଛି ବର୍ଷ ପୂର୍ବେ ଅମିତାଭ ଓ ଆମୀରଙ୍କଠାରୁ ଏହି କାର କ୍ରୟ କରିଥିଲେ। କିନ୍ତୁ ସେ ମାଲିକାନାକୁ ନିଜ ନାମକୁ ଟ୍ରାନ୍ସଫର କରି ନଥିଲେ। ଶରିଫ କେଜିଏଫ୍ ବାବୁ ନାମରେ ପରିଚିତ। ସେ କର୍ଣ୍ଣାଟକର ଖଣି ସହର କୋଲାର ଗୋଲ୍ଡ ଫିଲ୍ଡସ (କେଜିଏଫ୍)ର ମୂଳ ନିବାସୀ ଅଟନ୍ତି। ଏହି ସ୍ଥାନ ସୁପରହିଟ୍ ସିନେମା କେଜିଏଫ୍ ମୁକ୍ତିଲାଭ କରିବା ପରେ ବେଶ୍ ଲୋକପ୍ରିୟ ହୋଇଥିଲା।

# ଏନ୍‌ସିଇଆରଟିର ନୂଆ ଗଣିତ ବହି

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଏନ୍‌ସିଇଆରଟି କ୍ଲାସ ୮ ପାଇଁ ନୂଆ ଗଣିତ ବହି ଆରମ୍ଭ କରିଛି। ଏହାର ନାମ ଗଣିତ ପ୍ରକାଶ ରଖାଯାଇଛି। ଏହି ବହି ଏନ୍‌ସିଇଆରଟିର ୱେବପୋର୍ଟାଲରେ ଉପଲବ୍ଧ। ଏହି ବହି ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ଓ ଜାତୀୟ ପାଠ୍ୟ ଚର୍ଚ୍ଚାର ରୂପରେଖର ଠିକ୍ ଅନୁରୂପ। ଭାରତୀୟ ଗାଣିତିକ ପରମ୍ପରା ଓ ତତ୍ତ୍ୱକୁ ଭିତ୍ତି କରି ଏହି ପୁସ୍ତକ ଲେଖା ହୋଇଛି ଓ ଏହା ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବାରେ ସମର୍ଥ ହେବ ବୋଲି ଆଶା କରାଯାଉଛି। କ୍ରୀଡ଼ା ଆଧାରିତ ଏହି ପୁସ୍ତକ ପିଲାମାନଙ୍କୁ ଗଣିତ ଶିକ୍ଷା ଦେବାରେ ନୂଆ ଦିଶା ପ୍ରଦାନ କରିବ। ବାସ୍ତବିକ ଦୈନନ୍ଦିନ ଜୀବନ ସହ ଏହ ବହିର ପ୍ରାସଙ୍ଗିକତା ରହିବ ବୋଲି ଆଶା କରାଯାଉଛି। ଏହି ନୂଆ ଗଣିତ ପୁସ୍ତକ ପିଲାମାନଙ୍କୁ ପଢ଼ିବାକୁ ଉତ୍ସାହିତ କରିବ। ଏନ୍‌ସିଇଆରଟି ମଧ୍ୟ ବିଜ୍ଞାନ, ସାମାଜିକ ବିଜ୍ଞାନ, ଇଂରାଜୀ ଓ ହିନ୍ଦୀ ବହି ଲଞ୍ଚ୍ କରିଛି।

# ଅହମଦାବାଦ ବିମାନ ଦୁର୍ଘଟଣା ପରେ ଛୁଟି ନେଇଥିଲେ ୧୧୨ ଏୟାର ଇଣ୍ଡିଆ ପାଇଲଟ୍



ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଅହମଦାବାଦ୍ ବିମାନ ଦୁର୍ଘଟଣାର ୪ ଦିନପରେ ଏୟାର ଇଣ୍ଡିଆର ୧୧୨ ଜଣ ପାଇଲଟ୍ ଛୁଟି ନେଇଥିଲେ। ଅସୁସ୍ଥତା କାରଣ ଦର୍ଶାଇ ପାଇଲଟ୍‌ମାନେ ଛୁଟି ନେଇଥିଲେ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାୟୁଡୁ ସଂସଦରେ କହିଛନ୍ତି। ଜୁନ୍ ୧୬ରେ ୬୧ ଜଣ ସିନିଅର ପାଇଲଟ୍ ଓ ୫୧ ଜଣ ଫ୍ଲାଇଟ୍ ଅଫିସର ଛୁଟି ପାଇଁ ଆବେଦନ କରିଥିଲେ। ତେଣୁ ବିମାନ ଦୁର୍ଘଟଣା ପରେ ପାଇଲଟମାନଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ ଓ ଏହାକୁ ଠିକ୍ କରିବା ପାଇଁ ବ୍ୟବସ୍ଥା କରିବା ଜରୁରୀ ବୋଲି ସେ କହିଛନ୍ତି। ପାଇଲଟମାନଙ୍କ ପାଇଁ ସପୋର୍ଟ ଗ୍ରୁପ୍ ଗଠନ କରିବାକୁ ପରାମର୍ଶ ଦିଆଯାଇଛି। ସେପଟେ ଡିଜିସିଏ (ଡାଇରେକ୍ଟୋରେଟ ଜେନେରାଲ ଅଫ୍ ସିଭିଲ ଆଭିଏସନ) ଏୟାର ଇଣ୍ଡିଆକୁ ୪ଟି କାରଣ ଦର୍ଶାଅ ନୋଟିସ ଜାରି କରିଛି। କ୍ୟାବିନ କ୍ରୁ ମେମ୍ବରଙ୍କ ଡ୍ୟୁଟି ନିୟମ, ଟ୍ରେନିଂ ରୁଲ, ଅପରେସନ ପ୍ରସିଡ୍ୟୁଅରର ଉଲ୍ଲଂଘନକୁ ନେଇ ଏହି ନୋଟିସ ଜାରି କରାଯାଇଛି। ଜୁନ୍ ୧୨ରେ ଅହମଦାବାଦ୍‌ରେ ବିମାନ ଦୁର୍ଘଟଣାରେ ମୋଟ ୨୬୦ଜଣ ପ୍ରାଣ ହରାଇଥିବା ବେଳେ ୬୮ ଜଣ ଆହତ ହୋଇଥିଲେ।

# ମନ୍ଦିର ପାଇଁ ଥାଇଲାଣ୍ଡ-କାମ୍ବୋଡିଆ ସଂଘର୍ଷ



## ୧୨ ଥାଇ ନାଗରିକ ମୃତ; ଥାଇଲାଣ୍ଡର ପାଲଟା ଆକ୍ରମଣ, ଶତାଧିକ ଆହତ

ବ୍ୟାଙ୍କକ୍/ନୋମ ପେନ୍ହ, ୨୪।୭(ଏଜେନ୍ସି): ଗୁରୁବାର ସକାଳେ ଦୁଇ ପୂର୍ବ ଏସୀୟ ଦେଶ ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଛି। ଦୁଇଦେଶର ସୀମାର ଗୁଳିଗୋଳା ବର୍ଷଣ ହୋଇଛି। କାମ୍ବୋଡିଆ ସୈନିକଙ୍କ ଗୁଳିରେ ୧୨ ଜଣ ଥାଇଲାଣ୍ଡ ନାଗରିକ ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ୧୪ ଜଣ ଆହତ ହୋଇଛନ୍ତି। ଜବାବରେ ଥାଇଲାଣ୍ଡ ମଧ୍ୟ କାମ୍ବୋଡିଆର ସାମରିକ ଠିକଣା ଉପରେ ବିମାନରୁ ବୋମାମାଡ଼ କରିଛି। ଏକ ପୁରୁଣା ମନ୍ଦିର ବିବାଦକୁ ନେଇ ଦୁଇ ଦେଶ ମଧ୍ୟରେ ଏହି ସଂଘର୍ଷ ହୋଇଥିବା କୁହାଯାଉଛି।

ସୀମାରେ ଥାଇଲାଣ୍ଡ ସେନା ପ୍ରଥମେ ଗୁଳି ଚଳାଇଥିଲେ ବୋଲି କାମ୍ବୋଡିଆ ବୈଦେଶିକ ମନ୍ତ୍ରଣାଳୟ ଅଭିଯୋଗ କରିଛି। ଅପରପକ୍ଷରେ କାମ୍ବୋଡିଆ ପ୍ରଥମେ ଡ୍ରୋନ୍ ଆକ୍ରମଣ କରିଛି ସହିତ ତୋପ ଓ ରକେଟ ଦ୍ୱାରା ଆକ୍ରମଣ କରିଛି ବୋଲି ଥାଇଲାଣ୍ଡ ପାଲଟା ଅଭିଯୋଗ କରିଛି। ଗତ ମେ ୨୮ ରେ ଦୁଇଦେଶର ସୈନିକଙ୍କ ମଧ୍ୟରେ ପ୍ରଥମ ସଂଘର୍ଷ ହୋଇଥିଲା ଓ ଏଥିରେ ଜଣେ କାମ୍ବୋଡିଆ ସୈନିକ ମୃତ୍ୟୁବରଣ କରିଥିଲେ। ଏହାପରଠାରୁ ଦୁଇଦେଶ ମଧ୍ୟରେ ବିବାଦ ଓ ଉତ୍ତେଜନା ଜାରି ରହିଛି। ଥାଇଲାଣ୍ଡ ଇତିମଧ୍ୟରେ ତା'ର ସୀମାକୁ ଲାଗି ୮୬ଟି ଗାଁରୁ ୪୦ ହଜାର ନାଗରିକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛି। ସେହିପରି କାମ୍ବୋଡିଆରେ ରହୁଥିବା ଥାଇ ନାଗରିକଙ୍କୁ ଦେଶକୁ ଫେରିବାକୁ କୁହାଯାଇଛି।

ଉଲ୍ଲେଖଥାଉ କି, ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ଚାଲିଥିବା ବିବାଦ ୧୧୮ ବର୍ଷ ପୁରୁଣା। ପ୍ରୀହ ବିହାରର ପୁରୁଣା ଶିବ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳର ଅଧିକାରକୁ ନେଇ ଏହି ବିବାଦ ଚାଲୁ ରହିଛି। ଏହି ମନ୍ଦିରକୁ ଦୁଇ ଦେଶ ନିଜର ବୋଲି ଦାବି କରୁଛନ୍ତି ଓ ସେବେଠାରୁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଏହି ମନ୍ଦିର ବିବାଦରେ ଆନ୍ତର୍ଜାତିକ ନ୍ୟାୟାଳୟ ୧୯୬୨ରେ କାମ୍ବୋଡିଆ ସପକ୍ଷରେ ରାୟ ଦେଇଥିବା ବେଳେ ଥାଇଲାଣ୍ଡ ଏହାକୁ ମାନିବାକୁ ନାରାଜ। ତେବେ ୨୦୧୩ ପରେ ଦୁଇ ଦେଶ ମଧ୍ୟରେ ଏହାକୁ ନେଇ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି। ଇତିମଧ୍ୟରେ ସାନି ଉତ୍ତେଜନା ପରେ ଦୁଇ ଦେଶ ପରସ୍ପର ସହ କୂଟନୈତିକ ସଂପର୍କ ଛିନ୍ନ କରିଛନ୍ତି।

**ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲା**

# ହାଇକୋର୍ଟଙ୍କ ରାୟ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ମାମଲାରେ ବମ୍ବେ ହାଇକୋର୍ଟ ଦେଇଥିବା ରାୟ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ହାଇକୋର୍ଟ ଜୁଲାଇ ୨୧ରେ ସବୁ ୧୨ ଅଭିଯୁକ୍ତଙ୍କୁ ଖଲାସ କରିଥିଲେ। ମହାରାଷ୍ଟ୍ର ସରକାର ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ବୁଧବାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ସୁପ୍ରିମ କୋର୍ଟ ସେହି ରାୟ ଉପରେ ରୋକ୍ ଲଗାଇବା ସହିତ ସ୍ପଷ୍ଟ କରିଛନ୍ତି ଯେ ହାଇକୋର୍ଟ ରାୟ ପରେ ମୁକ୍ତ ହୋଇଥିବା ଅଭିଯୁକ୍ତମାନଙ୍କୁ ପୁଣି ଗିରଫ କରାଯିବ ନହିଁ। ଜଷ୍ଟିସ ଏମ୍‌ଏମ୍ ସୁନ୍ଦ୍ରେଶ ଓ ଏନ୍ କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ। ରାଜ୍ୟ ସରକାର ସମେତ ସବୁ ଅଭିଯୁକ୍ତଙ୍କୁ ସୁପ୍ରିମକୋର୍ଟଙ୍କ ତରଫରୁ ନୋଟିସ ଦିଆଯାଇଛି।

## ପୁଣି ଗିରଫ ହେବେନାହିଁ ମୁକ୍ତ ହୋଇଥିବା ବ୍ୟକ୍ତି

୧୯ ବର୍ଷ ତଳେ ୨୦୦୬ ଜୁଲାଇ ୧୧ରେ ହୋଇଥିବା ଏହି ଟ୍ରେନ୍ ବିସ୍ଫୋରଣରେ ୧୮୯ ଲୋକ ମୃତ୍ୟୁବରଣ କରିଥିଲେ ଓ ୮୨୪ ଜଣ ଆହତ ହୋଇଥିଲେ। ଏହି ଘଟଣାରେ ମୋଟ୍ ୧୩ ଜଣ ଅଭିଯୁକ୍ତ ଥିଲେ ଓ ଜଣେ ଅଭିଯୁକ୍ତ ମୃତ୍ୟୁବରଣ କରିଛନ୍ତି। ସବୁ ବିସ୍ଫୋରଣ ଫାଷ୍ଟକ୍ଲାସ୍ ବଗିରେ ହିଁ ହୋଇଥିଲା। ଦୀର୍ଘ ୧୯ ବର୍ଷ ପରେ ରାୟ ଦେଇ ହାଇକୋର୍ଟ ସବୁ ଅଭିଯୁକ୍ତଙ୍କୁ ଖଲାସ କରିଥିଲେ। ଦୋଷ ପ୍ରମାଣ କରିବାକୁ ସରକାରୀ ଓକିଲ ବିଫଳ ହୋଇଛନ୍ତି ବୋଲି ହାଇକୋର୍ଟ କହିଥିଲେ। ହାଇକୋର୍ଟଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେବା ଦିନ ୧୦ ଜଣ ଅଭିଯୁକ୍ତଙ୍କୁ ଜେଲ୍‌ରୁ ଖଲାସ କରାଯାଇଥିଲା।

# ଘରୋଇ ହିଂସାରେ ଦୁଇମାସ ପର୍ଯ୍ୟନ୍ତ ହେବନି ଗିରଫଦାରୀ

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ଘରୋଇ ହିଂସା ତଥା ଯୌତୁକ ନିର୍ଯାତନା ମାମଲାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ମାମଲା ରୁଜୁ ହେବାପରେ ଏବେ ଅଭିଯୁକ୍ତଙ୍କୁ ତୁରନ୍ତ ଗରିଫ କରାଯାଇପାରିବ ନାହିଁ। ମାମଲା ରୁଜୁ ହେବାର ଦୁଇମାସ ମଧ୍ୟରେ ଆବଶ୍ୟକୀୟ ତଦନ୍ତ କରିବା ପରେ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଥିବା ଆଇନ୍ ବିଏନ୍‌ଏସ୍ (ଭାରତୀୟ ଦଣ୍ଡ ସଂହିତା)ର ଧାରା ୪୯୮ (କ)ର ବ୍ୟାପକ ଭାବେ ଦୁରୁପଯୋଗ କରାଯାଉଛି ବୋଲି କୋର୍ଟ ହୃଦୟଙ୍ଗମ କରିଛନ୍ତି। ଏବେ ଅଭିଯୋଗ ପରେ ଓ ମାମଲା ରୁଜୁ ପରେ ପୁଲିସ ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରୁଛି। ଫଳରେ ପାରିବାରିକ ଜୀବନରେ ଝଡ଼ଝଞ୍ଜା ସୃଷ୍ଟି ହେଉଛି। ପୁଣି ଏ ନେଇ ସମାଧାନର ପନ୍ଥା ମଧ୍ୟ ବହାରିବା ମୁସ୍କିଲ ହୋଇପଡୁଛି। ତେଣୁ ଏବେକାର ସ୍ଥିତିରେ ଏହି ରାୟର ପ୍ରାସଙ୍ଗିକତା ରହିଛି। ଏହିକ୍ରମରେ ଦୁଇବର୍ଷ ତଳେ ଆହ୍ଲାବାଦ ହାଇକୋର୍ଟ ଦେଇଥିବା ମାର୍ଗଦର୍ଶିକାକୁ ସୁପ୍ରିମକୋର୍ଟ ଗ୍ରହଣ କରିଛନ୍ତି। ଦୁଇମାସ ମଧ୍ୟରେ ପୁଲିସ ମାମଲାକୁ ପରିବାର କଲ୍ୟାଣ କମିଟି (ଏଫ୍‌ଡବ୍ଲ୍ୟୁସି)କୁ ସୁପାରିସ କରିବ। ଏଫ୍‌ଡବ୍ଲ୍ୟୁସି ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି କୁହାଯାଇଛି। ଏହାକୁ ସାରା ଦେଶରେ ଲାଗୁ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ପ୍ରତ୍ୟେକ ଜିଲ୍ଲାରେ ଅତିକମ୍‌ରେ ଗୋଟିଏ ଲେଖାଏ ଏଫ୍‌ଡବ୍ଲ୍ୟୁସି ରହିବା ଜରୁରୀ ବୋଲି କୋର୍ଟ କହିଛନ୍ତି।

# ଜଷ୍ଟିସ ବର୍ମା ମାମଲା: ଯାଞ୍ଚ କମିଟି ଗଠନ କରିବ ସଂସଦ



ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ନଗଦ ଟଙ୍କା ଜବତ ମାମଲାରେ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବିରୋଧରେ ତଦନ୍ତ ପାଇଁ ସଂସଦ କମିଟି ଗଠନ କରିବା ନେଇ ପ୍ରସ୍ତୁତି ଆରମ୍ଭ କରିଛି। ଏହି କମିଟିରେ ସୁପ୍ରିମକୋର୍ଟର ଜଣେ ବିଚାରପତି, କୌଣସି ହାଇକୋର୍ଟର ଜଣେ ମୁଖ୍ୟ ବିଚାରପତି ଓ ଜଣେ ପ୍ରତିଷ୍ଠିତ ଆଇନ ବିଶେଷଜ୍ଞଙ୍କୁ ସାମିଲ କରାଯିବ। ଏହି କମିଟି ଯଷ୍ଟିସ ବର୍ମାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ନେଇ ତଦନ୍ତ କରି ତା'ର ରିପୋର୍ଟ ପ୍ରଦାନ କରିବେ। ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ନୋଟିସ ଆସିବା ପରେ ସଂସଦରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। କମିଟି ତିନି ମାସ ମଧ୍ୟରେ ରିପୋର୍ଟ ଦେବ। ରିପୋର୍ଟ ସଂସଦରେ ଉପସ୍ଥାପିତ ହେବ। ଜଷ୍ଟିସ ବର୍ମା ଦୋଷୀ ହୋଇଥିଲେ ମହାଭିଯୋଗ ଉପରେ ମତଦାନ କରାଯିବ।

ଗତକାଲି ସୁପ୍ରିମକୋର୍ଟରେ ଜଷ୍ଟିସ୍ ବର୍ମା ମାମଲାର ଶୁଣାଣି ହୋଇଥିଲା। କିନ୍ତୁ ପ୍ରଧାନ ବିଚାରପତି ବିଆର ଗଭାଇ ଏହି ଶୁଣାଣିରୁ ନିଜକୁ ଦୂରେଇ ରଖିଛନ୍ତି। ପୂର୍ବରୁ ଏହି ମାମଲାର ଶୁଣାଣିରେ ରହିଥିବାରୁ ଏଥିରେ ସାମିଲ ହେବେ ନାହିଁ ବୋଲି ସେ ସେ କହିଥିଲେ। ଜୁଲାଇ ୧୯ରେ ଜଷ୍ଟିସ ବର୍ମା ସୁପ୍ରିମକୋର୍ଟରେ ଏଡି ମାମଲାର ଶୁଣାଣି ପାଇଁ ଆବେଦନ କରିଥିଲେ। ସେ ଇନ୍ ହାଉସ୍ କମିଟି ଦେଇଥିବା ରିପୋର୍ଟ ଓ ମହାଅଭିଯୋଗ ନେଇ ହୋଇଥିବା ସୁପାରିସ୍‌କୁ ରଦ୍ଦ କରିବା ପାଇଁ ଆବେଦନ କରିଥିଲେ। ଜଷ୍ଟିସ ବର୍ମା ଅଭିଯୋଗ କରିଥିଲେ ଯେ ତଦନ୍ତ ବେଳେ ଇନ୍ ହାଉସ କମିଟି ତାଙ୍କୁ ପକ୍ଷ୍ୟ ରଖିବାକୁ ସୁଯୋଗ ଦେଇନଥିଲା।

# ୟୁକ୍ରେନ୍‌ରେ ଜେଲେଁସ୍କିଙ୍କ ବିରୋଧରେ ପ୍ରଦର୍ଶନ

କିଭ୍, ୨୪।୭(ଏଜେନ୍ସି): ରୁଷ ଓ ୟୁକ୍ରେନ୍ ମଧ୍ୟ ଚାଲିଥିବା ଯୁଦ୍ଧ ୩ ବର୍ଷ ଅତିକ୍ରାନ୍ତ ହେଲାଣି ଓ ଯୁଦ୍ଧ ଥମିବାର କୌଣସି ସମ୍ଭାବନା ସୃଷ୍ଟି ହୋଇନାହିଁ। ଏପରି ସ୍ଥଳେ ପ୍ରଥମ ଥର ପାଇଁ ୟୁକ୍ରେନ୍‌ରେ ରାଷ୍ଟ୍ରପତି ଭୋଲୋଡିମୀର ଜେଲେଁସ୍କିଙ୍କ ବିରୋଧରେ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ଜେଲେନସ୍କିଙ୍କୁ ବିରୋଧ କରି ରାଜଧାନୀ କିଭ୍ ସମେତ ଦେଶର ଏକାଧିକ ବଡ଼ ସହରରେ ବିରୋଧ ପ୍ରଦର୍ଶନ କରାଯାଇଛି। ନିକଟରେ ୟୁକ୍ରେନ ସଂସଦରେ ଏକ ବିଲ୍ ପାସ ହୋଇଥିଲା। ଏହି ବିଲ ବଳରେ ଦେଶରୁ ଦୁଇଟି ଦୁର୍ନୀତି ବିରୋଧି ସଂସ୍ଥା ନ୍ୟାସନାଲ ଆଣ୍ଟି କରପସନ ବ୍ୟୁରୋ ଅଫ୍ ୟୁକ୍ରେନ୍ ଓ ସ୍ପେଶାଲାଇଜଡ୍ ଆଣ୍ଟି କରପସନ ପ୍ରସିଡ୍ୟୁର ଅଫିସ ଉପରେ ନଜର ତଥା ଯାଞ୍ଚ୍‌କୁ ବୃଦ୍ଧି କରାଯାଇଛି। ଏହା ଦ୍ୱାରା ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରାଯାଉଛି ବୋଲି ଅଭିଯୋଗ ହେଉଛି।

# ବିହାରରୁ ଦିଲ୍ଲୀ ଯାଏଁ ଭୋଟର ତାଲିକା ସଂଶୋଧନ କମ୍ପନ

ନୂଆଦିଲ୍ଲୀ, ୨୪।୭(ଏଜେନ୍ସି): ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ବିହାରରୁ ଦିଲ୍ଲୀ ପର୍ଯ୍ୟନ୍ତ ରାଜନୈତିକ କମ୍ପନ ଜାରି ରହିଛି। ବିହାରରେ ୬୦ ଲକ୍ଷ ମତଦାତାଙ୍କ ନାମ ଭୋଟର ତାଲିକାରୁ କଟିବ ବୋଲି ନିର୍ବାଚନ କମିସନ ସୂଚନା ଦେବା ପରେ ପରିସ୍ଥିତି ସଙ୍ଗିନ ହୋଇପଡ଼ିଛି। ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ସରକାରଙ୍କ ସହ ସଲାସୁତରା କରି କମିସନ ଏଭଳି ପଦକ୍ଷେପ ନେଉଛନ୍ତି। ଏଭଳି ଭୋଟର ତାଲିକା ସଂଶୋଧନକୁ ତୁରନ୍ତ ବାତିଲ କରିବା ପାଇଁ ସେମାନେ ଦାବି କରିଛନ୍ତି। ଭୋଟର ତାଲିକା ସଂଶୋଧନ ବେଳେ ଆଧାର କାର୍ଡକୁ ପରିଚୟପତ୍ର ରୂପେ ଗ୍ରହଣ କରିବା ଲାଗି ସୁପ୍ରିମ କୋର୍ଟଙ୍କ ପରାମର୍ଶକୁ କମିସନ ପ୍ରତ୍ୟାଖ୍ୟାନ କରିଥିବାରୁ ଏହା ଏକ ବଡ଼ ଧରଣର ଷଡ଼ଯନ୍ତ୍ର ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। କମିସନଙ୍କ ଏଭଳି ପଦକ୍ଷେପ ବିରୋଧରେ ବିହାର ରାଜଧାନୀ ପାଟନାରେ ଆଜି ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ଦିଲ୍ଲୀରେ ମଧ୍ୟ ସଂସଦ ଅଚଳ ରହିଛି।

ବିହାରରେ ବିବାଦୀୟ ଭୋଟର ତାଲିକା ସଂଶୋଧନକୁ ନେଇ ଶାସକ ଜେଡିୟୁରେ ମଧ୍ୟ ଅସନ୍ତୋଷ ଦେଖାଦେଇଛି। ଏନେଇ ଦଳୀୟ ସାଂସଦ ଗିରିଧାରୀ ଯାଦବ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ କମିସନଙ୍କ ଏଭଳି ପ୍ରକ୍ରିୟା ଯୋଗୁଁ




ଲକ୍ଷ ଲକ୍ଷ ବୈଧ ଭୋଟର ସେମାନଙ୍କ ମତାଧିକାରରୁ ବଞ୍ଚିତ ହେଇଯିବେ। ତେବେ ତାଙ୍କର ଏଭଳି ମନ୍ତବ୍ୟ ପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ଜେଡିୟୁ। ଏହାସତ୍ତ୍ୱେ ସେ କମିସନ ବିରୋଧରେ ସ୍ୱର ଉତ୍ତୋଳନ ଜାରି ରଖିବେ ବୋଲି କହିଛନ୍ତି ଯାଦବ।

ଆଜି ସଂସଦ ବାହାରେ ବିକ୍ଷୋଭ ଓ ଧାରଣା ବେଳେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ଭୋଟ ଲୁଟ୍ ପାଇଁ ଏହା ଆଉ ଏକ ଚାଲ୍। ସେ ଅଭିଯୋଗ କରିଛନ୍ତି ଯେ କମିସନ କର୍ଣ୍ଣାଟକରେ ମଧ୍ୟ ଭୋଟ ଚୋରି କରିବା ସହ ଅନୈତିକ ଉପାୟ ଅବଲମ୍ବନ କରିଥିଲେ। ଭୋଟର ତାଲିକା ରିଭିଜନ ନାମରେ ହଜାର ହଜାର ନକଲି ଭୋଟରଙ୍କୁ ସାମିଲ କରାଯାଇଛି। କର୍ଣ୍ଣାଟକରେ ଗୋଟିଏ ଆସନରେ ଜାଲିଆତି କରିଛନ୍ତି କମିସନ। ଆମ ପାଖରେ ଏ ନେଇ ୧୦୦ ପ୍ରତିଶତ ପ୍ରମାଣ ରହିଛି। ଗୋଟିଏ ନିର୍ବାଚନ ମଣ୍ଡଳୀରେ ୫୦, ୬୦ ଓ ୬୫ ବର୍ଷର ହଜାର ହଜାର ଭୋଟରଙ୍କୁ ସୂଚୀରେ ସାମିଲ କରାଯାଇଛି ଓ ୧୮ ବର୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କୁ ସୂଚୀରୁ ଅନୈତିକ ଉପାୟରେ ବାଦ୍ ଦିଆଯାଇଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ଗୋଟିଏ ନିର୍ବାଚନମଣ୍ଡଳୀରେ ଏଭଳି ଜାଲିଆତି ହୋଇଥିବାର ଆମେ ପ୍ରମାଣ ପାଇଛୁ। ତେଣୁ ପ୍ରତ୍ୟେକ ଆସନରେ ଏଭଳି ଜାଲିଆତି କରାଯାଇଥିବ ବୋଲି ମୋର ବିଶ୍ୱାସ ହେଉଛି। ମହାରାଷ୍ଟ୍ର ଓ ହରିଆଣାରେ ମଧ୍ୟ ଏଭଳି ଜାଲିଆତି କରାଯାଇଥିବା ସେ କହିଛନ୍ତି।

# ଏବେ ଚାଷୀଙ୍କୁ ଇ-କେୱାଇସି ଯନ୍ତ୍ରଣା

ଭୁବନେଶ୍ୱର, ୨୪।୭ (ସମିସ): ଗତ ୧୯ ତାରିଖରୁ ଚଳିତ ବର୍ଷ ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ଚାଷୀମାନେ ପାକ୍ସ, ଲ୍ୟାମ୍ପସ୍, ସମବାୟ ସମିତି ଜରିଆରେ ପଞ୍ଜୀକରଣ କରୁଛନ୍ତି। ମାତ୍ର ଚଳିତବର୍ଷ ପଞ୍ଜୀକରଣ ବେଳେ ଇ-କେୱାଇସି ବାଧ୍ୟତାମୂଳକ କରାଯାଇଥିବା ଯୋଗୁଁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ପଞ୍ଚାୟତରେ ଇଣ୍ଟରନେଟ୍ ସମସ୍ୟା ରହୁଛି। ତେଣୁ ଇ-କେୱାଇସି କରିବାରେ ବିଳମ୍ବ ହେଉଛି। ଚାଷୀମାନେ ଚାଷବାସ ଛାଡ଼ି ପଞ୍ଜୀକରଣ ପାଇଁ ଆସୁଥିବା ଯୋଗୁଁ ସେମାନଙ୍କୁ ଦିନ ଦିନ ଧରି ଅପେକ୍ଷା କରିବାକୁ ପଡୁଛି। ଗୋଟିଏପଟେ ଅନିୟମିତ ବର୍ଷା ଯୋଗୁଁ ଧାନ ବୁଣିବା ଓ ତଳି ରୋଇବାରେ ବିଳମ୍ବ ହେଉଥିବାବେଳେ ଏବେ ପଞ୍ଜୀକରଣ ପାଇଁ ଚାଷ କାର୍ଯ୍ୟ ସଂପୂର୍ଣ୍ଣ ଠପ୍ ହୋଇଯାଇଛି।

ଚଳିତବର୍ଷ ରାଜ୍ୟରେ ୫୮.୫୦ ଲକ୍ଷ ହେକ୍ଟର ଖରିଫ୍ ଫସଲ କରିବା ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ଓ ଏହାମଧ୍ୟରୁ ୩୪.୯୪ ଲକ୍ଷ ହେକ୍ଟର ଧାନ ଚାଷ ପାଇଁ ଟାର୍ଗେଟ୍ ରଖାଯାଇଛି। ଏଥିପାଇଁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଥିବାବେଳେ ଆଗାମୀ ମାସେ ଧରି ଏହି ପଞ୍ଜୀକରଣ ଚାଲୁ ରହିବ। ପୂର୍ବରୁ ପଞ୍ଜୀକରଣ ପାଇଁ କେବଳ ଜମିର ପ୍ରମାଣ ପତ୍ର, ଆଧାର କାର୍ଡ ଆଦି ଦିଆଯାଇ କରାଯାଉଥିଲା; ତେଣୁ ସହଜରେ ହୋଇଯାଉଥିଲା। ଚଳିତଥର ଏସବୁ ସହ ଇ-କେୱାଇସି ବାଧ୍ୟତାମୂଳକ ଥିବାରୁ ପଞ୍ଜୀକରଣରେ ସମସ୍ୟା ହେଉଛି। ଗ୍ରାମାଞ୍ଚଳରେ ବର୍ଷା ଯୋଗୁଁ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି। ଏଥିସହ ନେଟ୍‌ୱାର୍କ ଓ ଇଣ୍ଟରନେଟ୍ ସମସ୍ୟା ଲାଗି ରହିଛି। ତେଣୁ ଜଣେ ଚାଷୀଙ୍କ ପଞ୍ଜୀକରଣ କରିବା ପାଇଁ ୧୫ରୁ ୨୦ ମିନିଟ୍ ସମୟ ଲାଗୁଛି। ଗୋଟିଏ ଦିନ ଭିତରେ ଅତି ବେଶୀରେ ୧୦ରୁ ୧୨ ଜଣ ଚାଷୀଙ୍କର ପଞ୍ଜୀକରଣ ହୋଇପାରୁଛି। ହେଲେ ପ୍ରତିଦିନ ଶତାଧିକ ସଂଖ୍ୟାରେ ଚାଷୀ କାମଧନ୍ଦା ଛାଡ଼ି ଆସୁଛନ୍ତି। ଏଭଳି ଅବ୍ୟବସ୍ଥା ଯୋଗୁଁ ସମବାୟ ସମିତି ଦୁଆରେ ବସି ବସି ଫେରୁଛନ୍ତି। ପୂର୍ବରୁ ଚାଷୀମାନେ ଧାନ ବିକ୍ରିବେଳେ ମଧ୍ୟ ସମସ୍ୟା ଭୋଗୁଥିଲେ। ଦିନ ଦିନ ଧରି ବିକ୍ରି କରିବା ପାଇଁ ସମବାୟ ବାରଣ୍ଡରେ ପଡ଼ି ରହୁଥିଲେ। ଏବେ ପଞ୍ଜୀକରଣ ପାଇଁ ଏଭଳି ସମସ୍ୟା ହେବାରୁ ଚାଷୀମାନେ ସରକାରଙ୍କୁ ଧାନ ବିକ୍ରି କରିବାକୁ ନାପସନ୍ଦ କରିବା ଆରମ୍ଭ କରିଦେଲେଣି। ଗୋଟିଏପଟେ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଥିବାବେଳେ ଏସବୁ ସମସ୍ୟା ପ୍ରତି ଦୃଷ୍ଟି ଦେଉନାହାନ୍ତି। ତେଣୁ ସରକାର ଉଦ୍ଦେଶ୍ୟମୂଳକ ଚାଷୀ ଧାନ ବିକ୍ରି ନ କରୁ ବୋଲି ସରକାର ଚାହୁଁଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି।

**ପଞ୍ଜୀକରଣରୁ ଆରମ୍ଭ ହେଲାଣି ଅବ୍ୟବସ୍ଥା**

ଚାଷୀ ଅମରେନ୍ଦ୍ର ବରାଳ କହିଛନ୍ତି ଯେ ଚଳିତବର୍ଷ ଶୀଘ୍ର ମୌସୁମୀ ଆସିଲା; ହେଲେ ଧାନ ବିହନ ମିଳିବାରେ ବିଳମ୍ବ ହେଲା। ବିହନ ମିଳିଲାବେଳକୁ ବର୍ଷା କମିଗଲା। ଏବେ ବି ବର୍ଷାରେ ଅନିୟମିତତା ଲାଗି ରହିଛି। ତେଣୁ ଚାଷ କାର୍ଯ୍ୟ ଠିକ୍ ଭାବେ ହୋଇପାରୁନି। ରୁଆ ବେଉଷଣ ବେଳେ ଯଦି ଆମେ ପଞ୍ଜୀକରଣ ପାଇଁ ଧାଡ଼ିରେ ଛିଡ଼ା ହେବୁ, ତେବେ ଚାଷ କେତେବେଳେ କରିବୁ। ଆମେ ଧାନ ବିକ୍ରି କରିବା ସମୟରେ ଇ-କେୱାଇସି କରୁଛୁ। ଏବେ ଏହାର କ'ଣ ଆବଶ୍ୟକତା ଅଛି। ସରକାର ଗାଁ ଗାଁ ବୁଲି କ୍ୟାମ୍ପ କରି ବିଲ ମୁଣ୍ଡରେ ପଞ୍ଜୀକରଣ କରନ୍ତୁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସମବାୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଧାନର ସହାୟକ ମୂଲ୍ୟ ବୃଦ୍ଧି ହେବା ଯୋଗୁଁ କିଛି ନକଲି ଚାଷୀ ପଞ୍ଜୀକରଣ କରି ବାହାର ରାଜ୍ୟରୁ ଧାନ ଆଣି ବିକ୍ରି କରୁଛନ୍ତି। ତେଣୁ ଇ-କେୱାଇସି ବାଧ୍ୟତାମୂଳକ କରାଯାଇଛି। ଯେଉଁଠାରେ ସମସ୍ୟା ହେଉଛି, ଆମେ ତୁରନ୍ତ ସମାଧାନ କରିବାକୁ ଚେଷ୍ଟା କରୁଛୁ। ଆବଶ୍ୟକ ପଡ଼ିଲେ, ପଞ୍ଜୀକରଣ ଅବଧି ବୃଦ୍ଧି କରିବା ନେଇ ମଧ୍ୟ ଆଲୋଚନା କରାଯିବ।

# ଲଘୁଚାପ ଘନୀଭୂତ; ସାରା ରାଜ୍ୟରେ ବର୍ଷା

ଭୁବନେଶ୍ୱର,୨୪।୭(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଆରମ୍ଭ ହୋଇଛି। ବୁଧବାର ଅପରାହ୍ଣଠାରୁ ବର୍ଷା ଆରମ୍ଭ ହୋଇଥିବା ବେଳେ ଗୁରୁବାର ଦିନ ତମାମ ଅନେକ ସ୍ଥାନରେ ବର୍ଷା ହୋଇଛି। ନବରଙ୍ଗପୁର ଝରିଗାଁରେ ସର୍ବାଧିକ ୧୩୧.୪ ମିମି ବର୍ଷା ହୋଇଥିବା ବେଳେ ଅନୁଗୋଳ ଆଠମଲ୍ଲିକରେ୧୧୦.୯, ଦେଓଗାଁର ରେମାଲ ୧୦୬.୦ ଓ କଟକର ବାଙ୍କିରେ ୧୦୨.୦ ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ୨୪ ଘଣ୍ଟାରେ ଏହି ଲଘୁଚାପ ଅଧିକ ଘନୀଭୂତ ହେବା ସହ ଅବପାତରେ ପରିଣତ ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ପରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଉତ୍ତର ଓଡିଶା ଏବଂ ସଂଲଗ୍ନ ପଶ୍ଚିମବଙ୍ଗ ଉପକୂଳ ଆଡକୁ ଗତି କରିବାର ସମ୍ଭାବନା ରହିଛି। ତେଣୁ ଧୀରେ ଧୀରେ ରାଜ୍ୟର ଅନେକ ସ୍ଥାନରେ ବର୍ଷାର ପ୍ରଭାବ ବଢ଼ିବା ସହ ରାଜ୍ୟରେ ପ୍ରାୟ ୨୮ ତାରିଖ ଯାଏ ବର୍ଷା ସମ୍ଭାବନା ନେଇ ଆକଳନ କରାଯାଇଛି। ଏମିତି କି ଏହି ସମୟରେ ରାଜ୍ୟର କିଛି ସ୍ଥାନରେ ୨୦ ସେମିରୁ ଅଧିକ ବର୍ଷା ହେବାର ସମ୍ଭାବନା ଥିବା ନେଇ ପାଣିପାଗ କେନ୍ଦ୍ର କହିଛି। ୨୫ ତାରିଖରେ ମୟୂରଭଞ୍ଜ, କେନ୍ଦୁଝରରେ ପ୍ରବଳରୁ ଅତିପ୍ରବଳ ଓ ସ୍ଥାନେ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ରେଡ୍ ଆଲର୍ଟ ଜାରି ହୋଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କାରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ବାକି ୧୮ ଜିଲ୍ଲାକୁ ନେଇ ୟେଲୋ ଆଲର୍ଟ ଜାରି ହୋଇଛି।

ବର୍ଷାର ପ୍ରଭାବ ଅଧିକ ରହିବାକୁ ଥିବାରୁ ସହରାଞ୍ଚଳଗୁଡ଼ିକରେ ଅନେକ ସ୍ଥାନରେ ଆକସ୍ମିକ ବନ୍ୟା ସ୍ଥିତି ସହ ଅଚାନକ ଟ୍ରାଫିକ ପରିସ୍ଥିତି ସୃଷ୍ଟି ହୋଇପାରେ। ଏହା ସହ ସାରା ରାଜ୍ୟରେ୨୮ ତାରିଖ ଯାଏ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ବର୍ଷା ସମୟରେ ଓଦା କାନ୍ଥ ପଡ଼ିଯିବା, ତଳିଆ ଅଞ୍ଚଳ ବୁଡ଼ିବା, ଅଣ୍ଡରଗ୍ରାଉଣ୍ଡ ରାସ୍ତାରେ ପାଣି ଜମିବା ଭଳି ସ୍ଥିତି ଉପୁଜିବାର ଆଶଙ୍କା ରହିଛି। ଏହାସହ ରାଜ୍ୟରେ ପ୍ରବଳ ବର୍ଷା ସହ ଉପର ମୁଣ୍ଡରେ ମଧ୍ୟ ପ୍ରବଳ ବର୍ଷା ଆଶଙ୍କା ରହିଥିବାରୁ ରାଜ୍ୟର ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଲଘୁଚାପ ଯୋଗୁଁ ଓଡ଼ିଶା, ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳ ସମୁଦ୍ର ମଧ୍ୟରେ ପବନର ବେଗ ୪୦ ରୁ ୫୦ କିମି ରହିବାର ଆଶଙ୍କା ରହିଛି। ସେହିପରି ୨୬ ତାରିଖରେ ସୁନ୍ଦରଗଡରେ ପ୍ରବଳରୁ ଅତି ପ୍ରବଳବର୍ଷାକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୨୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ପୁଲିସ ଏସ୍‌ଆଇ ନିଯୁକ୍ତି ବୟସ ସୀମା ୩ବର୍ଷ କୋହଳ

କଟକ,୨୪।୭(ସମିସ): ପୁଲିସ୍ ସବ୍-ଇନ୍ସପେକ୍ଟର(ଏସଆଇ) ନିଯୁକ୍ତିପାଇଁ ଧାର୍ଯ୍ୟ ସର୍ବୋଚ୍ଚ ବୟସ ସୀମାକୁ ୩ବର୍ଷ କୋହଳ କରାଯାଇଛି। ଏନେଇ ଆଜି ଏକ ମାମଲାର ଶୁଣାଣି ବେଳେ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ଅଦାଲତରେ ମାମଲା ରୁଜୁ କରିଥିବା ଆବେଦନକାରୀମାନଙ୍କ ପାଇଁ ଏହା ଲାଗୁ ହେବ ବୋଲି ଶୁଣାଣି ବେଳେ ଏହା ସ୍ପଷ୍ଟ ହୋଇଥିବା ବେଳେ ଏ ସମ୍ପର୍କିତ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ପୁପୁନ ଦାସ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୨୫ ଜାନୁଆରି ୧୭ରେ ଗୃହ ବିଭାଗ ଅଧୀନରେ ୯୩୩ଟି ପୁଲିସ ସବ୍-ଇନ୍ସପେକ୍ଟର୍, ଏସ୍‌ଆଇ (ଆର୍ମଡ), ଷ୍ଟେସନ୍ ଅଫିସର୍ (ଅଗ୍ନିଶମ ବିଭାଗ) ଓ ସହକାରୀ ଜେଲର୍ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ଅନୁସାରେ ଆବେଦନର ସର୍ବନିମ୍ନ ବୟସ ସୀମା ୨୧ବର୍ଷ ଥିଲା ବେଳେ ସର୍ବୋଚ୍ଚ ବୟସସୀମା ୨୫ଧାର୍ଯ୍ୟ ହୋଇଥିଲା। ଏସ୍‌ସି-ଏସ୍‌ଟି ପ୍ରାର୍ଥୀଙ୍କ ପାଇଁ ଅଧିକ ୫ବର୍ଷ ବୟସସୀମା ଧାର୍ଯ୍ୟ ହୋଇଥିଲା। ତେବେ ସାଧାରଣ ବର୍ଗର ପ୍ରାର୍ଥୀମାନେ ସର୍ବୋଚ୍ଚ ବୟସ ସୀମାକୁ ନେଇ ଆପତ୍ତି ଉଠାଇଥିଲେ। ଯେହେତୁ ୨୦୧୮-୧୯ ପରଠାରୁ ଆଉ ପୁଲିସ ବିଭାଗରେ ଏସଆଇ ନିଯୁକ୍ତି ହୋଇନଥିଲା; ତେଣୁ ୭ ବର୍ଷ ଧରି ଅପେକ୍ଷା କରିଥିବା ପ୍ରାର୍ଥୀମାନେ ମାତ୍ର ୨୫ ବର୍ଷର ସର୍ବୋଚ୍ଚ ବୟସସୀମା ଧାର୍ଯ୍ୟ ପାଇଁ ନିଯୁକ୍ତି ଆବେଦନରୁ ବଞ୍ଚିତ ହେବେ ବୋଲି ଅଭିଯୋଗ ହୋଇଥିଲା। ଖାଲି ପଡୁଥିବା ପଦବୀରେ ସରକାର ପ୍ରତିବର୍ଷ ନିଯୁକ୍ତି ନକରି ଏକକାଳୀନ ୭ବର୍ଷ ବ୍ୟବଧାନରେ ୯୩୩ଟି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ଦ୍ୱାରା ଅନେକ ନିଯୁକ୍ତି ଆଶାୟୀ ଆବେଦନରୁ ବଞ୍ଚିତ ହେବେ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ହାଇକୋର୍ଟ ମଧ୍ୟ ଆବେଦନକାରୀମାନଙ୍କୁ ଆବେଦନ ପାଇଁ ଅନୁମତି ପ୍ରଦାନ କରିବା ସହ ନିଯୁକ୍ତି ଫଳ ଅଦାଲତଙ୍କ ଅନୁମତି ବିନା ପ୍ରକାଶ କରାଯିବ ନାହିଁ ପୂର୍ବରୁ ଏକ ଅନ୍ତରୀଣ ଆଦେଶ ଜାରି କରିଥିଲେ। ଏବେ ମାମଲାରେ ପୂର୍ଣ୍ଣଚ୍ଛେଦ ପରେ ନିଯୁକ୍ତି ପାଇଁ ବାଟ ଫିଟିଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ମଦନ ମୋହନ ଦାସ ମାମଲା ପରିଚାଳନା କରୁଥିଲେ।

# ଆଇଏଏସ୍ ଅଧିକାରୀ ଧୀମାନ ଚକମାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ

କଟକ, ୨୪।୭ (ସମିସ): ଭିଜିଲାନ୍ସ ମାମଲାରେ ଗିରଫ ହୋଇ ଜେଲରେ ଥିବା ଆଇଏଏସ୍ ଅଧିକାରୀ ଧୀମାନ ଚକମାଙ୍କୁ ହାଇକୋର୍ଟ ଆଜି ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ୫ ଲକ୍ଷ ଟଙ୍କାର ଦୁଇଜଣ ଜାମିନଦାରଙ୍କ ବଦଳରେ ନିମ୍ନ ଅଦାଲତ ତାଙ୍କୁ ଜାମିନରେ ଛାଡ଼ିବେ ବୋଲି ହାଇକୋର୍ଟ କହିଛନ୍ତି। ଶ୍ରୀ ଚକମାଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜାମିନରେ ଛାଡ଼ ପାଇବା ପରେ ସେ ଅଦାଲତଙ୍କ ବିନା ଅନୁମତିରେ ଦେଶ ବାହାରକୁ ଯାଇପାରିବେ ନାହିଁ। ତଦନ୍ତରେ ସହଯୋଗ କରିବା ସହ ତଦନ୍ତକାରୀ ଅଧିକାରୀଙ୍କ ଆବଶ୍ୟକତା ଅନୁସାରେ ଉପସ୍ଥିତ ରହିବେ ବୋଲି ହାଇକୋର୍ଟ ସର୍ତ୍ତାରୋପ କରିଛନ୍ତି। ମାମଲାରୁ ପ୍ରକାଶ ଯେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଜିଲ୍ଲାପାଳ ଥିବା ବେଳେ ଧୀମାନ ଚକମା ଜଣେ କ୍ରସର୍ ମାଲିକଙ୍କ ନିକଟରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ଭବାନୀପାଟଣା ଭିଜିଲାନ୍ସ ଅଦାଲତରେ ତାଙ୍କର ଜାମିନ ଆବେଦନ ଖାରଜ ହେବା ପରେ ଗତ ଜୁନ ୧୯ରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଥିଲେ।



## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ଆଦିବାସୀ ମହାସଂଘ

# ଆଦିବାସୀଙ୍କ ବିକାଶକୁ ସର୍ବାଧିକ ପ୍ରାଥମିକତା: ମୋହନ

ଭୁବନେଶ୍ୱର,୨୪।୭(ସମିସ): ଗୁରବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଓଡ଼ିଶା ଆଦିବାସୀ ମହାସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଭେଟିଛନ୍ତି। ଏହି ଅବସରରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଓ ସାମୂହିକ ବିକାଶ ସମ୍ପର୍କରେ ଆଲୋଚନା ସହ ପ୍ରସ୍ତାବ ରଖିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ଆମ ସରକାରର ପ୍ରାଥମିକତା ରହିଛି। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିବା ସମାଜର ୪ଟି ବର୍ଗଙ୍କ ଭିତରେ ପ୍ରଥମରେ ଥିବା ଗରିବଙ୍କ ଭିତରେ ଆଦିବାସୀ ସମ୍ପ୍ରଦାୟ ମଧ୍ୟ ଅଛନ୍ତି। ପ୍ରଧାନମନ୍ତ୍ରୀ ଆଦିବାସୀଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆମ ସରକାର ମଧ୍ୟ ଆଦିବାସୀମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଜୀବନ ଜୀବିକା ସହିତ ସେମାନଙ୍କ ଶିକ୍ଷାର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ଆଦିବାସୀ ଅଞ୍ଚଳ ଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ଖୁବଶୀଘ୍ର ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରାଯାଉଛି। ଆଦିବାସୀ ସମାଜରୁ କୁସଂସ୍କାର ଦୂର କରିବା ପାଇଁ ମହାସଂଘକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହିତ ଆଲୋଚନା ମାଧ୍ୟମରେ ସବୁ ସମସ୍ୟା ସମାଧାନ ହେବ ବୋଲି କହିଛନ୍ତି। ବୈଠକରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ମହାସଂଘର ସଭାପତି କର୍ମା ଲାକ୍ରା, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏବଂ ପ୍ରାୟ ୧୧ଟି ଜିଲ୍ଲାରୁ ସଦସ୍ୟ ମାନେ ଯୋଗଦେଇଥିଲେ।



# ବଜ୍ରପାତରେ ମାଆ-ପୁଅ ମୃତ

ଝାରସୁଗୁଡ଼ା,୨୪।୭ (ସମିସ): ଝାରସୁଗୁଡ଼ା ସହରସ୍ଥିତ ଶ୍ରୀୟା ବଗିଚା ନିକଟରେ ବ୍ରଜପାତରେ ମା'-ପୁଅଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଶ୍ରୀୟା ବଗିଚା ଅଞ୍ଚଳର ପୁନମ ଦେବୀ (୩୫) ଓ ତାଙ୍କ ପୁଅ ଶିବରାଜ ସା'(୧୨)। ସୂଚନାନୁସାରେ ପୁନମ୍ ଆଜି ସଂଧ୍ୟାରେ ସ୍ୱାମୀ ଓ ପୁଅଙ୍କ ସହ ଝାରସୁଗୁଡ଼ାରୁ ଶ୍ରୀୟା ବଗିଚାକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହେବାରୁ ସେମାନେ ଶ୍ରୀୟା ବଗିଚାର ରେଲୱେ କ୍ରସିଂ ନିକଟରେ ଅଟକି ଯାଇଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ପୁନମ ଓ ଶିବରାଜ ଉକ୍ତ ସ୍ଥାନରେ ଟଳିପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ ୮ ବିରୋଧୀ ଦଳ

ଭୁବନେଶ୍ୱର,୨୪।୭(ସମିସ): ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ବିରୋଧୀ ହିଂସା ପ୍ରସଙ୍ଗରେ ରାଜ୍ୟପାଳଙ୍କୁ ଭେଟିଛନ୍ତି ୮ଟି ସମଭାବାପନ୍ନ ଦଳ। ମହିଳାଙ୍କ ପ୍ରତି ବଢୁଥିବା ଅତ୍ୟାଚାର ବିରୋଧରେ ନ୍ୟାୟ ଦାବି କରି କଂଗ୍ରେସ ସମେତ ରାଜ୍ୟର ୮ଟି ବିରୋଧୀଦଳ ରାଜ୍ୟପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ମହିଳା ବିଚାରପତିଙ୍କ ନେତୃତ୍ୱରେ ଏକ ବିଚାର ବିଭାଗୀୟ ତଦନ୍ତ କମିଶନ ଗଠନ କରିବା ସହ ମହିଳାଙ୍କ ବିରୋଧରେ ଅପରାଧର କାରଣ ଓ ବ୍ୟବସ୍ଥାଗତ ବିଫଳତା ସମ୍ପର୍କରେ ତଦନ୍ତ କରି ୬୦ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ଦାବି କରାଯାଇଛି।

**ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ପାଇଁ ତୁରନ୍ତ ପଦକ୍ଷେପ ଦାବି**

ପୁଲିସ୍ ବ୍ୟବସ୍ଥାରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରିବା ପାଇଁ ମିଳିତ ବିରୋଧୀ ଦଳ ଦାବି କରିଛନ୍ତି। ସଂସ୍ଥାଗତ ସୁଧାର ଆଣିବା ପାଇଁ ଓଡ଼ିଶା ରାଜ୍ୟ ମହିଳା ଆୟୋଗରେ ତୁରନ୍ତ ଅଧ୍ୟକ୍ଷା ନିଯୁକ୍ତି, ପଡ଼ି ରହିଥିବା ମହିଳା ହିଂସା ସଂକ୍ରାନ୍ତ ୧୧,୦୦୦ରୁ ଅଧିକ ଅଭିଯୋଗର ତୁରନ୍ତ ସମାଧାନ, ମହିଳା ପୁଲିସ ଷ୍ଟେସନ ଓ ଟୋଲ-ଫ୍ରି ହେଲପଲାଇନ ଆରମ୍ଭ, ମହିଳାଙ୍କ ବିରୋଧରେ ହେଉଥିବା ଅପରାଧିକ ମାମଲା ୬ ମାସ ସମୟ ସୀମା ମଧ୍ୟରେ ସମାଧାନ କରିବା ପାଇଁ ଦାବି ହୋଇଛି। ପୁଲିସକୁ ଯୌନ ଅପରାଧ ମାମଲାରେ ସମ୍ବେଦନଶୀଳ ତଦନ୍ତ ପାଇଁ ତାଲିମ ଦେବା ସହ କମ୍ୟୁନିଟି ପୁଲିସ୍ ବ୍ୟବସ୍ଥା ପ୍ରଚଳନ, ମହିଳାଙ୍କୁ ଦକ୍ଷତା ବିକାଶ ଓ ରୋଜଗାର ଯୋଗାଇ ଅର୍ଥନୈତିକ ଭାବେ ସଶକ୍ତ ଏବଂ ସ୍ୱାବଲମ୍ବନ କରିବାକୁ ଦାବି ହୋଇଛି। ପୁଲିସ ଷ୍ଟେସନରେ ଦୁଷ୍କର୍ମ ଏବଂ ଯୌନ ଅପରାଧ ରେକର୍ଡ ପାଇଁ ସ୍ୱତନ୍ତ୍ର ସେଲ୍ ଓ ଅନଲାଇନ ଏଫଆଇଆର ବ୍ୟବସ୍ଥା ଆରମ୍ଭ କରିବାକୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ମହିଳା କଂଗ୍ରେସ ରାଜ୍ୟ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ସିପିଆଇ ରାଜ୍ୟ ସହ ସମ୍ପାଦକ ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପଣିଗ୍ରାହୀ, ସିପିଆଇ(ଏମଏଲ)-ଲିବେରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଏସପି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆରଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ସାମିଲ ହୋଇଥିଲେ।



## ■ ଆଇଏଏସସ୍ତରରେ ଅଦଳବଦଳ

# ୯ ଉପଖଣ୍ଡରେ ନୂଆ ଉପଜିଲ୍ଲାପାଳ

ଭୁବନେଶ୍ୱର,୨୪।୭(ସମିସ): ରାଜ୍ୟ ସରକାର ଗୁରୁବାର ପୁଣିଥରେ ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ଅଦଳବଦଳରେ ମୋଟ ୧୩ଜଣ ଆଇଏଏସଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି ଓ ତନ୍ମଧ୍ୟରେ୨୦୨୩ ବ୍ୟାଚର ୯ ଜଣ ଆଇଏଏସଙ୍କୁ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି।

ବିଜ୍ଞପ୍ତି ଅନୁସାରେ ଆଇଏଏସ ରାଜେଶ ପ୍ରଭାକର ପାଟିଲଙ୍କୁ ସମବାୟ ବିଭାଗର ସଚିବ ଭାବେ ନିଯୁକ୍ତି ମିଳିଥବା ବେଳେ ରାଜ୍ୟ ପଣ୍ୟାଗାର ନିଗମର ଅଧ୍ୟକ୍ଷ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଇଏଏସ ବିଜୟ କେତନ ଉପାଧ୍ୟାୟଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱ ଦିଆଯାଇଛି। ସମର୍ଥ ବର୍ମାଙ୍କୁ ରାଜ୍ୟ କ୍ଷୁଦ୍ର ଖଣିଜ ନିର୍ଦ୍ଦେଶକ ସହ ଓଡ଼ିଶା ଫିଲ୍ମ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ଭାବେ ଦୀପଙ୍କର ମହାପାତ୍ରଙ୍କୁ ଓଡ଼ିଶା ହକି ପ୍ରମୋସନ କାଉନସିଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି । ତାଲିମରୁ ଫେରିଥିବା ୨୦୨୩ ବ୍ୟାଚର ୮ଜଣ ଆଇଏଏସ୍‌ଙ୍କୁ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ଆଇଏଏସ୍ ପ୍ରେକ୍ଷା ଅଗ୍ରୱାଲଙ୍କୁ ଧର୍ମଗଡ ଉପଜିଲ୍ଲାପାଳ, ଆଇଏଏସ୍ ପ୍ରଣୀତା ଦାଶଙ୍କୁ ବାଲିଗୁଡା ଉପଜିଲ୍ଲାପାଳ, କସ୍ତୁରୀ ପଣ୍ଡାଙ୍କୁ ପଞ୍ଚପୀର-କରଞ୍ଜିଆ ଉପଜିଲ୍ଲାପାଳ, ଅଭିଷେକ ଦିଲୀପ ଦୁଧାଲଙ୍କୁ ଗୁଣୁପୁର ଉପଜିଲ୍ଲାପାଳ, ଆସ୍‌ନି ଏ ଏଲଙ୍କୁ ନବରଙ୍ଗପୁର ଉପଜିଲ୍ଲାପାଳ, ସି. ସରଭାନନଙ୍କୁ କୁଚିଣ୍ଡା ଉପଜିଲ୍ଲାପାଳ, ତେଜସ୍ୱିନୀ ବେହେରାଙ୍କୁ ସୁନ୍ଦରଗଡ ଉପଜିଲ୍ଲାପାଳ, ଶିବ ମାଲବୀୟଙ୍କୁ ଆନନ୍ଦପୁର ଉପଜିଲ୍ଲାପାଳ, ଅବିନାଶ କୁମାରଙ୍କୁ ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି ।

## ■ ଏସ୍‌ସିବି ଏମ୍‌ଆର୍‌ଆଇ ମେସିନ୍ ଅଚଳ

# ନିରାଶ ଫେରିଲେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ

କଟକ, ୨୪।୭ (ସମିସ): ବଡ଼ ମେଡିକାଲରେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରିଲା ନାହିଁ। ସର୍ଜରୀ ଜନିତ ସ୍ୱାସ୍ଥ୍ୟ ସମସ୍ୟା ନେଇ ସେ ଏସ୍‌ସିବି ଆସିଥିଲେ। ଏମ୍‌ଆର୍‌ଆଇ କରିବା ନିମନ୍ତେ ଏଠାରେ ଡାକ୍ତର ପରାମର୍ଶ ଦେଲେ, ମାତ୍ର ଏସ୍‌ସିବିର ଆଞ୍ଚଳିକ ନିଦାନ କେନ୍ଦ୍ର (ଆରଡିସି)ରେ ସଂସ୍ଥାପିତ ଏମଆରଆଇ ମେସିନ୍ କିଛି ଦିନ ହେବ ଅଚଳ ହୋଇ ପଡ଼ିଥିବା କୁହାଯାଇଥିଲା। ଏଣୁ ପ୍ରୋଟୋକଲ୍ ଭିତରେ ଏମଆରଆଇ କରାଇବା ନିମନ୍ତେ ତାଙ୍କୁ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ (ଏଏଚପିଜିଆଇସି)କୁ ନେବାକୁ ପଡ଼ିଥିଲା। ଏହି ଘଟଣାକୁ ନେଇ ବଡ଼ ମେଡିକାଲ କର୍ମଚାରୀଙ୍କ ଭିତରେ ଆଲୋଚନା ଜୋର ଧରିଛି। ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଯେଉଁଠାରେ ଚିକିତ୍ସା ପାଇଁ ହଟହଟା ହେଉଛନ୍ତି, ସେଠାରେ ସାଧାରଣଲୋକଙ୍କ ଅବସ୍ଥା କ'ଣ ହେଉଥିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପତ୍ନୀ ପ୍ରିୟଙ୍କା ମାରାଣ୍ଡି କିଛି ସ୍ୱାସ୍ଥ୍ୟ ସମସ୍ୟା ନେଇ ବୁଧବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ସୁରକ୍ଷାବଳୟ ଭିତରେ କଟକ ବଡ଼ ମେଡିକାଲକୁ ଆସିଥିଲେ। ବରିଷ୍ଠ ଡାକ୍ତର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ପରେ ଏମ୍‌ଆରଆଇ ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ହେଲେ ବଡ଼ ମେଡିକାଲର ଏମ୍‌ଆର୍‌ଆଇ ମେସିନ ଅଚଳ ଥିବା ହେତୁ ତାଙ୍କୁ ଏଏଚ୍‌ପିଜିଆଇସିକୁ ନେବାକୁ ପଡ଼ିଥିଲା। ସେଠାରେ ପିପିପି ମୋଡ୍‌ରେ ଚାଲିଥିବା ଏମଆରଆଇ କେନ୍ଦ୍ରରେ ତାଙ୍କର ପରୀକ୍ଷା କରାଯାଇଥିଲା। ତେବେ ଏହି ଘଟଣାକୁ ନେଇ ବଡ଼ ମେଡିକାଲ କର୍ତ୍ତୃପକ୍ଷ ଭିନ୍ନ ମତ ଦେଇଛନ୍ତି। ନାମ ଗୋପନ ରଖିବା ସର୍ତ୍ତରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଏମ୍‌ଆର୍‌ଆଇ ମେସିନ ଅଚଳ ଥିବା କଥା ପୂର୍ବରୁ ଅବଗତ ଥିଲୁ। ଏଣୁ, ଏଏଚପିଜିଆଇସିରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ପୂର୍ବରୁ ପ୍ରସ୍ତୁତି ଗ୍ରହଣ କରାଯାଇଥିଲା। ହେଲେ ତାଙ୍କୁ ତରିବରିଆ ଭାବେ ଏଏଚ୍‌ପିଜିଆଇସି ନିଆଯାଇଥିଲା ବୋଲି କିଛି କର୍ମଚାରୀ ଆଲୋଚନା ପ୍ରସଙ୍ଗରେ ଜଣାଇଛନ୍ତି।

## ଗଠନ ହୋଇପାରିଲାନି ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ

# ୮ ବର୍ଷ ହେଲା ଅଟକି ରହିଛି ପୁରସ୍କାର

ଭୁବନେଶ୍ୱର,୨୪।୭(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୁରସ୍କାରକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଳାକାରଙ୍କୁ ଉତ୍ସାହିତ କରିବାକୁ ବିଭାଗ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସହିତ ଏକାଡେମୀରେ ପୁରସ୍କାର ବି ଅଟକି ରହିଛି। ଓଡ଼ିଆ ଅସ୍ମିତାକୁ ଆଧାର କରି ନୂଆ ସରକାର ଗଠନ ପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କାର୍ଯ୍ୟ ତ୍ୱରାନ୍ୱିତ ହେବା ନେଇ ଅନେକ ଆଶା ରହିଥିବା ବେଳେ କାର୍ଯ୍ୟ ଶୂନ୍। ନୂଆ ସରକାର ନିକଟରେ ବର୍ଷପୂର୍ତ୍ତି ପାଳନ କରିଛନ୍ତି। ହେଲେ ଅସ୍ମିତା ମଙ୍ଗ ଧରିଥିବା ସଂସ୍କୃତି ବିଭାଗର ପୁରସ୍କାର ଏବେ ବାଟବଣା ହୋଇଛି। କାର୍ଯ୍ୟ ତ୍ୱରାନ୍ୱିତ ବଦଳରେ ସ୍ଥାଣୁ ପାଲଟିଛି ସଂସ୍କୃତି ବିଭାଗ। ସେହିପରି ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ଭାଙ୍ଗିବାକୁ ୨ବର୍ଷ ବିତିଯାଇଛି; କିନ୍ତୁ ଏଯାଏଁ ପୁନର୍ଗଠନ ହୋଇପାରି ନାହିଁ ପରିଷଦ। ଫଳରେ ଏକାଡେମୀର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ଅଟକି ରହିଛି। ଏମିତିକି ଶେଷଥର ପାଇଁ ୨୦୧୬ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ୭ବର୍ଷ ଧରି ଏକାଡେମୀ ପୁରୁସ୍କାର ପ୍ରଦାନ କରାଯାଇପାରି ନାହିଁ। ଯାହାକୁ ନେଇ ସାହିତ୍ୟିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏକାଡେମୀ ଆସନ୍ତାକାଲି ତା'ର ୬୮ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବା ବେଳେ ଏକାଡେମୀ ପରିଷଦର ପୁନର୍ଗଠନ ହୋଇ ନ ଥିବା ନେଇ ସାହିତ୍ୟିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ୨୦୨୩ ମସିହା ଜୁନ୍ ମାସରେ ପୂର୍ବ ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷପଦ ଗଠନ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇ ମଧ୍ୟ ଆଗେଇ ପାରିଲା ନାହିଁ। ସଭାପତି, ଉପସଭାପତି ପଦ ଫାଙ୍କା ରହିଛି। ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ କହୁଥିବା ବେଳେ ଏପର୍ଯ୍ୟନ୍ତ ତାହା ହୋଇପାରି ନାହିଁ। ଖାଲିପଡ଼ିଥିବା ଏକାଡେମୀର ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ କେବେ ପୂରଣ ହେବ, ତାହାର ଉତ୍ତର ବିଭାଗୀୟ ଅଧିକାରୀଙ୍କ ନିକଟରେ ନାହିଁ। ଖୁବ୍‌ଶୀଘ୍ର ସାଧାରଣ ପରିଷଦ ଗଠନ ଓ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେ ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ତାହାର ଉତ୍ତର ବିଭାଗୀୟ ଅଧିକାରୀ ଦେଇପାରୁ ନାହାନ୍ତି।

**ଆଜି ସାହିତ୍ୟ ଏକାଡେମୀର ୬୮ତମ ପ୍ରତିଷ୍ଠା ଦିବସ**

ଓଡ଼ିଶା ସାହିତ୍ୟ ଏକାଡେମୀର ବାର୍ଷିକ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ସାଧାରଣ ପରିଷଦର ସଦସ୍ୟମାନେ ନାମ ସୁପାରିସ କରିଥା'ନ୍ତି। ଏହାପରେ ଆସିଥିବା ପ୍ରସ୍ତାବ ଉପରେ କାର୍ଯ୍ୟକାରୀ କମିଟିରେ ଆଲୋଚନା କରାଯାଇ ଶେଷରେ ସାଧାରଣ ପରିଷଦ ବୈଠକ ଡକାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥାଏ। ତେଣୁ ସାଧାରଣ ପରିଷଦ ନ ଥିବାରୁ ଏକାଡେମୀ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇ ପାରୁନାହିଁ। ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୧୭ରୁ ପୁରସ୍କାର ଦିଆଯାଇ ନ ଥିବା ସହ ଓଡିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡିଶା ଉର୍ଦ୍ଦୁ ଏକାଡେମୀ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇ ନାହିଁ। ସେହିପରି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ୨୦୨୩ରୁ ଦିଆଯାଇନାହିଁ। ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ କହୁଥିବା ବେଳେ ଏପର୍ଯ୍ୟନ୍ତ ତାହା ହୋଇପାରି ନାହିଁ। ତେବେ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏକାଡେମୀର ସର୍ବୋଚ୍ଚ ପୁରସ୍କାର ପାଇଁ କାର୍ଯ୍ୟପନ୍ଥା ଆରମ୍ଭ ହେବା ସହ ଚଳଚ୍ଚିତ୍ର ପୁରସ୍କାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବା ସହ ମାନବସମ୍ବଳ ପୂରଣ ଦିଗରେ ନିଷ୍ପତ୍ତି ନିଆଯିବାକୁ ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି।







## କମିଶନରେଟ୍ ପୁଲିସର ଅପରାଧ ସମୀକ୍ଷା ବୈଠକ

# ଆତ୍ମହତ୍ୟା ଓ ଆତ୍ମଦାହ ରୋକିବା ଉପରେ ଗୁରୁତ୍ୱ

କଟକ,୨୪।୭(ସମିସ):

ସହରରେ ଦିନକୁ ଦିନ ଅପରାଧ ବଢ଼ି ଚାଲିଛି। ଆତ୍ମହତ୍ୟା, ହତ୍ୟା ଏବଂ ଆତ୍ମଦାହ ଭଳି ଅପପରାଧକୁ ରୋକିବାକୁ ପୁଲିସ ଗୁରୁତ୍ୱ ଦେଉଛି। କଟକ କମିଶନରେଟ ଅପରାଧ ସମୀକ୍ଷା ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକ ଡିସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିସିପି ଖିଲାରୀ ରିଶିକେଷ ଦ୍ୟାନଦେଓ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଏଡିସିପି, ଏସିପି ଏବଂ ସମସ୍ତ ଥାନାର ଇନ୍ସପେକ୍ଟରମାନେ ଉପସ୍ଥିତ ଥିଲେ।



ସମ୍ପ୍ରତି ବାଲେଶ୍ୱର କଲେଜ ଛାତ୍ରୀ ଆତ୍ମଦାହ ଘଟଣା ଦେଶବ୍ୟାପୀ ଆଲୋଡନ ସୃଷ୍ଟି କରିଛି। ନ୍ୟାୟ ନମିଳିବାରୁ ପୀଡିତା ଏଭଳି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି। ତେଣୁ ମହିଳା ହୁଅନ୍ତୁ କି ପୁରୁଷ ନିର୍ଯାତନା, ବ୍ଲାକମେଲିଂ ଜନିତ ଅଭିଯୋଗ ଆସିବାମାତ୍ରେ ତୁରନ୍ତ ପଦକ୍ଷେପ ନେବାକୁ ଡିସିପି ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଅଧିକ ତତ୍ପର ହେବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକସ୍ଥଳେ ଅଭିଯୋଗକାରୀଙ୍କ ଘରକୁ ଯାଇ ଏତଲା ଗ୍ରହଣ ଏବଂ ବୟାନ ରେକର୍ଡ କରିବା, ପରିଚୟ ଗୋପନ ରଖିବାକୁ କୁହାଯାଇଛି। ଏହାଛଡା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା, ଆତ୍ମଦାହ ଭଳି ମାନସିକତାର ପରିବର୍ତ୍ତନ ପାଇଁ ଶିକ୍ଷାନୁଷ୍ଠାନ ଗୁଡିକରେ ସାମାଜିକ ସଂଗଠନ ସହଯୋଗରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ, ଆଉ ୧ ମାସ ପରେ ଗଣେଶ ପୂଜାରୁ ସହରରେ ପାର୍ବଣ ଆରମ୍ଭ ହୋଇଯିବ। ସେଥିଲାଗି ଅପରାଧୀ ଧରପଗଡକୁ ଏବେଠାରୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିକଟରେ ଜାମିନରେ ଆସିଥିବା ପେସାଦାର ଅପରାଧୀ, ନିଶା ବେପାରୀଙ୍କ ଗତିବିଧି ଉପରେ କଡା ନଜର ରଖିବା, ଗୁଣ୍ଡା ପରେଡରେ ଅନୁପସ୍ଥିତ ଅପରାଧୀଙ୍କୁ ତାଲିକାଭୁକ୍ତ କରିବାକୁ କୁହାଯାଇଛି। ତେବେ ଅଧିକାଂଶ ଥାନାରେ ରୁଜୁ ମାମଲାରେ ଦୀର୍ଘ ଦିନ ହେବ ଅଭିଯୁକ୍ତ ଧରାପଡି ନଥିବା ଜାଣି ଡିସିପି ବିରକ୍ତି ପ୍ରକାଶ କରିଥିଲେ। ଏଣୁ ପଡି ରହିଥିବା ମାମଲା ଉପରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ପ୍ରତି ମାସରେ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଖୋଲାମଖୋଲା ନିଶା ସେବନ ଓ କାରବାର ରୋକିବା, ଟ୍ରାଫିକ ଏବଂ ପାର୍କିଂ ସମସ୍ୟା ଉପରେ ବିଚାର ବିମର୍ଶ କରାଯଯାଇଛି। ଏହାବାଦ ପାଟ୍ରୋଲିଂ ଏବଂ ଯାଞ୍ଚପ୍ରକ୍ରିୟା ବ୍ୟବସ୍ଥା କଡାକଡି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୩ ମାସରେ ୧୨୧ କୋଟିର ପରିବହନ ଟିକସ୍ ଆଦାୟ

କଟକ,୨୪।୭(ସମିସ): ରାଜ୍ୟ ପରିବହନ ଅଧୀନରେ ଥିବା କଟକସ୍ଥିତ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷର ଗତ ତିନି ମାସ ମଧ୍ୟରେ ସର୍ବାଧିକ ୧୨୧ କୋଟି ୬୮ ଲକ୍ଷ ୨୯ ହଜାର ଟଙ୍କାର ରାଜସ୍ୱ ଆଦାୟ କରାଯାଇଛି। ରାଜ୍ୟ ସରକାର ଏହି ଅପ୍ରେଲ, ମଇ ଓ ଜୁନ ମାସ ମଧ୍ୟରେ ୫୫ କୋଟି ୫୦ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ବିଭାଗ ପକ୍ଷରୁ ବିଭିନ୍ନ ଗାଡ଼ିର ଫିଟନେସ, ପରମିଟ, ପଞ୍ଜୀକରଣ, ଡିଏଲ ଓ ଜରିମାନା ବାବଦରେ ଏହି ପରିମାଣର ଟିକସ ଆଦାୟ କରାଯାଇଛି। ସରକାର ବର୍ଷ ଶେଷ ସୁଦ୍ଧା ଏହି ଜିଲ୍ଲାରୁ ୨୫୩ କୋଟି ଟଙ୍କାର ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟ ରଖିଥିଲେ ହେଁ ଟିକସ ଆଦାୟ ପରିମାଣ ବର୍ଷ ଶେଷ ସୁଦ୍ଧା ଶତ ପ୍ରତିଶତକୁ ଟପିଯିବ ବୋଲି ଦାୟିତ୍ୱରେ ଥିବା ପରିବହନ ଅଧିକାରୀ ତଥା ଡେପୁଟି କମିଶନର ବିରଂଚି ନାରାୟଣ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ଅପ୍ରେଲ ମାସରେ ଟିକସ ଆଦାୟ ପରିମାଣ ୯୬.୧ ପ୍ରତିଶତ ରହିଥିବା ବେଳେ ମଇ ମାସରେ ୧୦୪.୦୬ ପ୍ରତିଶତ ଓ ଜୁନ ରେ ୧୩୦.୦୪ ପ୍ରତିଶତକୁ ଛୁଇଁଥିଲା।



## ଦାୟିତ୍ୱ ଗ୍ରହଣ ପରେ ସହର ପରିଦର୍ଶନ କଲେ ନୂଆ କମିଶନର

କଟକ,୨୪।୭(ସମିସ): ମହାନଗର ନିଗମରେ ଲାଗି ରହିଥିବା ଏକାଧିକ ସମସ୍ୟାର ସମାଧାନ ତ୍ୱରିତ ଢଙ୍ଗରେ କରାଯିବ। ସହରରେ ଦେଖା ଦେଉଥିବା ଜଳବନ୍ଦୀ ସମସ୍ୟାଠାରୁ ଆରମ୍ଭ କରି ଡ୍ରେନ୍ ସଫେଇ, ମଶା ବଂଶ ନିପାତ ଭଳି ଜନକଲ୍ୟାଣ କାର୍ଯ୍ୟକୁ ଗୁରୁତ୍ୱ ଦିଆଯିବା ସହିତ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବା ଉପରେ ଗୁରୁତ୍ୱ ଦେଉଛନ୍ତି ନୂତନ କଟକ ମହାନଗର ନିଗମ (ସିଏମ୍ସି) କମିସନର କିରଣଦୀପ କୌର ସହୋତା। ସେ ଆଜି ସହରର ବିଭିନ୍ନସ୍ଥାନ ପରିଦର୍ଶନ କରିବା ସହିତ ଲୋକଙ୍କ ମୌଳିକ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଭାଇଚାରା ସହରରେ କେମିତି ବିକାଶ'କୁ ତ୍ୱରାନ୍ୱିତ କରି ହେବ ସେ ସମ୍ପର୍କରେ ବିଭିନ୍ନ ସାହିର ମୂରବି ଓ ସିଏମ୍ସି ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ।

ସିଏମ୍ସିର ନୂତନ କମିସନର ଭାବେ କିରଣଦୀପ କୌର ଗତକାଲି କାର୍ଯ୍ୟରେ ଯୋଗ ଦେଇଥିଲେ। ସେ ଚୌଧୁରୀବଜାରସ୍ଥିତ ବିଜୁଭବନରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଥିଲେ। ନୂତନ କମିସନର ପହଞ୍ଚିବା ପରେ କାର୍ଯ୍ୟାଳୟ ବେଶ୍ ସକ୍ରିୟ ହୋଇ ଉଠିଥିଲା। ସମସ୍ତ ଅଧିକାରୀ ଓ କର୍ମଚାରୀ ନୂତନ କମିସନରଙ୍କୁ ସ୍ୱାଗତ କରିଥିଲେ। ପ୍ରକାଶ ଥାଉକି, ମଙ୍ଗଳବାର ରାତିରେ ଭାରତୀୟ ପ୍ରଶାସନିକ ଅଧିକାରୀଙ୍କ କ୍ଷେତ୍ରରେ ରାଜ୍ୟ ସରକାର ବଡ ଧରଣର ଅଦଳ ବଦଳ କରିଥିଲେ। ଗୁଣୁପୁର ଉପଜିଲାପାଳ କିରଣଦୀପ କୌର ସହୋତାଙ୍କୁ ସିଏମ୍ସି କମିସନର ଭାବେ ନିଯୁକ୍ତି ଦିଆଯାଇଛି।

## କଟକ ବାର୍ ଆସୋସିଏସନ୍ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

କଟକ,୨୪।୭(ସମିସ): କଟକ ବାର୍ ଆସୋସିଏସନ୍ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍ସିବି ମେଡିକାଲ୍ର ହେପାଟୋଲୋଜି ବିଭାଗର ପ୍ରଫେସର ଡାକ୍ତର ଉମେଶଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ପରୀକ୍ଷଣ (ଫାଇବ୍ରୋ ସ୍କାନିଂ ଦ୍ୱାରା ଯକୃତ ପରୀକ୍ଷା) କାର୍ଯ୍ୟ କରାଯାଇଥିଲା। ଉକ୍ତ ଶିବିରଟିକୁ କଟକ ବାରବାଟୀ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୌସ ଉଦ୍ଘାଟନ କରିଥିଲେ। ଏହି ଉଦ୍ଘାଟନ ଉତ୍ସବରେ କଟକ ବାର୍ ଆସୋସିଏସନ୍ର ସଭାପତି ଦାମୋଦର ଦେଓ ପୌରହିତ୍ୟ କରିଥିବା ବେଳେ ସଂପାଦକ ଦିଲ୍ଲିପ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାୟ ୨ଶହରୁ ଉଦ୍ଧ୍ୱର୍ ଆଇନଜୀବୀ ଏହି ଶିବିରରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆସୋସିଏସନ୍ର ଉପସଭାପତି ଧର୍ମାନନ୍ଦ ସୁବୁଧି, ସହସଂପାଦକ ଅମୀୟ ଶତପଥୀ, କୋଷାଧ୍ୟକ୍ଷ ବିଶ୍ୱଜିତ ଲେଙ୍କା, ପାଠାଗାର ଇନ୍ଚାର୍ଜ ମାନସ ଆଚାର୍ଯ୍ୟ, ଏକ୍ଜିକ୍ୟୁଟିଭ୍ ମେମ୍ବର ଦେବାଶିଷ ଦାସ, ବିକାଶ ପାଢ଼ୀ, ସତ୍ୟ ରଞ୍ଜନ ମହାନ୍ତି, ଅନାଦି ଚରଣ ଷଡଙ୍ଗୀ, ନିତ୍ୟାନନ୍ଦ ବେହୁରିଆ, କ୍ଷେତ୍ରମୋହନ ଧଳ, ଜ୍ୟୋତିନ୍ଦ୍ରିୟ ମହାନ୍ତି, ଦିଲ୍ଲୀପ କୁମାର ମହାରଣା, ମହେନ୍ଦ୍ର ଲାଲ୍ ଜେନା, ରାମକୃଷ୍ଣ ରଥ, ଅଞ୍ଜନ କୁମାର ଜେନା, ରଣଜିତ ସାହୁ, ଶୈଳବାଳା ଜେନା, ସଂଯୁକ୍ତା ପାତ୍ର, ପଙ୍କଜିନୀ ମହାନ୍ତି, ଗିରିବାଳା ବେହେରା, ସସ୍ମିତା ଦେବତା, ନିତ୍ୟାନନ୍ଦ ପଣ୍ଡା ଓ ଗଙ୍ଗାଧର ସାମଲ ପ୍ରମୁଖ ଶିବିରଟିକୁ ପରିଚାଳନା କରିଥିଲେ।

## ଖ୍ରୀଷ୍ଟ କଲେଜରେ ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ



କଟକ,୨୪।୭(ସମିସ): ଖ୍ରୀଷ୍ଟ କଲେଜରେ ୨୦୨୫-୨୦୨୬ ଶିକ୍ଷାବର୍ଷରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ନାମ ଲେଖାଯାଇଥିବା ନବାଗତ +୨ ବିଦ୍ୟାର୍ଥୀମାନଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସ୍ୱାଗତ କରାଯାଇଛି। ଉତ୍ସବରେ ସଭାପତିତ୍ୱ କରି ଅଧ୍ୟକ୍ଷା ମଧୁମିତା ପାତ୍ର କଲେଜର ଐତିହ୍ୟ, ପରମ୍ପରା, ଶିକ୍ଷାଦାନ, ଭିତ୍ତିଭୂମି ଓ ଅନ୍ୟାନ୍ୟ କ୍ଷେତ୍ରରେ ରହିଥିବା ସୁନାମ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ଖ୍ରୀଷ୍ଟ କଲେଜର ଶିକ୍ଷା ଓ ପରୀକ୍ଷା ପ୍ରଣାଳୀ ତଥା ଶୃଙ୍ଖଳାଗତ ନିୟମାବଳୀ ସଂପର୍କରେ ଅବଗତ କରାଇଥିଲେ। ଉପସ୍ଥିତ ନବାଗତ ବିଦ୍ୟାର୍ଥୀ ଓ ଅଭିଭାବକଙ୍କୁ କଳା, ବିଜ୍ଞାନ ଓ ବାଣିଜ୍ୟର ବିଭିନ୍ନ ବିଭାଗ ମୁଖ୍ୟମାନେ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ପରିଚୟ ତଥା ଶିକ୍ଷାଦାନ ସଂପର୍କରେ ତଥ୍ୟ ପ୍ରଦାନ କରିଥିଲେ। କଲେଜର ବିଭିନ୍ନ ଶୈକ୍ଷିକ ଶୃଙ୍ଖଳା, ପାଠାଗାର, କ୍ରୀଡ଼ା, ଉପସ୍ଥାନ ଅନୁଶାସନ, ଛାତ୍ରବୃତି, କର୍ମନିଯୁକ୍ତି, ଆତ୍ମରକ୍ଷା କୌଶଳ, ଶକ୍ତିଶ୍ରୀ, ଆଣ୍ଟି ର୍ୟାଗିଙ୍ଗ୍ ଆଦି ବିଭାଗର ଦାୟିତ୍ୱରେ ଥିବା ଅଧ୍ୟାପକ ଅଧ୍ୟାପିକାମାନେ ବିଦ୍ୟାର୍ଥୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। କଳାର ଡ. ଯୋଗଶଙ୍କର ମହାପ୍ରଶସ୍ତ, ବିଜ୍ଞାନର ଡ. ବିଜୟଭୂଷଣ ଆଚାର୍ଯ୍ୟ ଓ ବାଣିଜ୍ୟର ଅଧ୍ୟାପକ ସୁବ୍ରତ ବଳ ସଂଯୋଜକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଦ୍ମିନୀ ରଥଙ୍କ ସ୍ମୃତିଚାରଣ ଓ ସମ୍ବର୍ଦ୍ଧନା

କଟକ,୨୪।୭(ସମିସ):ରାଜେନ୍ଦ୍ରନଗରସ୍ଥିତ ମଙ୍ଗଳା ମନ୍ଦିର ପରିସରରେ ପଦ୍ମିନୀ ରଥଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ସ୍ମୃତିଚାରଣ ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସର୍ବମଙ୍ଗଳା ମହଲା ସଭାର ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପୌ÷ରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ପଦ୍ମିନୀ ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ, ଶ୍ରଦ୍ଧାସୁମନ ଅର୍ପଣ ସହ ଆତ୍ମାର ସଦ୍ଗତି ପାଇଁ ଦେବଦେବୀଙ୍କ ନିକଟରେ ଦୀପଦାନ, ନିରବ ପ୍ରାର୍ଥନା କରାଯାଇଥିଲା। ସ୍ଥାନୀୟ କର୍ପୋରେଟର ସୌ÷ଭାଗିନୀ ଜେନା ପଦ୍ମିନୀ ରଥଙ୍କ ଗୁଣାବଳୀର ସ୍ମୃତିଚାରଣ କରିଥିଲେ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ, ସର୍ବମଙ୍ଗଳା ମହଲା ସଭାର ଉପସଭାପତି ରାଜେନ୍ଦ୍ର ଷଡଙ୍ଗୀ, ସମ୍ପାଦକ ସରୋଜ ସ୍ୱାଇଁ, ଯୁଗ୍ମ ସମ୍ପାଦକ ପ୍ରଦୀପ ବେହେରା, କୋଷାଧ୍ୟକ୍ଷ ଶୁଭେନ୍ଦୁ ମିଶ୍ରଙ୍କ ସମେତ ଉଲ୍ଲାସ ପାଇକରାୟ, ଗଜେନ୍ଦ୍ରନାଥ ନାୟକ, ସଦାନନ୍ଦ ପରିଜା, ପ୍ରଫୁଲ୍ଲ ମୁଦୁଲି, ପ୍ରଦୀପ ସେଠୀ, ଅଦିତ୍ ନାୟକ, ଅଜୟ ଦାସ, ଶ୍ରୀକାନ୍ତ ମହାନ୍ତି, ଆଦିକନ୍ଦ ରାଉତ, ମହେଶ ମହାପାତ୍ର, ସଂଜୟ ପାତ୍ର, ସନ୍ଦୀପ ସାମନ୍ତରାୟ, ଗିରିଜା ଶଙ୍କର ମହାନ୍ତି, ନିହାରକାନ୍ତ ରାୟ, ଅଜିତ କାଳିଆ, ପ୍ରମୋଦ ମହାନ୍ତି, ସପନ ଜେନା ଏବଂ ସଂକୀର୍ତ୍ତନମଣ୍ଡଳୀ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ 'ରଥ ପରିବାର' ପକ୍ଷରୁ ଇଂ ଦୁର୍ଗାପ୍ରସାଦ ରଥ ଓ ଶିବ ପ୍ରସାଦ ରଥ ମହଲା ସଭାର କର୍ମକର୍ତ୍ତା, ସାହି ମୁରବୀ, ବରିଷ୍ଠ ନାଗରିକ ଓ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାଧ୍ୟାପକ ଲୋକନାଥ ବେହେରା, ପ୍ରଶାନ୍ତ ତ୍ରିପାଠୀ, ସୁଶାନ୍ତ କଅଁର, ଅରବିନ୍ଦ ପଟ୍ଟନାୟକ ପରିଚାଳନା କରିଥିଲେ।



## ହାଇକୋର୍ଟ ମଧ୍ୟସ୍ଥତା ପର୍ଯ୍ୟାଲୋଚନା ସମିତିର ବୈଠକ

କଟକ,୨୪।୭(ସମିସ): ଓଡିଶା ହାଇକୋର୍ଟର ମଧ୍ୟସ୍ଥତା ପର୍ଯ୍ୟାଲୋଚାନା ସମିତି ଆନୁକୂଲ୍ୟରେ ଦେଶ ନିମନ୍ତେ ମଧ୍ୟସ୍ଥତା ଅଭିଯାନ ସମ୍ବନ୍ଧରେ ଆଭାସି ମାଧ୍ୟମରେ ଏକ ବୈଠକ ସମସ୍ତ ଜିଲ୍ଲା ଜଜ୍ ଓ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କ ସହ ଅନୁଷ୍ଠିତ ହୋଇଯାଇଛି। ଜଷ୍ଟିସ ସଂଗମ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଓ ଜଷ୍ଟିସ ଶିବଶଙ୍କର ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ମଧ୍ୟସ୍ଥତା ମାଧ୍ୟମରେ ବିଚାର ପାଇଁ ଚିହ୍ନଟ ହୋଇଥିବା ମାମଲା ବିଷୟରେ ଜଷ୍ଟିସ ସାହୁ ଆଲୋଚନା କରିଥିଲେ। ଯୋଗ୍ୟ ମଧ୍ୟସ୍ଥଙ୍କ ଚୟନ, ପ୍ରଶିକ୍ଷଣ ତଥା ଅଧିକ ସଂଖ୍ୟାରେ ବିଚାରାଧିନ ମାମଲାଗୁଡିକର ଚିହ୍ନଟ ଉପରେ ଧ୍ୟାନ ଦେବାକୁ ଜଷ୍ଟିସ ସାହୁ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ସମେତ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ, ଉଚ୍ଚ ନ୍ୟାୟାଳୟ ଆଇନ ସେବା କମିଟିର ଭାରପ୍ରାପ୍ତ ସଚିବ ପ୍ରମୁଖ ଯୋଗ ଦେଇଥିଲେ।

## ଏସ୍ସିବି ଛାତ୍ର ସଂସଦର ଶପଥପାଠ

କଟକ,୨୪।୭(ସମିସ): ଏସ୍ସିବି ମେଡିକାଲ କଲେଜ ଛାତ୍ର ସଂସଦ ୨୦୨୫-୨୬ ବର୍ଷ ଛାତ୍ରୀଛାତ୍ରଙ୍କ ଶପଥ ଗ୍ରହଣ ସମାରମ୍ଭ କାର୍ଯ୍ୟକ୍ରମ ମେଡିକାଲର ନୂତନ ଅଡିଟୋରିୟମ ଠାରେ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଛାତ୍ର ସଂସଦର ସଭାପତି ସନତ ସତ୍ୟଜିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବିମଳ ପ୍ରସାଦ ଦାସ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ସମ୍ମାନିତ ଅତିଥି ଭାବେ ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ ଓ ସଂସଦର ପରାମର୍ଶଦାତା ଡା. ଜୟନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଛାତ୍ର ସଂସଦର ସାଧାରଣ ସମ୍ପାଦକ ଚିନ୍ମୟ ବେହେରା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି



କଟକ,୨୪।୭(ସମିସ): ଚଳିତ ବର୍ଷ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମକୁ ପାଳନ କରାଯିବା ନିମନ୍ତେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, କଟକ ସଦର ଉପ ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଉପସ୍ଥିତ ଥିଲେ। ଚଳିତବର୍ଷ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ କଟକ ବାରବାଟୀ ଷ୍ଟାଡିୟମ ପଡିଆରେ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ୧୧ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଅଭ୍ୟାସ ପରେଡ ଏବଂ ୧୫ ତାରିଖରେ ସ୍ୱାଧୀନତା ଦିବସ ପରେଡ ବାରବାଟୀ ଷ୍ଟାଡିଅମରେ ଅନୁଷ୍ଠିତ ହେବ। ଏଥିସହ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷମାନଙ୍କୁ କମିଟି ମାଧ୍ୟମରେ ଚୟନ କରାଯାଇ ସମ୍ବର୍ଦ୍ଧିତ କରାଯିବାକୁ ମଧ୍ୟ ସ୍ଥିର କରାଯାଇଛି। ଏହି ଅବସରରେ ଚଳିତ ଥର ଏକ ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ମଧ୍ୟ ନିଷ୍ପତି ଗ୍ରହଣ କରାଯାଇଛି। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପୂର୍ବବର୍ଷର ବିବରଣୀ ପାଠ କରିବା ସହ ବୈଠକ ପରିଚାଳନା କରିଥିଲେ।

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ସିପିଆଇ-ଏମ୍ର ବିକ୍ଷୋଭ

### ଶୋଭାଯାତ୍ରା ଓ ପୁଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର

କଟକ,୨୪।୭(ସମିସ):

ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତା ହାସଲ କରିଥିବା ରାଜ୍ୟର ଡବଲ ଇଞ୍ଜିନ ସରକାର ଆଇନଶୃଙ୍ଖଳା ରକ୍ଷା କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛି ବୋଲି ସିପିଆଇ(ଏମ୍) ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ପରିପ୍ରେକ୍ଷୀରେ ସନ୍ସାଇନ୍ ପଡ଼ିଆଠାରୁ ଏକ ଶୋଭାଯାତ୍ରା ବାହାରି ଗ୍ରାମାଞ୍ଚଳ ଏସପିଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ବିକ୍ଷୋଭକାରୀମାନେ ସଭା କରି ସାରିବା ପରେ ଦାବିପତ୍ର ଦେଇଥିଲେ। ଜିଲ୍ଲା ସଂପାଦକ ବଦ୍ରିନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ନେତା ରବିନାରାୟଣ ମଲ୍ଲିକ, ସଂପାଦକମଣ୍ଡଳୀ ସଭ୍ୟ ପ୍ରତାପ ମହାପାତ୍ର, ବିଷ୍ଣୁ ବେହେରା, ଅଭୟ ସ୍ୱାଇଁ, ଶ୍ରମିକ ନେତା ଚନ୍ଦ୍ରକାନ୍ତ ବେହେରା, ଚୌଦ୍ୱାର ଆଞ୍ଚଳିକ ସଂପାଦକ ରମେଶ ବେହେରା, କୃଷକ ସଭାର ଜିଲ୍ଲା ସଂପାଦକ ଡମ୍ବରୁଧର ସାହୁ, ଦଳିତ ଶୋଷଣ ମୁକ୍ତି ମଞ୍ଚ କଟକ ଜିଲ୍ଲା ଆବାହକ ମଣ୍ଡଳୀରୁ ଲକ୍ଷ୍ମୀଧର ଭୋଇ, କ୍ଷୀରୋଦ ଦାସ, ପ୍ରଫୁଲ୍ଲ ମାହାର, ନାରୀନେତ୍ରୀ ବୁଲି ସାହୁ, ପ୍ରଭାତୀ ପରିଡ଼ା, ଶୁଭ୍ରା ମହାପାତ୍ର, ଆଦିବାସୀ ନେତା ଚନ୍ଦ୍ରମୋହନ ମାଝି, ନିର୍ମଳ ଦାସ, ଗୋକୁଳାନନ୍ଦ ବେହେରା, ପ୍ରଦୀପ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟରେ ଘଟୁଥିବା ଗୋଟିଏ ପରେ ଗୋଟିଏ ଘଟଣାକୁ ନେଇ ରାଜ୍ୟର କ୍ଷମତାସୀନ ସରକାର ଆଇନଶୃଙ୍ଖଳା ରକ୍ଷା କରିବାରେ ବିଫଳ ହୋଇଛନ୍ତି। ଗତ ଏକ ବର୍ଷ ମଧ୍ୟରେ ରାଜ୍ୟରେ ୩୦,୯୪୩ ମହିଳା ବିରୋଧୀ ହିଂସା ରେକର୍ଡ କହିଛି, ସେଗୁଡିକ ମଧ୍ୟରୁ ଦୁଷ୍କର୍ମ ୨୫୭୪, ଅପହରଣ ୬୮୮୭, ଦୁଷ୍କର୍ମ ଉଦ୍ୟମ ୭୫୮୪, ଏସିଡ୍ ପକେଇ ମାରିବା ଉଦ୍ୟମ ୯ ଏବଂ ନିଆଁ ଲଗାଇ ଆତ୍ମାହୁତି ୨, ନିଆଁ ଲଗାଇ ପୋଡ଼ି ମାରିଦେବା ଉଦ୍ୟମ ୧, ଓଡ଼ିଶାବାସୀଙ୍କ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଛି। ଏହା ସାଙ୍ଗକୁ ଦଳିତ ନିର୍ଯାତନା ମାମଲା ଓଡ଼ିଶାରେ ୩୨.୪% ବୃଦ୍ଧି ପାଇଛି ଏବଂ ଓଡ଼ିଶାରେ ପ୍ରାୟ ୨୯୦୨ଟି ଦଳିତଙ୍କୁ ଆକ୍ରମଣ ଘଟଣା ଗୋଟିଏ ବର୍ଷ ମଧ୍ୟରେ ଘଟିଛି। ଏହି ତଥ୍ୟଗୁଡିକ ଅତ୍ୟନ୍ତ ଉଦ୍ବେଗଜନକ ହୋଇଥିବାରୁ ପୁଲିସ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଇ ଓଡ଼ିଶାବାସୀଙ୍କୁ ସୁରକ୍ଷିତ କରିବା ଦାବିରେ ଏକ ସ୍ମାରକପତ୍ର ଆଜି ସିପିଆଇ(ଏମ୍) ପକ୍ଷରୁ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଆରକ୍ଷୀ ଅଧୀକ୍ଷକ କଟକଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି।




## ଜନ ଅଭିଯୋଗକୁ ନେଇ ସାଂସଦ ମାନସଙ୍କ ଉଦ୍‌ବେଗ

# ସମାଧାନର ସମୟ ଅବଧିକୁ ନେଇ ଉଠାଇଲେ ପ୍ରଶ୍ନ



ଭୁବନେଶ୍ୱର,୨୪।୭ (ସମିସ): କେନ୍ଦ୍ରୀୟ ଜନ ଅଭିଯୋଗ ନିରାକରଣ ଏବଂ ନିୟନ୍ତ୍ରଣ ବ୍ୟବସ୍ଥାରେ କରାଯାଇଥିବା ସଂସ୍କାରକୁ ନେଇ ରାଜ୍ୟସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ସାଂସଦ ମାନସ ମଙ୍ଗରାଜ। ଅଭିଯୋଗ ସମାଧାନର ସମୟସୀମା,ଏହାର ପ୍ରଭାବ ,ଏଭଳି ଅଭିଯୋଗ ସମାଧାନରେ ଲୋକଙ୍କ ସନ୍ତୁଷ୍ଟି ଉପରେ ସେ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସରକାରଙ୍କ ଅଭିଯୋଗ ଏବଂ ପେନସନ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ଡଃ. ଜିତେନ୍ଦ୍ର ସିଂହ କହିଛନ୍ତି ଯେ ସରକାର ୨୦୨୨ ମସିହା ଏପ୍ରିଲରେ କେନ୍ଦ୍ରୀୟ ଜନ ଅଭିଯୋଗ ନିରାକରଣ ଏବଂ ନିୟନ୍ତ୍ରଣ ବ୍ୟବସ୍ଥା ପାଇଁ ୧୦-ପର୍ଯ୍ୟାୟ ସଂସ୍କାର ପ୍ରବର୍ତ୍ତନ କରିଥିଲେ। ଗତ୪ ବର୍ଷ ମଧ୍ୟରେ ୮୦,୩୬,୦୪୨ ଅଭିଯୋଗ ସମାଧାନ କରାଯାଇଛି। ଅଭିଯୋଗ ସମାଧାନ ସମୟସୀମା ୨୦୧୯ରେ ୨୮ ଦିନରୁ ୨୦୨୫ରେ ୧୬ ଦିନକୁ ହ୍ରାସ ପାଇଛି। ୩୦ ଜୁନ୍ ୨୦୨୫ ସୁଦ୍ଧା କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକରେ ଅଭିଯୋଗ ୬୨,୬୨୦ର ଶୁଣାଣି ହୋଇ ପାରିନାହିଁ। ଯଦି ନାଗରିକ ସମାଧାନରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ୯୦ ଜଣ ନୋଡାଲ ଆପିଲ ଅଥରିଟି ଏବଂ ୧୫୯୭ ଜଣ ସବ୍-ଆପିଲ ଅଥରିଟିଙ୍କ ସହ ଏକ ଆପିଲ ବ୍ୟବସ୍ଥା ଉପଲବ୍ଧ ରହିଛି ବୋଲି ସେ କହିଛନ୍ତି।

# ୫ ବର୍ଷରେ ମହାକାଶକୁ ୨୨ ଉପଗ୍ରହ ପ୍ରେରଣ

ଭୁବନେଶ୍ୱର,୨୪।୭(ସମିସ): ୨୦୨୦ରୁ ୨୦୨୫ ମେ ମାସ ମଧ୍ୟରେ ଇସ୍ରୋ ପକ୍ଷରୁ ୨୨ଟି ସାଟେଲାଇଟ ପ୍ରେରଣ କରାଯାଇଛି। ସେହିପରି ଦେଶରେ ପଞ୍ଜୀକୃତ ସ୍ପେସ୍ ଷ୍ଟାଟପ୍ ସଂଖ୍ୟା ୩୦୦କୁ ବୃଦ୍ଧି ପାଇଛି। ଇନ୍-ସ୍ପେସ୍ ମାଧ୍ୟମରେ ୨ଟି ସବ୍ ଅର୍ବିଟାଲ ଉଡ଼ାଣକୁ ପ୍ରୋତ୍ସାହିତ କରାଯାଇଛି ବୋଲି ସଂସଦରେ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଡଃ. ଜିତେନ୍ଦ୍ର ସିଂହ। ସାଂସଦ ମାନସ ମଙ୍ଗରାଜଙ୍କ ମହାକାଶ ଗବେଷଣା ସଂକ୍ରାନ୍ତ ଏକ ପ୍ରଶ୍ନରେ ଡ଼.ସିଂହ କହିଛନ୍ତି ଯେ ଦେଶର ୬ଟି ଅଣ ସରକାରୀ ସଂସ୍ଥା ୧୪ ସାଟେଲାଇଟ ଅନ୍ତରୀକ୍ଷକୁ ପ୍ରେରଣ କରିଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଇନ୍-ସ୍ପେସ୍ ୩୮୦ ଅଣ ସରକାରୀ ସଂସ୍ଥା ଠାରୁ ୬୫୮ ଆବେଦନ ଗ୍ରହଣ କରିଛି। ପାଣିପାଗ ଆଧାରିତ କୃଷି ପରାମର୍ଶ ପ୍ରସ୍ତୁତ କରିବାରେ ସାଟେଲାଇଟ ତଥ୍ୟ ବ୍ୟବହୃତ ହୁଏ। ଖରିଫ ଧାନ ଫସଲର ଅନୁପଯୁକ୍ତ ଜମି ମ୍ୟାପିଂ ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ଅଧୀନରେ ୬ଟି ପୂର୍ବ ରାଜ୍ୟ ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ଛତିଶଗଡ଼, ଆସାମ ଏବଂ ପଶ୍ଚିମବଙ୍ଗରେ ଫସଲ ତୀବ୍ରତା ବୃଦ୍ଧିରେ ସହାୟକ ହୋଇଛି। ବନ୍ୟା, ବାତ୍ୟା, ଭୂସ୍ଖଳନ, ଭୂମିକମ୍ପ ଏବଂ ଜଙ୍ଗଲ ଆଗୁଣ ପରି ପ୍ରମୁଖ ବିପର୍ଯ୍ୟୟ ପାଇଁ ବିପଦ,ମୂଲ୍ୟାଙ୍କନ, ବିପର୍ଯ୍ୟୟ ନିରୀକ୍ଷଣ, କ୍ଷୟକ୍ଷତି ମୂଲ୍ୟାଙ୍କନ ଏବଂ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା ବିକାଶରେ ସାଟେଲାଇଟ ତଥ୍ୟ ବ୍ୟବହୃତ ହୋଇଥାଏ। ୧୯୯୮ ମସିହାରୁ ଐତିହାସିକ ସାଟେଲାଇଟ-ଆଧାରିତ ବନ୍ୟା ତଥ୍ୟ ବ୍ୟବହାର କରି ଆସାମ, ବିହାର, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ଆଦି ବନ୍ୟା-ପ୍ରବଣ ରାଜ୍ୟଗୁଡ଼ିକ ପାଇଁ ବନ୍ୟା ବିପଦ ଜୋନେସନ ଆଟଲାସ ପ୍ରସ୍ତୁତ କରାଯାଇଛି ବୋଲି ମନ୍ତ୍ରୀ ଡ଼. ସିଂହ କହିଛନ୍ତି।

## ହତ୍ୟା ଉଦ୍ୟମ କରି ନବବଧୂ ଗିରଫ

# ସ୍ୱାମୀକୁ କୂଅକୁ ଠେଲି ଇଟା ଫିଙ୍ଗିଲା, ବାଉଁଶ ଖେଞ୍ଚିଲା



ବେଲଗୁଣ୍ଠା, ୨୪।୭ (ସମିସ): ମାତ୍ର ମାସେ ତଳେ ବିବାହ ହୋଇଥିଲା। କିନ୍ତୁ ବିବାହ ପରଠାରୁ ନବଦମ୍ପତିଙ୍କ ଭିତରେ କିଛି ବି ଠିକ୍ ନଥିଲା। ନୂଆବୋହୂର ହାବଭାବ, ଲକ୍ଷଣ ଶ୍ୱଶୁରଘର ଲୋକଙ୍କ ଦେହରେ ଯାଉନଥିଲା। ବିଶେଷକରି ଘଣ୍ଟାଘଣ୍ଟା ଧରି ଫୋନ୍‌ରେ ଗପିବାକୁ ସ୍ୱାମୀ ନାପସନ୍ଦ କରିଥିଲେ। ଏଥିପାଇଁ ଥରେ, ଦି'ଥର ସ୍ତ୍ରୀକୁ ତାଗିଦ୍ ବି କରିଥିଲେ। ବାସ୍ ଏତିକିରେ ନୂଆ ବୋହୂ ଭିତରେଭିତରେ ରାଗି ନିଆଁବାଣ। ତାଗିଦ୍ କରୁଥିବା ସ୍ୱାମୀଙ୍କୁ ସବୁଦିନ ପାଇଁ ବାଟରୁ ହଟାଇବା ପାଇଁ ରଚିଥିଲେ ଷଡ଼ଯନ୍ତ୍ର। ଶୌଚ ଯିବା ବାହାନାରେ ରାତିଅଧିଆ ସ୍ୱାମୀଙ୍କୁ ବାହାରକୁ ଡାକିବା ପରେ କୂଅ ଭିତରକୁ ଠେଲିଦେଲା। ଖାଲି ସେତିକି ନୁହେଁ, ଉପରୁ ଇଟା ଫିଙ୍ଗିବା ସହ ଏକ ବାଉଁଶରେ ଖେଞ୍ଚିଥିଲା। ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ସୁତୁମୁସର ଗ୍ରାମରେ ଘଟିଥିବା ଏଭଳି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ତେବେ ସୌଭାଗ୍ୟବଶତଃ ସ୍ୱାମୀଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେ ହେଲେ, ଗ୍ରାମର ଅମୂଲ୍ୟ ଦଳାଇ (୨୯)। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ, ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଅଭିଯୁକ୍ତ ନୂଆବୋହୂ ବର୍ଷା ପ୍ରଧାନଙ୍କୁ ହତ୍ୟା ଷଡ଼ଯନ୍ତ୍ରରେ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନାନୁଯାୟୀ, ସୁତୁମୁସର ଗ୍ରାମର ଗଣେଶ ଦଳାଇ(୬୦)ଙ୍କ ପୁଅ ଅମୂଲ୍ୟଙ୍କୁ ମାସେ ତଳେ ସୋରଡ଼ା ଥାନା ଅନ୍ତର୍ଗତ ଲାଠିପଡ଼ା ନିକଟସ୍ଥ ଗୁଡ଼ିପଲ୍ଲୀ ଗ୍ରାମର ଆକୁଳ ପ୍ରଧାନଙ୍କ ଝିଅ ବର୍ଷାଙ୍କୁ ବିବାହ କରିଥିଲେ। ବିବାହ ପରେ ବର୍ଷା ବହୁ ସମୟରେ ଫୋନ୍‌ରେ ବ୍ୟସ୍ତ ରହୁଥିଲେ। ଏହାକୁ ନେଇ ଅମୂଲ୍ୟ ତାଙ୍କୁ ତାଗିଦ୍ ମଧ୍ୟ କରିଥିଲେ। ତେବେ ଏଥିରେ ରାଗିଯାଇ ବର୍ଷା ପ୍ରତିଶୋଧପରାୟଣ ହୋଇଉଠିଥିଲେ। ଅମୂଲ୍ୟଙ୍କ ଜୀବନ ନେବାକୁ ଯୋଜନା କରିଥିଲେ। ଗତ ୨୧ତାରିଖ ସୋମବାର ରାତିରେ ଗଣେଶଙ୍କ ପରିବାର ଖାଇପିଇ ଶୋଇବା ପରେ ରାତି ୧୨ଟାରେ ବର୍ଷା ଶୌଚ ହେବାକୁ ସ୍ୱାମୀ ଅମୂଲ୍ୟକୁ ଘର ପଛପଟକୁ ଡାକି ନେଇଥିଲା। ସେଠାରେ ତାଙ୍କୁ ଜୀବନରୁ ମାରିଦେବାକୁ ଏକ କୂଅ ଭିତରକୁ ଠେଲି ଦେଇଥିଲା। ଅମୂଲ୍ୟ ଚିତ୍କାର କରିବାରୁ ବର୍ଷା ଅମୂଲ୍ୟ ଉପରକୁ ଇଟାଖଣ୍ଡ ଫୋପାଡ଼ିବା ସହ ବାଉଁଶରେ ଖେଞ୍ଚିଥିଲା। ଅମୂଲ୍ୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇ କୂଅର ପାଣି ମଧ୍ୟ ଲାଲ ହୋଇଯାଇଥିଲା। ସେହି ସମୟରେ ଗଣେଶ ଅମୂଲ୍ୟକୁ ଡାକିବା ସହ ବାହାରକୁ ଆସିଯିବାରୁ ବର୍ଷା ଘର ଭିତରକୁ ଚାଲିଯାଇଥିଲା।

ଅମୂଲ୍ୟଙ୍କ ଚିତ୍କାର ଶୁଣି ଗଣେଶ କୂଅ ନିକଟକୁ ଯାଇ ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ପରେ ଭଞ୍ଜନଗର ଏବଂ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଗଣେଶଙ୍କ ଅଭିଯୋଗକୁ ଭିତ୍ତି କରି ବେଲଗୁଣ୍ଠା ଥାନାରେ ୩୭୬/୨୫ରେ ଏକ ମାମଲା ରୁଜୁ କରିବା ସହ ଏସ୍‌ଆଇ ଅଭୟ କୁମାର ପ୍ରଧାନ ଘଟଣାର ତଦନ୍ତକାରୀ ଅଧିକାରୀ ରୂପେ ଅମୂଲ୍ୟର ବୟାନ ରେକର୍ଡ କରିଥିଲେ। ବର୍ଷାକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବର ସୂଚନା ଦେଇଛନ୍ତି।

## କେନ୍ଦ୍ରାପଡ଼ାରେ ଚାଞ୍ଚଲ୍ୟ

# ଠିକାଦାରଙ୍କୁ ଥାନା ପାଖରୁ ଟେକିନେଲେ

**ବନ୍ଦ ଘରୁ ଉଦ୍ଧାର କଲା ପୁଲିସ୍, ୨ ଗିରଫ**

**ବ୍ୟବସାୟ ଶତ୍ରୁତାରୁ ଅପହରଣ**

କେନ୍ଦ୍ରାପଡ଼ା, ୨୪।୭ (ସମିସ): ଥାନା ପାଖରୁ ଠିକାଦାରଙ୍କୁ ଅପହରଣ। କେନ୍ଦ୍ରାପଡ଼ା ଟାଉନ୍ ଥାନା ନିକଟରେ ଆଜି ଏଭଳି ଏକ ଆପରାଧିକ ଘଟଣା ଘଟିଛି। ଅପହୃତ ଯୁବକଜଣଙ୍କ ହେଲେ, କେନ୍ଦ୍ରାପଡ଼ା ସହର ଉପକଣ୍ଠ କପାଳେଶ୍ୱର ପଞ୍ଚାୟତ ଗରାପୁରର ସୁନୀଲ କୁମାର ମହାନ୍ତି। ଏ ସଂପର୍କରେ ତାଙ୍କ ପତ୍ନୀ ରଶ୍ମିତା ଅଭିଯୋଗ କରିବା ପରେ ପୁଲିସ୍ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଅପହରଣକାରୀମାନେ ସୁନୀଲଙ୍କୁ ମହାକାଳପଡ଼ା ବ୍ଲକ୍ ତନ୍ତିଆପାଳ ଥାନା ଅଧୀନ ବାବର ଅଞ୍ଚଳରେ ରଖିଥିବା ଖବର ପାଇ ପୁଲିସ୍ ସେଠାରେ ଛାନଭିନ୍ କରିଥିଲା। କିଛି ସମୟ ତନାଘନା କରିବା ପରେ ଏକ ବନ୍ଦ ଘରୁ ତାଙ୍କୁ ଉଦ୍ଧାର କରିବା ସହ ଦୁଇ ଅପହରଣକାରୀ ଦେପୁର ଗ୍ରାମର ନିଖିଳ ରଞ୍ଜନ ପତି ଓ ମନୋଜ ନାୟକଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଦ୍ୱୟଙ୍କୁ ପୁଲିସ୍ କୋର୍ଟଚାଲାଣ କରିଛି। ତେବେ ଏହି ଘଟଣାରେ ଆଉ ୬ରୁ ୮ ଅଭିଯୁକ୍ତଙ୍କ ସଂପୃକ୍ତି ଥିବା ପୁଲିସ୍ ଜାଣିବାକୁ ପାଇଛି। ସେମାନଙ୍କୁ ଧରିବା ପାଇଁ ପୁଲିସ୍ ଉଦ୍ୟମ ଚଳାଇଛି।

ପୁଲିସ୍ ସୂଚନାନୁଯାୟୀ, ସୁନୀଲ ଓ ଗିରଫ ଅଭିଯୁକ୍ତଦ୍ୱୟ ମିଳିତ ଭାବେ ଠିକାଦାରୀ କରୁଥିଲେ। ଟଙ୍କା ନେଣଦେଣକୁ ନେଇ ସେମାନଙ୍କ ମଧ୍ୟରେ ବିବାଦ ହୋଇଥିଲା। ସୁନୀଲ ଅଭିଯୁକ୍ତଙ୍କ ଟଙ୍କା ଦେଉନଥିଲେ। ଫଳରେ, ପୂର୍ବରୁ ଅଭିଯୁକ୍ତମାନେ ଥରେ ସୁନୀଲଙ୍କୁ ଅପହରଣ କରିଥିଲେ। ପରେ ସୁନୀଲ ୨୦ଲକ୍ଷ ଟଙ୍କା ଫେରାଇଥିଲେ। କିନ୍ତୁ ଆଉ କିଛି ଟଙ୍କା ଅଭିଯୁକ୍ତଙ୍କ ପାଇବାକୁ ଥିଲା। କିନ୍ତୁ ସୁନୀଲ ଟଙ୍କା ଦେବା ବଦଳରେ ଦିନ ଗଡ଼ାଇ ଚାଲିଥିଲେ। ତେଣୁ ସେମାନେ ପୁଣିଥରେ ସୁନୀଲଙ୍କୁ ଅପହରଣ କରି ଟଙ୍କା ଆଦାୟ କରିବାକୁ ଯୋଜନା କରିଥିଲେ। ତଦନୁଯାୟୀ, ସୁନୀଲ ଆଜି କେନ୍ଦ୍ରାପଡ଼ା ଟାଉନ୍ ଥାନା ନିକଟରେ ଥିବା ନୂଆ ଘରକୁ ଭୋଜି କରିବା ପାଇଁ ଆସିଥିବା ବେଳେ ୮/୧୦ ଜଣ ଯୁବକ ତାଙ୍କୁ ଏକ କଳା କାର୍‌ରେ ଅପହରଣ କରିନେଇଥିଲେ। ଏହା ଦେଖି ରଶ୍ମିତା ତୁରନ୍ତ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ସ୍ୱାମୀଙ୍କ ଜୀବନ ପ୍ରତି ବିପଦ ଥିବା ରଶ୍ମିତା ଅଭିଯୋଗରେ ଦର୍ଶାଇଛନ୍ତି।

# କଂଗ୍ରେସ ଖୋଲିଲା ମହିଳା ଅଭିଯୋଗ ପ୍ରତିକାର ପ୍ରକୋଷ୍ଠ

## ନିଯୁକ୍ତ ହେଲେ ୧୦ ଓକିଲ, ଆସିବ ଆପ୍, ଟୋଲ୍- ଫ୍ରି ନଂ

ଭୁବନେଶ୍ୱର, ୨୪।୭ (ସମିସ): ରାଜ୍ୟରେ ନାରୀମାନଙ୍କ ପ୍ରତି ଦୁଷ୍କର୍ମ, ଗଣଦୁଷ୍କର୍ମ ହତ୍ୟା ଭଳି ମାମଲା ବଢ଼ୁଛି। ପୀଡ଼ିତାଙ୍କ ଅଭିଯୋଗ କେହି ଶୁଣୁନଥିବାରୁ ଶେଷରେ ସେମାନେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ଏବେ କଂଗ୍ରେସ ପୀଡ଼ିତାଙ୍କ କଥା ଶୁଣିବ। ସେଥିପାଇଁ ମହିଳା ଅଭିଯୋଗ ପ୍ରତିକାର ପ୍ରକୋଷ୍ଠ ଗଠନ କରାଯିବା ସହ ଏକ 'ଆପ୍' ଆରମ୍ଭ ହୋଇଛି। ଏହାସହ ୧୦ଜଣ ଓକିଲ ମଧ୍ୟ ନିଯୁକ୍ତ କରାଯାଇଛି। ଆଗକୁ ପ୍ରତି ଜିଲ୍ଲାରେ ଜଣେ ଓକିଲ ରଖିବାକୁ କଂଗ୍ରେସ ଯୋଜନା କରିଥିବା ବେଳେ ପୀଡ଼ିତାଙ୍କୁ କଂଗ୍ରେସ ସହଯୋଗ କରିବାକୁ ଏଭଳି ନିଷ୍ପତ୍ତି ନେଇଛି।

ଏହି ଆପ୍‌ର ଉଦ୍‌ଘାଟନ ଅବସରରେ ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ସରକାର ନାରୀ ନିର୍ଯାତନା ବିରୋଧରେ କୌଣସି ପଦକ୍ଷେପ ନେଲେନି। ସେଥିପାଇଁ ଗୋଟିଏ ପରେ ଗୋଟିଏ ଦୁଷ୍କର୍ମ ହେଉଛି। ଆଜି ଓଡ଼ିଶାରେ ନାରୀଙ୍କ ସୁରକ୍ଷା ଏତେବଡ଼ ପ୍ରସଙ୍ଗ ହୋଇଗଲାଣି ଯେ ଆମେରିକାର ରାଷ୍ଟ୍ରପତିଙ୍କୁ ଓଡ଼ିଶା ନାରୀଙ୍କ ପାଇଁ ଅସୁରକ୍ଷିତ ବୋଲି କହିବାକୁ ପଡ଼ିଲା। ସୁପ୍ରିମକୋର୍ଟ ବି 'ଆମେ ଖୋଦ ଲଜ୍ଜିତ' ବୋଲି କହିଲେ। ଏ ସବୁକୁ ଦୃଷ୍ଟିରେ ରଖି ସରକାର ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ତ ଦୂରର କଥା, ନିଜର ଭୁଲ ସ୍ୱୀକାର କରିବାକୁ ମଧ୍ୟ ପଛାଉଛନ୍ତି। ପୁଲିସ ମଧ୍ୟ କେବଳ ଶାସକ ଦଳକୁ ଖୁସି କରିବାରେ ମାତିଛି। ନିର୍ବାଚିତ ସରକାର ତାଙ୍କ ଦାୟିତ୍ୱ ନିର୍ବାହ କରନ୍ତୁ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି।

ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି କହିଛନ୍ତି, ନ୍ୟାୟପାଇଁ ମହିଳାମାନେ ଲଢ଼ୁଛନ୍ତି। ଯେଉଁମାନେ ନ୍ୟାୟ ପାଉନାହାନ୍ତି, ସେମାନେ 'ଆପ୍' ମାଧ୍ୟମରେ ନ୍ୟାୟ ପାଇବେ। ଏବେ ପୋର୍ଟାଲ ଭାବେ ଅଛି। ପନ୍ଦର ଦିନ ପରେ 'ଆପ୍' ହୋଇଯିବ। ସେହିପରି ଇ-ମେଲ୍‌ରେ ବି ଅଭିଯୋଗ ଦାଖଲ କରିହେବ ବୋଲି ସେ ସୂଚନା ଦେଇଛନ୍ତି। ଆଗକୁ ଏକ ଟୋଲ-ଫ୍ରି' ନମ୍ବର ମଧ୍ୟ ଜାରି ହେବ ସେ ସୂଚନା ଦେଇଛନ୍ତି।

## କନ୍‌ଷ୍ଟେବଲ ନିଯୁକ୍ତି ବେଳେ ମୃତ୍ୟୁ ଘଟଣା

# ପୁଲିସ ଡିଜିଙ୍କୁ ରିପୋର୍ଟ ତଲବ କଲେ ଓଏଚ୍‌ଆର୍‌ସି

ଭୁବନେଶ୍ୱର, ୨୪।୭(ସମିସ): କନ୍‌ଷ୍ଟେବଲ ନିଯୁକ୍ତି ପାଇଁ ଦୌଡ଼ ପ୍ରତିଯୋଗିତାରେ ଜଣେ ପ୍ରାର୍ଥୀଙ୍କ ମୃତ୍ୟୁ ହେବା ଘଟଣାରେ ରାଜ୍ୟ ମାନବାଧିକାର ଆୟୋଗ (ଓଏଚ୍‌ଆରସି) ଡିଜିପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ଅଗଷ୍ଟ ୨୧ତାରିଖ ସୁଦ୍ଧା ରିପୋର୍ଟ ତଦନ୍ତ ରିପୋର୍ଟ ପଦାନ କରିବାକୁ କୁହାଯାଇଛି। ୨୦୧୭ ମସିହା ଜାନୁଆରୀ ୨୨ ତାରିଖରେ କଟକଠାରେ ନବମ ରିଜର୍ଭ ବାଟାଲିୟନ୍ କନେଷ୍ଟବଳ ନିଯୁକ୍ତି ପ୍ରକ୍ରିୟାରେ ଦୌଡ଼ ପ୍ରତିଯୋଗିତା ହେଉଥିଲା। ଏଥିରେ ଢେଙ୍କାନାଳ ଜିଲ୍ଲା ମେରାମୁଣ୍ଡଳୀ ଅଞ୍ଚଳର ମୁରଲୀଧର ସାହୁଙ୍କ ୨୧ବର୍ଷର ଏକମାତ୍ର ପୁଅ ହରେକୃଷ୍ଣ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶାରୀରିକ ପରୀକ୍ଷା, ରଶି ଚଢ଼ା ମେଡିକାଲ ଟେଷ୍ଟ ଆଦିରେ ଉତ୍ତୀର୍ଣ୍ଣ ହେବା ପରେ ସେ ୧୫୦୦ ମିଟର ଦୌଡ଼ରେ ଭାଗ ନେଇଥିଲେ। ସେହି ସମୟରେ କୌଣସି କାରଣରୁ ସେ ପଡ଼ିଯାଇଥିଲେ। ତାଙ୍କୁ ଚିକିତ୍ସା ଲାଗି କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରାର୍ଥୀଙ୍କ ପାଇଁ ଯଥେଷ୍ଟ ଚିକିତ୍ସାର ଅସୁବିଧା ଆଦି କାରଣରୁ ପୁଅର ମୃତ୍ୟ ହୋଇଛି ବୋଲି ପିତା ମୁରଲୀଧର ରାଜ୍ୟ ମାନବିକ ଅଧିକାର କମିଶନରେ ୨୦୧୭ ମେ' ୧୮ରେ ଅଭିଯୋଗ ଦାଖଲ କରିଥିଲେ। କମିସଙ୍କ ପକ୍ଷରୁ ଢେଙ୍କାନାଳ ଏସପିଙ୍କୁ ବ୍ୟବଚ୍ଛେଦ ରିପୋର୍ଟ ଆଦି ମଗାଯାଇଥିଲା। ଏଥିରେ ପୁଲିସ ପକ୍ଷରୁ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ସମ୍ପର୍କରେ ପୁଲିସ ରିପୋର୍ଟ ଓ ଫରେନସିକ ଲାବୋରୋଟାରି ପୋର୍ଟ ଆଦି ମଗା ଯାଇଥିଲା। ଏହି ଘଟଣାରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ଆଜିର ଶୁଣାଣି ବେଳେ ପୁଲିସ ଡିଜିଙ୍କ ପକ୍ଷରୁ ସେ ସମ୍ପର୍କରେ ରିପୋର୍ଟ ମଗାଯିବ ପାଇଁ ଆବେଦନକାରୀ ମୁରଲୀଧରଙ୍କ ପକ୍ଷରୁ କମିଶନଙ୍କୁ ଅନୁରୋଧ କରାଯାଇଥିଲା। ଏହି ମାମଲାର ଉପଯୁକ୍ତ ତଦନ୍ତ ପାଇଁ ତାଙ୍କ ରିପୋର୍ଟ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଡିଜିପିଙ୍କୁ ଆସନ୍ତା ଅଗଷ୍ଟ ୨୧ ସୁଦ୍ଧା ରିପୋର୍ଟ ଦାଖଲ ପାଇଁ କମିଶନର ସଦସ୍ୟ ଅସୀମ ଅମିତାଭ ଦାଶଙ୍କ ଜଣିକିଆ ଖଣ୍ଡପୀଠ ପକ୍ଷରୁ ଏହି ରିପୋର୍ଟ ତଲବ କରାଯାଇଛି।

# ଭଗିପୁରରେ ହାତୀ ଆତଙ୍କ

କଟକ, ୨୪।୭ (ସମିସ): କଟକ ଜିଲ୍ଲା ବାଙ୍କୀ ବ୍ଲକର ଭଗିପୁର ଓ କୂଅମଡ଼ା ଅଞ୍ଚଳରେ ଗୋଟିଏ ହାତୀ ଆତଙ୍କ ଖେଳାଇଛି। ଆଠଗଡ଼ ସୁକାଶନ ଜଙ୍ଗଲରୁ ଦୁଇଟି ହାତୀ ମହାନଦୀ ପାର୍ ହୋଇ ଚନ୍ଦକା ଅଭୟାରଣ୍ୟ ଅଭିମୁଖେ ଯାଉଥିଲେ। ବର୍ତ୍ତମାନ ମହାନଦୀରେ ପାଣିଥିବାରୁ ସେମାନଙ୍କ ମଧ୍ୟରୁ ଗୋଟିଏ ହାତୀ ପୁଣି ସୁକାଶନ ଜଙ୍ଗଲକୁ ଫେରିଯାଇଥିଲା ବେଳେ ଅନ୍ୟଟି ମହାନଦୀ ପାଣିରେ ଅଟକି ରହିଥିଲା। ପରେ ବିଳମ୍ବିତ ରାତିରେ କୂଳକୁ ଆସିବା ସହ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇବା ସହ ବିଭିନ୍ନ ଚାଷ ଜମିରେ ପଶି ବ୍ୟାପକ ଫସଲ ନଷ୍ଟ କରିଛି। ଏହାସହ କିଛି ଲୋକଙ୍କ ପାଚେରି ଭାଙ୍ଗି ଦେଇଥିବା ଜଣାପଡ଼ିଛି। ପରେ ହାତୀଟି ଚନ୍ଦକା ଅଭୟାରଣ୍ୟ ଅଭିମୁଖେ ଚାଲି ଯାଇଥିବା ଜଣାପଡ଼ିଛି।

■ ବିଚାରାଧୀନ ମାମଲାର ଶୁଣାଣି ସମୟ ବୃଦ୍ଧି ପାଇଁ ଆବେଦନ ପ୍ରସଙ୍ଗ

# ନିମ୍ନ ଅଦାଲତ ପାଇଁ ନିର୍ଦ୍ଦେଶାବଳୀ ଜାରିକଲେ ହାଇକୋର୍ଟ

କଟକ, ୨୪।୭ (ସମିସ): ନିମ୍ନ ଅଦାଲତଗୁଡ଼ିକରେ ବିଚାରାଧୀନ ମକଦ୍ଦମା ଶୁଣାଣି ସମାପ୍ତ ପାଇଁ ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟଙ୍କ ଦ୍ୱାରା ସମୟ ନିର୍ଦ୍ଧାରଣ ସତ୍ତ୍ୱେ ଯଦି ଶୁଣାଣି ଶେଷ ହୋଇନଥିବ, ଅତିରିକ୍ତ ସମୟ ପାଇଁ ଆବେଦନ ନିମନ୍ତେ ଏସ୍‌ଓପି ଅନୁସରଣ କରିବାକୁ ପଡ଼ିବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏକ ଏସ୍‌ଓପି ବା ନିର୍ଦ୍ଦେଶାବଳୀ ଜାରି କରିଛନ୍ତି ହାଇକୋର୍ଟ। ଯଦି ସମୟ ବୃଦ୍ଧି ପାଇଁ ହାଇକୋର୍ଟଙ୍କୁ ଅନୁରୋଧ କରାଯାଏ, ତାହେଲେ ସମ୍ପୃକ୍ତ ନିମ୍ନ ଅଦାଲତ ପ୍ରିଜାଇଡିଂ ଅଫିସର (ଜିଲ୍ଲା ଏବଂ ଦୌରା ଜଜ୍ ଏବଂ ଜଜ୍, ପାରିବାରିକ ଅଦାଲତ ବ୍ୟତୀତ) ସମୟ ବୃଦ୍ଧି ପାଇଁ ଅନୁରୋଧକୁ ସମ୍ପୃକ୍ତ ଜିଲ୍ଲା ଜଜଙ୍କ ମାଧ୍ୟମରେ ହାଇକୋର୍ଟର ରେଜିଷ୍ଟ୍ରାର୍ (ନ୍ୟାୟିକ)ଙ୍କ ନିକଟକୁ ପଠାଇବେ। ତେବେ ସୁପ୍ରିମକୋର୍ଟଙ୍କୁ ସମୟ ବୃଦ୍ଧି ପାଇଁ ଆବେଦନ କ୍ଷେତ୍ରରେ ଅନୁରୂପ ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ଆବେଦନ କରାଯିବ। ପରେ ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ ଏହାକୁ ସୁପ୍ରିମକୋର୍ଟ ରେଜିଷ୍ଟ୍ରିଙ୍କୁ ପଠାଯିବ। ବିଚାର ବିଭାଗୀୟ ଅଧିକାରୀମାନେ କୌଣସି ପରିସ୍ଥିତିରେ ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର ରେଜିଷ୍ଟ୍ରିକୁ ସିଧାସଳଖ ସମୟ ବୃଦ୍ଧି ପାଇଁ ଅନୁରୋଧ ପଠାଇ ପାରିବେ ନାହିଁ ବୋଲି ଏସ୍‌ଓପିରେ ଉଲ୍ଲେଖ କରାଯାଇଛି। ଯେଉଁଠାରେ ସମୟସୀମା ବୃଦ୍ଧି ପାଇଁ ଆବେଦନ କରାଯାଇଛି କିମ୍ବା ମଞ୍ଜୁର କରାଯାଇଛି, ସେହି କ୍ଷେତ୍ରରେ ସମ୍ପୃକ୍ତ ଜିଲ୍ଲାଜଜ୍ ଓ ହାଇକୋର୍ଟ ରେଜିଷ୍ଟ୍ରାର(ନ୍ୟାୟିକ) ନିର୍ଦ୍ଦେଶଗୁଡ଼ିକର ଅନୁପାଳନ ତଦାରଖ କରିବେ ଏବଂ ପ୍ରତି ମାସରେ ଥରେ ବିଚାରାଧୀନ ମାମଲାଗୁଡ଼ିକର ସ୍ଥିତି ସମୀକ୍ଷା କରିପାରିବେ ବୋଲି ଜାରି ଏସଓପିରେ ଉଲ୍ଲେଖ କରାଯାଇଛି।

■ ଉଚ୍ଚ ରକ୍ତଚାପ ହେତୁ ନିଯୁକ୍ତି ପ୍ରକ୍ରିୟାରୁ ପ୍ରାର୍ଥୀ ବାଦ୍ ପଡ଼ିବା ପ୍ରସଙ୍ଗ

# ମେଡିକାଲ ବୋର୍ଡ ଦ୍ୱାରା ଯାଞ୍ଚ କରି ଯୋଗ୍ୟତା ନିଷ୍ପତ୍ତି ନିଅ : ହାଇକୋର୍ଟ

କଟକ, ୨୪।୭ (ସମିସ): ଉଚ୍ଚ ରକ୍ତଚାପ କାରଣ ଦର୍ଶାଇ ବନବିଭାଗର ଏସିଏଫ୍ (ଆସିଷ୍ଟାଣ୍ଟ କଂଜରଭେଟରଅଫ୍ ଫରେଷ୍ଟ) ଓ ଫରେଷ୍ଟ ରେଞ୍ଜରର ପଦ ପୂରଣ ପାଇଁ ଅନୁଷ୍ଠିତ ନିଯୁକ୍ତି ପ୍ରକ୍ରିୟାରୁ ପ୍ରାର୍ଥୀଙ୍କୁ ବାଦ୍ ଦିଆଯିବା ପ୍ରସଙ୍ଗରେ ରୁଜୁ ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହେଇଥିଲେ ସୁଦ୍ଧା ଏହି ଆବେଦନକାରୀ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ଦିଆଯାଇଥିଲା। ଏହି ଆବେଦନକାରୀ ପ୍ରାର୍ଥୀଙ୍କ ପାଇଁ ଏକ ମେଡିକାଲ ବୋର୍ଡ ଗଠନ କରି ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦେବାଶିଷ ଦାଶ ଓ ଅନ୍ୟ ୮ ଜଣଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି ପରୀକ୍ଷା ରିପୋର୍ଟ ଆଧାରରେ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଆବେଦନକାରୀଙ୍କ ଯୋଗ୍ୟତା ପ୍ରସଙ୍ଗରେ ନିଷ୍ପତ୍ତି ନିଆଯିବ ବୋଲି ହାଇକୋର୍ଟ କହିଛନ୍ତି। ଧାର୍ଯ୍ୟ ତାରିଖରେ ମେଡିକାଲ ବୋର୍ଡ ନିକଟରେ ଆବେଦନକାରୀ ହାଜର ହେବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ ଉପରୋକ୍ତ ପଦ ପାଇଁ ଅନୁଷ୍ଠିତ ଲିଖିତ ପରୀକ୍ଷାରେ ୨୫ହଜାର ପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ। ଆବେଦନକାରୀଙ୍କ ସମେତ ୫୩୩ଜଣ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଆବେଦନକାରୀଙ୍କ ପାଇଁ ଶାରୀରିକ ମାନକ ପରୀକ୍ଷା ଜୁଲାଇ ୧୫ରେ ଅନୁଷ୍ଠିତ ହେବାକୁ ଥିଲା। ସବୁ ଠିକ ଥିବା ସତ୍ତ୍ୱେ ଉଚ୍ଚ ରକ୍ତଚାପ କାରଣ ଆଧାରରେ ସେମାନଙ୍କୁ ଶାରୀରିକ ପରୀକ୍ଷା ପାଇଁ ଅନୁମତି ଦିଆଯାଇନଥିଲା। ରକ୍ତଚାପ ମାପର ଫଳାଫଳ ଆଧାରରେ ପ୍ରାର୍ଥୀଙ୍କୁ ଶାରୀରିକ ପରୀକ୍ଷାରେ ଅଂଶଗ୍ରହଣ ପାଇଁ ଅନୁମତି ଦିଆଯିବ ବୋଲି ନିଯୁକ୍ତି ବିଜ୍ଞପ୍ତିରେ ଉଲ୍ଲେଖ ନଥିଲା। ଏଭଳି ସ୍ଥିତିରେ ରକ୍ତଚାପ ଫଳାଫଳ ଆଧାରରେ ଆବେଦନକାରୀଙ୍କୁ ଶରୀରିକ ପରୀକ୍ଷା ପାଇଁ ଅନୁମତି ଦିଆ ନ ଯିବା ନିଷ୍ପତ୍ତି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ହାଇକୋର୍ଟରେ ଏହି ମାମଲା ଦାୟର ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଥିବା ବେଳେ ସୋମ ଶେଖର ରଥ ସହାୟତା କରୁଥିଲେ।

# ଇଡି ଉପ-ନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀଙ୍କୁ ସର୍ତ୍ତମୂଳକ ଜାମିନ

କଟକ,୨୪।୭(ସମିସ): ସିବିଆଇ ଦ୍ୱାରା ଗିରଫ ହୋଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଉପ ନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀଙ୍କୁ ହାଇକୋର୍ଟ ଆଜି ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୧ ଲକ୍ଷ ଟଙ୍କା ଓ ଦୁଇ ଜଣ ଜାମିନଦାରଙ୍କ ବଦଳରେ ନିମ୍ନ ଅଦାଲତ ତାଙ୍କୁ ଜାମିନ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଜାମିନରେ ଥିବା ବେଳେ ଅନ୍ୟ କୌଣସି ଅପରାଧରେ ସଂଶ୍ଳିଷ୍ଟ ହେବେ ନାହିଁ। ସେହିଭଳି ଆବେଦନକାରୀ ନିମ୍ନ ଅଦାଲତଙ୍କ ଅନୁମତି ବିନା ଦେଶ ବାହାରକୁ ଯାଇପାରିବେ ନାହିଁ। ନିଜର ବାସସ୍ଥଳୀ ଠିକଣା ତଦନ୍ତକାରୀ ଅଧିକାରୀଙ୍କୁ ଅବଗତ କରିବା ସହ ପ୍ରତି ଶୁଣାଣି ସମୟରେ ଅଦାଲତରେ ଉପସ୍ଥିତ ରହିବେ। ନିଜର ପାସପୋର୍ଟକୁ ମଧ୍ୟ ନିମ୍ନ ଅଦାଲତରେ ଜମା ଦେବେ। ଆବେଦନକାରୀ ଅଭିଯୁକ୍ତ ଉପରୋକ୍ତ ସର୍ତ୍ତ ଖିଲାପ କରିବା ସ୍ଥଳେ ସିବିଆଇ ଏହି ନିର୍ଦ୍ଦେଶନାମାର ପରିବର୍ତ୍ତନ ପାଇଁ ଆବେଦନ କରିପାରିବ ବୋଲି କହିଛନ୍ତି ହାଇକୋର୍ଟ। ପ୍ରକାଶଥାଉକି ଶ୍ରୀ ରଘୁବଂଶୀଙ୍କ ଅନ୍ତରୀଣ ଜାମିନ ଅବଧି ଶେଷ ହେବା ପରେ ଆତ୍ମସମର୍ପଣ କରିଥିଲେ। ମାମଲାରୁ ପ୍ରକାଶ ଯେ ବେଆଇନ ଖଣି ମାମଲାକୁ ରଫାଦଫା କରିବା ପାଇଁ ଲାଞ୍ଚ ଗ୍ରହଣ ଅଭିଯୋଗରେ ଇଡି ଉପନିର୍ଦ୍ଦେଶକଙ୍କ ସହ ଆଉ ଜଣେ ବ୍ୟକ୍ତି ଭକ୍ତି ବିନୋଦ ବେହେରାଙ୍କୁ ସିବିଆଇ ଗିରଫ କରିଥିଲା। ନିମ୍ନ ଅଦାଲତରେ ଜାମିନ ଖାରଜ ହେବା ପରେ ଶ୍ରୀ ରଘୁବଂଶୀ ଓ ଭକ୍ତି ବିନୋଦ ବେହେରା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଭୟଙ୍କୁ ଏହି ମାମଲାରେ ନିୟମିତ ଜାମିନ ମଞ୍ଜୁର କରିଛନ୍ତି ହାଇକୋର୍ଟ।

## ନୂଆଦିଲ୍ଲୀରେ "ଦ ପବ୍ଲିକ୍ ପ୍ରେସିଡେଣ୍ଟ୍" ପୁସ୍ତକ ଉନ୍ମୋଚିତ

# ରାଷ୍ଟ୍ରପତିଙ୍କ ଜୀବନ ସଂଘର୍ଷମୟ: ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ/ଭୁବନେଶ୍ୱର,୨୪।୭ (ସମିସ): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରୋଟୋକୋଲରୁ ଊର୍ଦ୍ଧ୍ୱରେ ରହି ତଥା ସବୁ ପ୍ରତିବନ୍ଧକକୁ ଦୂର କରି ଲୋକଙ୍କୁ ଭେଟନ୍ତି। ପ୍ରଜାତନ୍ତ୍ରରେ ସେ ହେଉଛନ୍ତି ଲୋକଙ୍କ ନେତା। ସେ ହେଉଛନ୍ତି ପିପୁଲ ଲିଡର୍, ଯାହା ସେ ନିଜକୁ ପ୍ରମାଣିତ କରିସାରିଛନ୍ତି। ବୁଧବାର ନୂଆଦିଲ୍ଲୀରେ ଆଦର୍ଶ ତ୍ରିପାଠୀଙ୍କ ଦ୍ୱାରା ଲିଖିତ ଇଂରାଜୀ ପୁସ୍ତକ "ଦ ପବ୍ଲିକ୍ ପ୍ରେସିଡେଣ୍ଟ୍" ଉନ୍ମୋଚନ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପଦବୀରେ ଅଭିଷିକ୍ତ ହୋଇ ସମଗ୍ର ଓଡ଼ିଶା ପାଇଁ ଦେଶରେ ଏକ ନୂଆ ପରିଚୟ ତିଆରି କରିଛନ୍ତି। ରାଷ୍ଟ୍ରପତିଙ୍କ ସଂଘର୍ଷମୟ ଜୀବନ ଉପରେ ଆଲୋକପାତ କରି ସେ କହିଛନ୍ତି ଯେ ଗୋଟିଏ ସମୟରେ ଜନଜାତି ସମାଜର ଲୋକଙ୍କୁ ଜାତି ସାର୍ଟିଫିକେଟ୍ ଆଣି ଭୁବନେଶ୍ୱରରେ ପଢ଼ିବା କଷ୍ଟସାଧ୍ୟ ଥିଲା। ମାତ୍ର ସେଭଳି ଏକ ସମୟରେ ଶ୍ରୀମତୀ ମୁର୍ମୁ ଜାତି ସାର୍ଟିଫିକେଟ୍ ଆଣି ନିଜ ଗାଁର ଗୁରୁଜନଙ୍କ ପାଖକୁ ଯାଇ ଭୁବନେଶ୍ୱରକୁ ଯାଇ ପଢ଼ିବାକୁ ଇଚ୍ଛା କରିଥିଲେ। ପରେ ସେ ୨୦୦୦ ମସିହାରେ ଓଡ଼ିଶା ବିଧାନସଭାର ସଦସ୍ୟ ହୋଇଥିଲେ। ତାଙ୍କର ଏକ ମଣିଷପଣିଆ ଥିଲା। ତାଙ୍କର ସ୍ୱଭାବ ଥିଲା ଉଚ୍ଚକୋଟୀର ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀର ଆମ୍ବେଦକର ଇଣ୍ଟରନ୍ୟାସନାଲ ସେଣ୍ଟରରେ ନବଗଠିତ ଜାତୀୟ ପୁସ୍ତକ ପ୍ରୋତ୍ସାହନ ପରିଷଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ପୁସ୍ତକର ଲେଖକ ଆଦର୍ଶ ତ୍ରିପାଠୀ, ସାଇ ଇଣ୍ଟରନ୍ୟାସନାଲ ଏଜ୍ୟୁକେସନ ଗ୍ରୁପର ଅଧ୍ୟକ୍ଷା ଡଃ ଶିଳ୍ପୀ ସାହୁ, ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ପ୍ରମୁଖ ଉପସ୍ଥିତ ଥିଲେ।


TPCODL | TPNODL | TPSODL | TPWODL

(Joint Ventures of Tata Power and Government of Odisha)


**PUBLIC NOTICE**

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

ସକାଳ
THE SAKALA

# ସମ୍ପାଦକୀୟ



ଜୀବଜଗତର ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ପୃଥିବୀ ପାଖରେ ପର୍ଯ୍ୟାପ୍ତ ସମ୍ବଳ ଅଛି, କିନ୍ତୁ ତାହା ଜଣେ ମଧ୍ୟ ଲୋଭୀର ଚାହିଦା ପୂରଣ କରିପାରିବ ନାହିଁ।

-ମହାତ୍ମା ଗାନ୍ଧୀ

## ଏନ୍‌ସିଇଆର୍‌ଟି ବିବାଦ

ଶିକ୍ଷାର ମୂଳାଧାର ରୂପେ ପରିଚିତ ଓ ବିବେଚିତ ବିଦ୍ୟାଳୟ ଶିକ୍ଷା ପାଇଁ ସର୍ବଭାରତୀୟସ୍ତରରେ ପ୍ରଚଳିତ ଏନ୍‌ସିଇଆରଟି ପାଠ୍ୟପୁସ୍ତକର ବିଷୟବସ୍ତୁକୁ ନେଇ ପୁଣି ଥରେ ବିବାଦ ଉଠିଛି। ସଦ୍ୟତମ ଅଭିଯୋଗ ଅନୁଯାୟୀ ଅଷ୍ଟମଶ୍ରେଣୀ ସାମାଜିକ ବିଜ୍ଞାନ ବହିର ପ୍ରଥମ ଭାଗରେ ପଶ୍ଚିମବଙ୍ଗର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଆଦି ସ୍ଥାନିତ ହୋଇଥିବା ବେଳେ ଓଡ଼ିଶାର ପାଇକ ବିଦ୍ରୋହ ବାଦ୍ ପଡ଼ିଛି। ଏହାକୁ ନେଇ ବିବାଦ ଉଠିବା ପରେ ଦ୍ୱିତୀୟ ଭାଗରେ ସ୍ଥାନିତ କରାଯିବ ବୋଲି ଏନ୍‌ସିଇଆରଟି ଘୋଷଣା କରିଛି। ବିବାଦ ଉଠିବା ପରେ କିମ୍ବା ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଓଡ଼ିଶାର ପାଇକ ବିଦ୍ରୋହକୁ ସାମାଜିକ ବିଜ୍ଞାନର ଦ୍ୱିତୀୟ ଭାଗରେ ସ୍ଥାନିତ କରାଯାଇଛି ତାହା ଅବଶ୍ୟ ଜଣାପଡ଼ିନାହିଁ। ତା'ସହିତ ମୋଗଲ୍ ସାମ୍ରାଜ୍ୟର କେତେକ ଚରିତ୍ର ଓ ଘଟଣାକ୍ରମର ଉପସ୍ଥାପନା ମଧ୍ୟ ବିତର୍କିତ ହୋଇପଡ଼ିଛି। ଏଭଳି ବାରମ୍ବାର ପାଠ୍ୟକ୍ରମର ବିଷୟବସ୍ତୁ ପରିବର୍ତ୍ତନ ଦ୍ୱାରା ଦେଶର ସ୍ୱନାମଧନ୍ୟ ଅନୁଷ୍ଠାନ ଅଯଥା ଅପବାଦ ମୁଣ୍ଡାଉଛି।

ଏହାପୂର୍ବରୁ ମଧ୍ୟ ବିଗତ ବର୍ଷମାନଙ୍କରେ ଏନ୍‌ସିଇଆରଟି ଦଶମଶ୍ରେଣୀ ପାଠ୍ୟପୁସ୍ତକରୁ ଡାରୱିନ୍‌ଙ୍କ ବିବର୍ତ୍ତନ ତତ୍ତ୍ୱକୁ ବାଦ୍ ଦିଆଯାଇଥିବାରୁ ଆପତ୍ତି ଉଠିଥିଲା। ଇଂରାଜୀ ମାଧ୍ୟମ ଶିକ୍ଷାର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଇଂରାଜୀ ଓ ଗଣିତ ପାଠ୍ୟପୁସ୍ତକର ନାମକରଣ ଭାରତୀୟ ନୃତ୍ୟ, ସଙ୍ଗୀତ, ସଂସ୍କୃତି ଓ ପରମ୍ପରା ଆଧାରିତ ହେବାରୁ କେତେକ ମହଲ ଆପତ୍ତି ଉଠାଇଥିଲେ। ସେହିପରି ଏନ୍‌ସିଇଆରଟି ଦ୍ୱାରା ପ୍ରକାଶିତ ସପ୍ତମ ଶ୍ରେଣୀର ସାମାଜିକ ବିଜ୍ଞାନ ଓ ଇତିହାସ ବହିରୁ କେତେକ ନାମ ଓ ବିଷୟକୁ ବାଛି ବାଛି ବାଦ୍ ଦିଆଯାଇଥିବା ଏବଂ ନୂଆ ନାମ ଓ ଅଧ୍ୟାୟ ସାମିଲ୍ କରାଯାଇଥିବା ଅଭିଯୋଗ ମଧ୍ୟ ଆସିଥିଲା। ବିଶେଷକରି ମୋଗଲ୍ ଶାସନ କାଳର କେତେକ ନାମ ଓ ଘଟଣାବଳୀର ବର୍ଣ୍ଣନା ଶୈଳୀ ଓ ଉପସ୍ଥାପନାକୁ ନେଇ କେତେକ ମହଲ ଆପତ୍ତି ଉଠାଇଥିଲେ।

କେତେକ ଶିକ୍ଷାବିତ୍‌ଙ୍କ ମତରେ ପାଠ୍ୟକ୍ରମ ବିଷୟବସ୍ତୁ ଚୟନ ସମୟରେ ସେ କ୍ଷେତ୍ରରେ ଅଭିଜ୍ଞତା, ଦକ୍ଷତା ଓ ଦୂରଦର୍ଶିତା ଥିବା ବିଶେଷଜ୍ଞ କିମ୍ବା ଶିକ୍ଷାବିତ୍‌ମାନଙ୍କ ପରାମର୍ଶ ଲୋଡ଼ାଯାଉନାହିଁ। ଯାହାଫଳରେ ଏଭଳି ବିବାଦ ଉଠୁଛି। ବର୍ତ୍ତମାନ ଭାରତ ବିଶ୍ୱଗୁରୁ ଦୌଡ଼ରେ ଅଛି। ତେଣୁ ଦେଶର ଛାତ୍ରଛାତ୍ରୀମାନେ ଯୁଗୋପଯୋଗୀ ଶିକ୍ଷା ସହିତ ଭାରତୀୟ ସଂସ୍କୃତିର ମୂଳଧାରକୁ ଆହରଣ କରିବା ଉଚିତ। ଏ କ୍ଷେତ୍ରରେ ଜ୍ଞାନ-ବିଜ୍ଞାନ ସନ୍ନିବେଶିତ ଶିକ୍ଷା ହିଁ ବିଶ୍ୱ ଦରବାରରେ ଭାରତକୁ ଯଥାଯଥ ଉପସ୍ଥାପନ କରିବାରେ ସହାୟକ ହେବ। ତେଣୁ ଇତିହାସକୁ ଅବିକଳ ଉପସ୍ଥାପନା ବଦଳରେ ତର୍ଜମା ଭିତ୍ତିକ ହେବା ଆବଶ୍ୟକ।

କେତେକାଂଶରେ ଶିକ୍ଷାବିତ୍‌ମାନଙ୍କ ମତ ଓ ମନ୍ତବ୍ୟ ଗ୍ରହଣଯୋଗ୍ୟ। କିନ୍ତୁ ପାଠ୍ୟକ୍ରମ ଦୀର୍ଘ ବର୍ଷ ଧରି ଅପରିବର୍ତ୍ତିତ ରହିଲେ ସେଥିରେ ଅଭିନବତା ଓ ଗତିଶୀଳତା ହ୍ରାସ ପାଏ। ତେଣୁ ପାଠ୍ୟପୁସ୍ତକର ପାଠ୍ୟକ୍ରମ ପରିବର୍ତ୍ତନ ଜରୁରୀ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁଗୁଡ଼ିକ ଯେପରି ସମ୍ପୂର୍ଣ୍ଣ ରୂପେ ପିଲାମାନଙ୍କର ଜ୍ଞାନକୋଷରୁ ବାଦ୍ ନ ପଡ଼େ ସେଥିପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ। ଆଜିର ଶିକ୍ଷା ହେଉଛି ନିଯୁକ୍ତି ଭିତ୍ତିକ। ତେଣୁ ଅଯଥା ପିଲାମାନଙ୍କୁ ଭାରାକ୍ରାନ୍ତ ନ କରି ଆବଶ୍ୟକ ଓ ଉଚିତ ପାଠ୍ୟକ୍ରମ ସାମିଲ୍ ହେବା ଜରୁରୀ। ଏହାସହିତ ଜାତୀୟସ୍ତର ପ୍ରବେଶିକା ପରୀକ୍ଷାଗୁଡ଼ିକ ମଧ୍ୟ ପାଠ୍ୟକ୍ରମ ଆଧାରିତ ନ ହେଲେ ବିଦ୍ୟାଳୟ ପାଠ୍ୟ ବା ଶିକ୍ଷା ପ୍ରୟୋଗାତ୍ମକ ବା ଉପକାରୀ ହୋଇପାରିବ ନାହିଁ।

ପାଠ୍ୟକ୍ରମରେ ଯଦି ବାରମ୍ବାର ପରିବର୍ତ୍ତନ ହୁଏ ତେବେ ଶିକ୍ଷାଦାନରେ ମଧ୍ୟ ବାଧା ସୃଷ୍ଟି ହେବା ନିଶ୍ଚିତ। କାରଣ ଆମ ବିଦ୍ୟାଳୟମାନଙ୍କରେ ଶିକ୍ଷକ ତାଲିମ୍ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଏ ନାହିଁ। ଶିକ୍ଷକ/ଶିକ୍ଷୟିତ୍ରୀମାନେ ପାଠ ପଢ଼ି ପିଲାଙ୍କୁ ପଢ଼ାଇବା ପାଇଁ ପ୍ରସ୍ତୁତ ହେବା ବେଳକୁ ବର୍ଷର ଅଧେ ସମୟ ଚାଲିଯାଇଥିବ। ତେଣୁ ପିଲାମାନଙ୍କୁ ମଧ୍ୟ ଅଧୁରା ଶିକ୍ଷା ମିଳିବ। ସାଧାରଣତଃ ଖରାଛୁଟିରେ ନିଷ୍ଠାପର ଶିକ୍ଷକ/ଶିକ୍ଷୟିତ୍ରୀମାନେ ନିଜେ ପାଠ ସହିତ ଅଭ୍ୟସ୍ତ ହୁଅନ୍ତି, ଯାହା ସ୍କୁଲ୍ ଖୋଲିବା ମାତ୍ରକେ ସାବଲୀଳ ଭାବେ ଶିକ୍ଷାଦାନ ସହଜ ହୁଏ। ଏବେ ସରକାର ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଲାଗୁ ହେଉଥିବା ନୋ ଡିଟେନସନ୍ ପଲିସି ଉଠାଇବାକୁ ଯୋଜନା କରୁଛନ୍ତି। ସେଥିରେ ପୁଣି ନୂଆ ଶିକ୍ଷାନୀତି ଲାଗୁ ହୋଇଛି। ଏଭଳି ସମୟରେ ପାଠ୍ୟକ୍ରମରେ ବାରମ୍ବାର ପରିବର୍ତ୍ତନ ହେଲେ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀ ପ୍ରଭାବିତ ହେବେ।

ଆଜିର ସମୟର ଆବଶ୍ୟକତା ହେଉଛି ବିଜ୍ଞାନଭିତ୍ତିକ ଦୃଷ୍ଟିକୋଣ ଓ ବୈଷୟିକ ଆଭିମୁଖ୍ୟକୁ ଅଗ୍ରାଧିକାର ଦେଇ ଆମ ପିଲାଙ୍କୁ ଉପଯୁକ୍ତ ଭାବେ ଗଢ଼ିତୋଳିବା। ଏଥିରେ ସଂସ୍କୃତି, ଐତିହ୍ୟ, ଇତିହାସ, ଧର୍ମଧାରଣା, ସଂସ୍କାର ଓ ଦେଶପ୍ରେମ ତଥ୍ୟ ରହିଲେ ଅପରାଧ ହେବ ନାହିଁ। କିନ୍ତୁ ସମାନ୍ତରାଳ ଭାବେ ଭାରତର ଧର୍ମନିରପେକ୍ଷତା ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ। ଏହା ହିଁ ହେବ ବିଶ୍ୱଗୁରୁ ହେବାର ଦକ୍ଷତା ଓ ଯୋଗ୍ୟତା।

## ଅନ୍ଧବିଶ୍ୱାସର ନୂଆ ଏନ୍ତୁଡ଼ିଶାଳ

ଡକ୍ଟର ଅବଶ ପରିଡ଼ା

ପ୍ରତିଦିନ ଆମେ ସାମାଜିକ ଗଣମାଧ୍ୟମରେ ଅନେକ ଦେବଦେବୀଙ୍କ ଫଟୋ ସହ କିଛି ବାର୍ତ୍ତା ପାଇବା ଏକ ସାଧାରଣ ଘଟଣା ହୋଇଗଲାଣି। ସେହିସବୁ ବାର୍ତ୍ତାରେ ଲେଖାଥାଏ ଯେ ଏହି ଫୋଟୋକୁ ତୁରନ୍ତ ସେୟାର କରନ୍ତୁ, ଦିନଟି ଭଲରେ କଟିବ, ଭାଗ୍ୟ ବଦଳିବ ଏବଂ ଧନର ବର୍ଷା ହେବ। ଏପରିକି ସୋମବାର, ମଙ୍ଗଳବାର ଓ ଶନିବାର ଦିନମାନଙ୍କରେ କିଛି ନିର୍ଦ୍ଦିଷ୍ଟ ଫଟୋ ପ୍ରାୟ ସମସ୍ତ ସାମାଜିକ ଗଣମାଧ୍ୟମରେ ପ୍ରଚାରପ୍ରସାର ହେଉଛି। ସେଥିରେ ଦାବି କରାଯାଉଛି ଯେ ଏହି ଫଟୋ ସବୁ ବିରଳ, ଅନେକ ବର୍ଷ ପୂର୍ବର ଏବଂ ଏହାକୁ ଅଣଦେଖା ଆମ ଉପରେ ବିପତ୍ତି ଆଣିପାରେ।

ଏବେ ସାମାଜିକ ଗଣମାଧ୍ୟମ ବା ଡିଜିଟାଲ୍ ପ୍ଲାଟ୍‌ଫର୍ମ ପାଲଟିଛି ଆଧୁନିକ ଅନ୍ଧବିଶ୍ୱାସର ନୂଆ ଠିକଣା। ପରମ୍ପରା ସହିତ ପ୍ରଯୁକ୍ତିବିଦ୍ୟାର ମିଶ୍ରଣ ସୃଷ୍ଟି କରିଛି ଏହି ନୂତନ ଭାବଧାରା। ଏଠାରେ ଭାରତୀୟ ସାମାଜିକ ଗଣମାଧ୍ୟମର କିଛି ଲୋକପ୍ରିୟ ଅନ୍ଧବିଶ୍ୱାସର ଉଦାହରଣ ନେବା। 'ଆଜି ରାତିରେ ରାହୁ-କେତୁ ଛାଇ ଯୋଗୁଁ ଚନ୍ଦ୍ର ଲାଲ ହୋଇଯିବ। ରାତି ୮ଟା ପରେ ଖାଆନ୍ତୁ ନାହିଁ। ପ୍ରିୟଜନଙ୍କ ସହିତ ସେୟାର କରନ୍ତୁ।' ଏହାବ୍ୟତୀତ 'ଯଦି ରାତି ତିନିଟା ରୁ ଚାରିଟା ଭିତରେ ନିଦ ଭାଙ୍ଗୁଛି ତେବେ ଦୈବୀଶକ୍ତି ଆପଣଙ୍କ ସହ ଯୋଗାଯୋଗ କରିବାକୁ ଚାହୁଁଛନ୍ତି କିମ୍ବା ଯଦି ଆପଣଙ୍କ ଛାଇ ଆଜି ବିକୃତ ଲାଗୁଛି ତେବେ ଘରୁ ବାହାରନ୍ତୁ ନାହିଁ।' ଆଶ୍ଚର୍ଯ୍ୟର କଥା ଯେ ଏଭଳି ବ୍ୟାଖ୍ୟାନ ଯୁବବର୍ଗ ମଧ୍ୟରେ ବେଶ୍ ଲୋକପ୍ରିୟ। ଜାଣତରେ କିମ୍ବା ଅଜାଣତରେ ଏସବୁ ଆମର ଅବଚେତନ ମନକୁ ବିଶ୍ଳେଷଣ ଓ ଆତ୍ମନିରୀକ୍ଷଣ କରିବାକୁ ବାଧ୍ୟ କରୁଛି।

ଏଠାରେ ଜାଣି ରଖିବାକୁ ହେବ ଯେ ସାମାଜିକ ଗଣମାଧ୍ୟମ ଉଭୟ ଅନ୍ଧବିଶ୍ୱାସର ପ୍ରସାର ଏବଂ ସୁଦୃଢ଼ୀକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିସାରିଲାଣି। ସତ୍ୟ, ପରମ୍ପରା, ପୌରାଣିକ କାହାଣୀ ଏବଂ ସୂଚନା ଆଢୁଆଳରେ ଫେସବୁକ ଓ ହ୍ୱାଟ୍‌ସଆପରେ ଅନ୍ଧବିଶ୍ୱାସର ବ୍ୟାପକ ପ୍ରସାର ହେଉଛି। ଏହି ଧାରା ବିଶ୍ୱବ୍ୟାପୀ ଏବଂ ସମାଜଶାସ୍ତ୍ରୀଙ୍କ ପାଇଁ ଏକ ଚିନ୍ତାର ବିଷୟ। ସାମାଜିକ ଗଣମାଧ୍ୟମ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଜନସାଧାରଣଙ୍କ ମଧ୍ୟରେ କିପରି ପାରମ୍ପରିକ ଏବଂ ନୂତନ ଅନ୍ଧବିଶ୍ୱାସ ବୃଦ୍ଧି କରୁଛି ସେ ସମ୍ବନ୍ଧୀୟ ଅନେକ ଅଧ୍ୟୟନ ହେଉଛି। ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ସାମାଜିକ ଗଣମାଧ୍ୟମ ଅନ୍ଧବିଶ୍ୱାସକୁ ବହୁସଂଖ୍ୟକଙ୍କ ପାଖରେ ଶୀଘ୍ର ପହଞ୍ଚାଇବାରେ ସକ୍ଷମ। ସୌଭାଗ୍ୟ କିମ୍ବା ଅଶୁଭ ଲକ୍ଷଣ ଭଳି ଅନ୍ଧବିଶ୍ୱାସ ସମ୍ବନ୍ଧୀୟ ବ୍ୟାଖ୍ୟାନଗୁଡ଼ିକୁ ବାରମ୍ବାର ପୁନଃପ୍ରେରଣ ବା ପୁନଃପ୍ରଚାର ଏବଂ ପସନ୍ଦ(ଲାଇକ୍) ଦ୍ୱାରା ଅସ୍ପଷ୍ଟ କିମ୍ବା ଆଞ୍ଚଳିକ ଅନ୍ଧବିଶ୍ୱାସ ମଧ୍ୟ କିଛି ଘଣ୍ଟା ଭିତରେ ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରିପାରୁଛି। ଏଠାରେ ଏକ ଉଦାହରଣ ନେବା। 'ସଂଖ୍ୟା ତେର ଅଶୁଭ। ଏହାକୁ ଏଡ଼ାଇବାକୁ ଚେଷ୍ଟା କର' ହେଉଛି କୌଣସି ସଂସ୍କୃତିରେ ଉତ୍ପନ୍ନ ଏକ ଅନ୍ଧବିଶ୍ୱାସ। କିନ୍ତୁ ସାମାଜିକ ଗଣମାଧ୍ୟମର ପ୍ରଭାବଶାଳୀ ଅନୁମୋଦନ ଏବଂ ପ୍ରଚାର ଦ୍ୱାରା ବିଶ୍ୱସ୍ତରର ତେର ସଂଖ୍ୟା ଅଶୁଭ ପାଲଟିଛି।

ସାମାଜିକ ଗଣମାଧ୍ୟମ ପରସ୍ପର ସହିତ ଜଡ଼ିତ। ତେଣୁ ଅନ୍ଧବିଶ୍ୱାସର ପାରସ୍ପରିକ ସାଂସ୍କୃତିକ ଆଦାନପ୍ରଦାନକୁ ଏବେ ସହଜ କରିଦେଉଛି। ନିର୍ଦ୍ଦିଷ୍ଟ ଅଞ୍ଚଳ କିମ୍ବା ସମ୍ପ୍ରଦାୟ ମଧ୍ୟରେ ସୀମିତ ଥିବା ଅଭ୍ୟାସଗୁଡ଼ିକ ବର୍ତ୍ତମାନ ସାରା ବିଶ୍ୱରେ ଉପଲବ୍ଧ, ଯାହା ନୂତନ ଅନ୍ଧବିଶ୍ୱାସୀ ଆଚରଣର ସଂକରୀକରଣ ବୋଲି କୁହାଯାଇପାରେ। ବିଶ୍ୱାସ ଓ ଅଭ୍ୟାସ ଦ୍ୱାରା ଇଣ୍ଟରନେଟ୍‌ରେ ସକ୍ରିୟ ଥିବା କିଛି ଉତ୍ସର୍ଗୀକୃତ ଗୋଷ୍ଠୀ ପ୍ରରୋଚିତ। ସେହିସବୁ ଗୋଷ୍ଠୀ ଦ୍ୱାରା ପ୍ରଚାରିତ ଅନ୍ଧବିଶ୍ୱାସର ବୈଧତା ଏବଂ ସମର୍ଥନ ପାଇବା ନିମନ୍ତେ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀମାନଙ୍କ ସାହାଯ୍ୟ ନିତାନ୍ତ ଜରୁରୀ। ବ୍ୟବହାରକାରୀଙ୍କ ବୈଧତା ପରେ ଅନ୍ଧବିଶ୍ୱାସ ଆମ ବିଶ୍ୱାସ ସହ ଧୀରେ ଧୀରେ ଯୋଡ଼ି ହୋଇଯାଉଛି।

ଆରମ୍ଭରୁ ଆମେ ଶୃଙ୍ଖଳ ବାର୍ତ୍ତା ବା ଚେନ୍ ମେସେଜ୍ କଥା ହୋଇଥିଲେ, ଯେଉଁଠି ଆଶୀର୍ବାଦ ପାଇଁ 'ପୋଷ୍ଟକୁ ଶେୟାର'(ବ୍ୟାଖ୍ୟାନର ପୁନଃପ୍ରେରଣ) କରିବା ପାଇଁ କୁହାଯାଏ। ଏବେ ଡିଜିଟାଲ୍ ଲକ୍ଷଣ ଓ ସ୍ୱାସ୍ଥ୍ୟଜନିତ ମିଥ୍ୟା କାହାଣୀ କଥା ଆଲୋଚନା କରିବା। ପୁନରାବୃତ୍ତି ସଂଖ୍ୟା, ଯଥା, ୧୧: ୧୧ ମିନିଟ କିମ୍ବା ୭୭୭୭ ସଂଖ୍ୟା ଇତ୍ୟାଦି ସାମାଜିକ ଗଣମାଧ୍ୟମରେ ବେଶ ଲୋକପ୍ରିୟ। ଏହି ସଂଖ୍ୟା ସହିତ ଆମର ଜୀବନର ସମସ୍ୟା ଓ ସମାଧାନ ଯୋଡ଼ି ହୋଇଛି ବୋଲି ଡିଜିଟାଲ ଲୋକକଥା ସୂଚନା ଦିଏ। ସେହିପରି ସ୍ୱାସ୍ଥ୍ୟଜନିତ ମିଥ୍ୟା କାହାଣୀ ହେଉଛି ବୈଜ୍ଞାନିକ ଆଧାରର ଘୋର ଅଭାବ ଥିବା 'ଭାଇରାଲ୍ ସ୍ୱାସ୍ଥ୍ୟ ଟିପ୍ସ'। ଏଠାରେ ରୋଗରୁ ରକ୍ଷା ପାଇବା ପାଇଁ ଅପ୍ରମାଣିତ ପ୍ରତିକାର କିମ୍ବା ପୂଜାପାଠର ଗୁରୁତ୍ୱକୁ ଉଲ୍ଲେଖ କରାଯାଏ। ଭାରତରେ କିଛି ପ୍ରଚଳିତ ସ୍ୱାସ୍ଥ୍ୟ ଟିପ୍ସ ହେଉଛି 'ଲେମ୍ବୁକୁ ଫୁଟାଇ ପିଅନ୍ତୁ, କର୍କଟ ରୋଗ ଭଲ ହେବ' ଏବଂ 'ରସୁଣ ଓ ହଳଦୀକୁ ୭ ଦିନ ପର୍ଯ୍ୟନ୍ତ ପାଦରେ ଘଷନ୍ତୁ, ମଧୁମେହ ଭଲ ହୋଇଯିବ।' 'ଜୀବନ ବଞ୍ଚାଇବା ପାଇଁ ଏହାକୁ ଫରୱାର୍ଡ଼(ବାରମ୍ବାର ପ୍ରସାର) କରିଚାଲନ୍ତୁ।'

ସାମାଜିକ ଗଣମାଧ୍ୟମରେ କ୍ରମବର୍ଦ୍ଧିଷ୍ଣୁ ଅନ୍ଧବିଶ୍ୱାସ ପାଇଁ ଅନେକ କାରଣ ଦାୟୀ। ପ୍ରଥମଟି ହେଉଛି ସୂଚନା ପ୍ରସାରର ଶୀଘ୍ରତା। ସତ ମିଛର ଯାଞ୍ଚ ସାମାଜିକ ଗଣମାଧ୍ୟମରେ ନଥାଏ। ତେଣୁ ଅନ୍ଧବିଶ୍ୱାସର ପ୍ରଚଳନ ଏବଂ ଦୃଶ୍ୟମାନତା ଏଠି ଆପେ ଆପେ ବଢ଼େ। ଭୁଲ ସୂଚନା ଓ ଅନ୍ଧବିଶ୍ୱାସ ଦ୍ୱାରା ସାମାଜିକ ଗଣମାଧ୍ୟରେ ଭଲ ବ୍ୟବସାୟ ହୁଏ ବୋଲି ଅନେକ ବିଶେଷଜ୍ଞ ମତ ରଖନ୍ତି। ଅନ୍ୟ ଏକ ଦିଗରେ ଲୋକପ୍ରିୟତା ବୃଦ୍ଧି ନିର୍ଣ୍ଣୟ କରିବାରେ ସାମାଜିକ ଗଣମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ତେଣୁ ଆମେ ଯେଉଁ ଅନ୍ଧବିଶ୍ୱାସପୂର୍ଣ୍ଣ ଧାରା ଦେଖୁଛେ ସେସବୁ ସାମାଜିକ ଗଣମାଧ୍ୟମର ପ୍ରାୟୋଜିତ ଲୋକପ୍ରିୟ ସଂସ୍କୃତି କହିଲେ କିଛି ଭୁଲ ହେବନାହିଁ। ଗଣମାଧ୍ୟମ, ଟେଲିଭିଜନ ଚ୍ୟାନେଲ ଓ ଓଟିଟି ରେ ପ୍ରାୟତଃ ଅନ୍ଧବିଶ୍ୱାସ ଉପରେ କେନ୍ଦ୍ରିତ ଅନେକ କାର୍ଯ୍ୟକ୍ରମ ପ୍ରସାରଣ ହେଉଛି। ଏସବୁ କାର୍ଯ୍ୟକ୍ରମ ଦ୍ୱାରା ଦର୍ଶକଙ୍କ ମଧ୍ୟରେ ଅନ୍ଧବିଶ୍ୱାସ ପ୍ରତି ବିଶ୍ୱାସ ଓ ବୈଧତା ମଧ୍ୟ ବୃଦ୍ଧି ପାଉଛି।

ଭାରତରେ ଅନ୍ଧବିଶ୍ୱାସକୁ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମସ୍ୟା ଭାବରେ ବିବେଚନା କରାଯାଏ। ତେଣୁ ଆଶଙ୍କା ହେଉଛି ଯେ ସାମାଜିକ ଗଣମାଧ୍ୟମରେ ଏସବୁର ପ୍ରସାର ଆମ ଭବିଷ୍ୟତ ପାଇଁ ବିପଦ ନହେଉ। ଗଣମାଧ୍ୟମ ଦ୍ୱାରା ବୃଦ୍ଧି ପାଉଥିବା ବ୍ୟାପକ ଅନ୍ଧବିଶ୍ୱାସ ଜନସାଧାରଣଙ୍କ ପାଇଁ ସାମାଜିକ କ୍ଷତି, ସାମାଜିକ କଳଙ୍କ, ଶୋଷଣ ଓ ହିଂସାର ପ୍ରମୁଖ କାରଣ। ସଠିକ ସୂଚନା ପ୍ରଦାନ କରିବା ହେଉଛି ଉଭୟ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ଦାୟିତ୍ୱ। କିନ୍ତୁ ନୈତିକ ତ୍ରୁଟି ଏବଂ ଅନ୍ଧବିଶ୍ୱାସର ନିୟନ୍ତ୍ରଣହୀନ ପ୍ରଚାର ଏକ ବୃହତ ସାମାଜିକ ଅବ୍ୟବସ୍ଥା କାରଣ ହୋଇପାରେ ବୋଲି କେହି ଚିନ୍ତା କରୁନାହାନ୍ତି। ସଠିକତା ଅପେକ୍ଷା ମନୋରଞ୍ଜନକୁ ପ୍ରାଥମିକତା ଏବଂ ଅଯୌକ୍ତିକ ବିଶ୍ୱାସର ପ୍ରୋତ୍ସାହନ ଅନେକ ସାମାଜିକ କୁଅଭ୍ୟାସ ଓ ହତ୍ୟାକାଣ୍ଡରେ ପ୍ରତିଫଳିତ।

ଅନ୍ୟ ଏକ ମହଲର ଦାବି ଅନୁଯାୟୀ ସାମାଜିକ ଗଣମାଧ୍ୟମରେ ଅନ୍ଧବିଶ୍ୱାସ ବଜାୟ ରହିବାର କାରଣ ହେଉଛି ଯେ ଏହା ବ୍ୟକ୍ତିର ମାନସିକ ଏବଂ ସାମାଜିକ ଆବଶ୍ୟକତା ପୂରଣ କରେ। ଅନ୍ଧବିଶ୍ୱାସ ହେଉଛି ଏକ ପ୍ରକାରର ଭାବନା। ବ୍ୟକ୍ତିର ଅପ୍ରତ୍ୟାଶିତ ପରିସ୍ଥିତିକୁ ନିୟନ୍ତ୍ରଣ କରିବାର ଏକ ଉପାୟ। ସେଭଳି ଅନେକ ଯୁକ୍ତି କରନ୍ତି ଯେ ଏସବୁ ଅନ୍ଧବିଶ୍ୱାସ ନୁହେଁ, ବରଂ ସାମାଜିକ ଗଣମାଧ୍ୟମରେ ଏକପ୍ରକାରର ସାମାଜିକ ବନ୍ଧନ ଓ ଲୋକକଥା। ସମସାମୟିକ ସମାଜରେ ଅନ୍ଧବିଶ୍ୱାସର ପ୍ରସାର ଏବଂ ସ୍ୱାଭାବିକୀକରଣ ପାଇଁ ସାମାଜିକ ଗଣମାଧ୍ୟମ ଏକ ଉତ୍‌ପ୍ରେରକ ଭାବରେ କାର୍ଯ୍ୟ କରୁଛି। ଏହାର ସମାଧାନ ପାଇଁ ସାମାଜିକ ବହିଷ୍କାର ଭୟ ଏବଂ 'ଯଦି ଏହା ସତ୍ୟ ହୁଏ ତେବେ କ'ଣ ହେବ?' ମାନସିକତାରୁ ଦୂରତା ସହିତ ଗଣମାଧ୍ୟମ ସାକ୍ଷରତା, ନୈତିକତା ଏବଂ ବୈଜ୍ଞାନିକ ଦୃଷ୍ଟିକୋଣ ଅତ୍ୟନ୍ତ ଆବଶ୍ୟକ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ଅକ୍ଷୁଣ୍ଣ ରହୁ ବଞ୍ଚିବାର ଅଧିକାର

ରାକେଶ ପଣ୍ଡା



ଭାରତର ଭୌଗୋଳିକ ସ୍ଥିତି ବିବିଧ ବନ୍ୟପ୍ରାଣୀମାନଙ୍କୁ ଏକ ପ୍ରାକୃତିକ, ସୁନ୍ଦର ଓ ନିରାପଦ ଆଶ୍ରୟ ବା ବାସସ୍ଥାନ ପ୍ରଦାନ କରିଥାଏ। ପଶ୍ଚିମବଙ୍ଗର ଶକ୍ତିଶାଳୀ ବାଘଠାରୁ ଆରମ୍ଭ କରି ଆସାମର ଏକଶୃଙ୍ଗୀ ଗଣ୍ଡା ପର୍ଯ୍ୟନ୍ତ, ଭାରତର ଜଙ୍ଗଲ ଜୀବନର ତାଳ ସହିତ ଗୁଞ୍ଜରିତ ହୁଏ। କିନ୍ତୁ ଏହି ଜଙ୍ଗଲ ସ୍ୱରର ତାଳ ଆଜି ବିପଦରେ ରହିଛି। ନିକଟରେ ପୂର୍ବ-ମଧ୍ୟ ରେଳବାଇ ଅନ୍ତର୍ଗତ ରାଞ୍ଚି କୋଡରମା ମାର୍ଗର ବରକାକାନା ଓ ହଜାରିବାଗ ଷ୍ଟେସନ ମଧ୍ୟରେ ରେଳଲାଇନ ଉପରେ ଏକ ହାତୀ ପ୍ରସବ କରିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଥିପାଇଁ ଉକ୍ତ ମାର୍ଗ ଦେଇ ଯାଉଥିବା ଗୋଟିଏ ମାଲବାହୀ ଟ୍ରେନ ଦୁଇ ଘଣ୍ଟା ଧରି ଅଟକି ରହିଥିଲା। ପ୍ରଶ୍ନ ହେଉଛି ଗୋଟିଏ ଜଙ୍ଗଲୀ ହାତୀର ଚଳାଚଳ ଏବଂ ପ୍ରସବ ନିମନ୍ତେ ଏକ ମାନବବସତି ତଥା ଗ୍ରାମ ନିକଟରେ ରହିଥିବା ରେଳଧାରଣା ଏକ ବାସ୍ତବ ଓ ସୁରକ୍ଷିତ ସ୍ଥାନ କି ? କେଉଁ କାରଣରୁ ଗୋଟିଏ ଗର୍ଭଣୀ ହାତୀ ନିଜର ପ୍ରାକୃତିକ ପରିବେଶ ଛାଡ଼ି ଜନବସତି ମୁହାଁ ହୋଇଥିଲା ? ବିଶ୍ୱସ୍ତରରେ ଜଙ୍ଗଲ କ୍ଷୟ ଧୀରେ ଧୀରେ ଏହି ମୂଲ୍ୟବାନ ବାସସ୍ଥାନଗୁଡ଼ିକୁ ଲୋପ କରୁଛି, ଯାହାକୁ ପ୍ରାୟତଃ ନିରବତାର ଶବ୍ଦ କୁହାଯାଏ। ଜଙ୍ଗଲ କାଟିବା ହେଉଛି ବର୍ତ୍ତମାନ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ସମସ୍ୟା ମଧ୍ୟରୁ ଗୋଟିଏ। ଯେତେବେଳେ ପ୍ରାକୃତିକ ଭାବରେ ଗଛ ଥିବା ଜମିକୁ ମାନବ ଚାହିଦା ଅନୁଯାୟୀ କିଛି ସେବା ପ୍ରଦାନ କରିବା ନିମନ୍ତେ ପରିବର୍ତ୍ତନ କରାଯାଏ, ସେତେବେଳେ ଗଛ କାଟିବାକୁ ପଡ଼େ ଏବଂ ଜଙ୍ଗଲ କ୍ଷୟ ଘଟେ। ଏହାର ମୁଖ୍ୟ କାରକଗୁଡ଼ିକ ହେଲା ଶିଳ୍ପ ପ୍ରତିଷ୍ଠା, ରାସ୍ତା ନିର୍ମାଣ, ଡ୍ୟାମ୍ ଏବଂ ସହରାଞ୍ଚଳ ପ୍ରସାରଣ ଭଳି ଭିତ୍ତିଭୂମିର ବିକାଶ, କୃଷି ପ୍ରସାରଣ ନିମନ୍ତେ ଜମିକୁ କୃଷି କ୍ଷେତ୍ରରେ ଏକୀକୃତ କରିବା, କାଠ କାଟିବା, ବର୍ଦ୍ଧିତ ଜନସଂଖ୍ୟା ଏବଂ ଆର୍ଥିକ କାର୍ଯ୍ୟକଳାପକୁ ସମାୟୋଜନ କରିବା ପାଇଁ ଭିତ୍ତିଭୂମି ବିକାଶ, ଖଣି ଖନନ, ଜଳବାୟୁ ପରିବର୍ତ୍ତନ। ଏହାଛଡ଼ା ଝଡ଼, ଘୂର୍ଣ୍ଣିବାତ୍ୟା କିମ୍ବା କୀଟପତଙ୍ଗ ଆକ୍ରମଣ ଭଳି ପ୍ରାକୃତିକ ବିଭ୍ରାଟ ମଧ୍ୟ ଜଙ୍ଗଲ କ୍ଷୟର ଅନ୍ୟତମ କାରକ ଅଟନ୍ତି। ଦୁର୍ଭାଗ୍ୟବଶତଃ, ଉକ୍ତ କାରକଗୁଡ଼ିକ ଜଙ୍ଗଲ ଜୀବମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ବିପଦର ସମ୍ମୁଖୀନ କରାଉଛି।

ଅବାଧରେ ଗଛ କାଟିବା ଫଳରେ ୧୯୯୦ ରୁ ୨୦୧୫ ପର୍ଯ୍ୟନ୍ତ ବିଶ୍ୱ ଜଙ୍ଗଲ ପରିସରର ୩.୧୬ ପ୍ରତିଶତ ହ୍ରାସ ଘଟିଛି। ଏକ ରିପୋର୍ଟ ଅନୁସାରେ, ୨୦୧୫ ରୁ ୨୦୨୦ ମଧ୍ୟରେ ଭାରତ ପ୍ରାୟ ୬,୬୮, ୪୦୦ ହେକ୍ଟର ଜଙ୍ଗଲ ହରାଇଛି, ଯାହା ସେହି ସମୟ ମଧ୍ୟରେ ବିଶ୍ୱସ୍ତରରେ ଦ୍ୱିତୀୟ ସର୍ବାଧିକ ଜଙ୍ଗଲ କ୍ଷୟ। ବିଶ୍ୱସ୍ତରରେ ପ୍ରତିବର୍ଷ ପ୍ରାୟ ୧୦ ନିୟୁତ ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି। ଏକ ରିପୋର୍ଟରେ କୁହାଯାଇଛି ଯେ ମଣିଷ ପ୍ରତିବର୍ଷ ଦେଢ଼ କୋଟିରୁ ଅଧିକ ଗଛ କାଟିଥାଏ। ଜାତିସଂଘର 'ଖାଦ୍ୟ ଓ କୃଷି ସଂଗଠନ' ଆକଳନ କରିଛି ଯେ ମଣିଷ ନିଜର ବିଭିନ୍ନ ଅବଶ୍ୟକତାକୁ ପୂରଣ କରିବା ନିମନ୍ତେ ୧୯୯୦ ମସିହା ପରଠାରୁ ୪୨୦ ନିୟୁତ ହେକ୍ଟର ଜଙ୍ଗଲ ଜମିକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ପରିବର୍ତ୍ତନ କରିଛି। ଭାରତରେ ବନ କ୍ଷୟ ଯୋଗୁଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଜଙ୍ଗଲୀ ଜୀବ ପ୍ରାଣ ହରାଉଛନ୍ତି ଏବଂ ଅନେକ ବିସ୍ଥାପିତ ହେଉଛନ୍ତି। ଏହାଫଳରେ ଦେଶରେ ବାଘ, ଗଣ୍ଡା, ହାତୀ, ହରିଣ, ବାରହା, ଠେକୁଆ ଆଦି ଅନ୍ୟ ବିଭିନ୍ନ ପ୍ରକାରର ପ୍ରାଣୀ ପ୍ରଜାତିକୁ ନକରାତ୍ମକ ଭାବରେ ପ୍ରଭାବିତ କରୁଛି। ଏହାଛଡ଼ା, ବାଦୁଡ଼ି, କପୋତ ଓ କାଉ ଭଳି ପକ୍ଷୀ ବିରଳ ହେବାରେ ଲାଗିଛନ୍ତି। ବିଭିନ୍ନ ପକ୍ଷୀ ଓ ସରୀସୃପ ଭଳି କିଛି ପ୍ରଜାତି ମଧ୍ୟ ବାସସ୍ଥାନ କ୍ଷତି ଯୋଗୁଁ ବିପଦରେ ଅଛନ୍ତି।

ବନ୍ୟପ୍ରାଣୀମାନଙ୍କର ପ୍ରାକୃତିକ ବାସସ୍ଥାନ ସଙ୍କୁଚିତ ହେବା ଫଳରେ ବନ୍ୟପ୍ରାଣୀ ଦୈନନ୍ଦିନ ଖାଦ୍ୟର ଅଭାବକୁ ମେଣ୍ଟାଇବାକୁ ଏବଂ ଆଶ୍ରୟ ପାଇଁ ମାନବ ବସତି ମଧ୍ୟକୁ ପ୍ରବେଶ କରିବା ସହ କେତେକ କ୍ଷେତ୍ରରେ ଆକ୍ରମଣ ମଧ୍ୟ କରିଥା'ନ୍ତି। ଏପରିକି କେତେକ ସମୟରେ ସେମାନେ ସହର ଭିତରକୁ ପ୍ରବେଶ କରିବାର ନଜରକୁ ଆସୁଛି। ଯାହାକି ମଣିଷ ଓ ବନ୍ୟପ୍ରାଣୀଙ୍କ ମଧ୍ୟରେ ସଂଘର୍ଷ ସୃଷ୍ଟି କରିଥାଏ। ପ୍ରତିଶୋଧ ସ୍ୱରୂପ, ମଣିଷ ଶିକାର କିମ୍ବା ବନ୍ୟପ୍ରାଣୀଙ୍କୁ ଧରିବାକୁ ଚେଷ୍ଟା କରିଥାଏ, ଯାହା ଏହି ପ୍ରଜାତିମାନଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଆହ୍ୱାନକୁ ଆହୁରି ତୀବ୍ର କରିଥାଏ। ଉଭୟଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଏହି ସଂଘର୍ଷ ବିଭିନ୍ନ ରୂପରେ ପ୍ରକାଶିତ ହୁଏ। ଯେପରିକି ଫସଲ କ୍ଷତି, ପଶୁ ଶିକାର, ସମ୍ପତ୍ତି କ୍ଷତି। ଏପରିକି ଉଭୟ ଜଙ୍ଗଲୀ ପଶୁ ଓ ମଣିଷଙ୍କ ସାମାଜିକ ଓ ପ୍ରାକୃତିକ ଅଧିକାର ବିପଦରେ ପଡ଼ିବା ସହ ସେମାନଙ୍କ ଜୀବନ ପ୍ରତି ବିପଦ ଥାଏ। କେନ୍ଦ୍ର ସରକାରଙ୍କ ଦ୍ୱାରା ଡିସେମ୍ବର, ୨୦୨୩ ରେ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୨ରେ ଦେଶରେ ପଶୁ ଆକ୍ରମଣ ଯୋଗୁଁ ୧, ୫୧୦ ଜଣଙ୍କ ମୃତ୍ୟୁ ହୋଇଛି।

ଏ ଧରାପୃଷ୍ଠରେ, ଈଶ୍ୱର ପ୍ରଦାନ କରିଥିବା ପ୍ରତିଟି ଜୀବର ବଞ୍ଚିବାର ସ୍ୱତନ୍ତ୍ର ଅଧିକାର କେବେ, କୌଣସି ପରିସ୍ଥିତିରେ ମଧ୍ୟ କ୍ଷୁଣ୍ଣ ହେବା ଉଚିତ ନୁହେଁ। ଏହା କେବଳ ସରକାର ନୁହେଁ, ସମାଜରେ ବାସ କରୁଥିବା ପ୍ରତ୍ୟେକ ମଣିଷଙ୍କ ପାଇଁ ମଧ୍ୟ ଏକ ବଡ଼ ପ୍ରଶ୍ନବାଚୀ ଓ ଆହ୍ୱାନ। କିପରି ଦେଶରେ ବାକିଥିବା ଜଙ୍ଗଲ ଆଉ ନଷ୍ଟ ନହୁଏ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ। ଏହାଛଡ଼ା ନୂତନ ଜଙ୍ଗଲ ସୃଷ୍ଟି କରିବା ସହ ବନ୍ୟ ପ୍ରାଣୀଙ୍କ ଜୀବନ ନିର୍ବାହ ନିମନ୍ତେ ଏକ ପ୍ରାକୃତିକ ପରିବେଶ ସୃଷ୍ଟି କରାଯିବା ଜରୁରୀ, ଯେପରି ଉଭୟ ମଣିଷ ଓ ବନ୍ୟପ୍ରାଣୀ କେହି କାହାର ଜୀବନ ଶୈଳୀ, ଜୀବନ ନିର୍ବାହ ଓ ବଞ୍ଚିବାର ଅଧିକାର ଆଦିରେ ହସ୍ତକ୍ଷେପ କରିବେ ନାହିଁ। ଉଭୟଙ୍କ ନିମନ୍ତେ ଉଦ୍ଦିଷ୍ଟ ପରିବେଶ ଓ ସ୍ଥାନରେ ସେମାନେ ଶାନ୍ତି, ଖୁସି ଓ ନିରାପଦର ସହ ଜୀବନ ଯାପନ କରିବେ। ଏଥିଲାଗି କିନ୍ତୁ ସରକାର ଓ ଜନତା ସଚେତନ ହେବା ସହ ଜରୁରୀ ପଦକ୍ଷେପ ମାନ ନିଷ୍ଠା ଓ ଗୁରୁତ୍ୱର ସହ ଗ୍ରହଣ କରିବା ଉଚିତ।

ବଦାଲୋ(କଟକ), ମୋ: ୯୩୩୭୮୯୭୬୫୦

## ରାବଣ ମନ୍ଦିର

ଓଜସ୍ୱିନୀ

### ବିଚିତ୍ର ବିଶ୍ୱାସ

ଦେବଭୂମି ଭାରତରେ ତେତ୍ରିଶକୋଟି ଦେବଦେବୀଙ୍କ ଅନେକ ଭବ୍ୟ ମନ୍ଦିର ରହିଛି। ପ୍ରତ୍ୟେକ ମନ୍ଦିର ନିଜସ୍ୱ ନିର୍ମାଣ ଶୈଳୀ, ସ୍ଥାନୀୟ ପରମ୍ପରା, ସଂସ୍କୃତି, ଧର୍ମୀୟ ବିଶ୍ୱାସ, ଅଲୌକିକତା, ପୂଜାବିଧି, ପୌରାଣିକ ଆଖ୍ୟାନ, କିମ୍ବଦନ୍ତୀ ଓ ଲୋକକଥା ଆଧାରରେ ସ୍ୱତନ୍ତ୍ର। କିନ୍ତୁ ସବୁରି ମୂଳରେ ରହିଛି ବିଶ୍ୱାସ। ଏହା ସକାରାତ୍ମକ କିମ୍ବା ନକାରାତ୍ମକ ହୋଇପାରେ। ଏହିକ୍ରମରେ ଭାରତରେ ଏମିତି କିଛି ମନ୍ଦିର ଅଛି, ଯେଉଁଠି ଅସୁର, ଦାନବ, ରାକ୍ଷସ-ରାକ୍ଷସୀଙ୍କୁ ମଧ୍ୟ ପୂଜା କରାଯାଉଛି। ଆସୁରିକ ଶକ୍ତିର ପ୍ରତୀକ ହୋଇଥିଲେ ମଧ୍ୟ ଏମାନେ ଈଶ୍ୱର ଭାବେ ପୂଜା ପାଉଛନ୍ତି। ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ସମାଜ, ସଂସ୍କୃତି ଓ ପରମ୍ପରାରେ ଖଳନାୟକ ଭାବମୂର୍ତ୍ତି ସମ୍ପନ୍ନ ଚରିତ୍ରମାନଙ୍କୁ ଈଶ୍ୱର ଆସନ ଦେବା ପଛରେ ରହିଛି ଏକ ତୀବ୍ର ବିରୋଧାଭାସ। ଯେଉଁମାନେ ଭାଗ୍ୟ ଓ ଭଗବାନଙ୍କ ଉପରୁ ସମ୍ପୂର୍ଣ୍ଣ ଆସ୍ଥା ହରାଇଥା'ନ୍ତି ସେମାନଙ୍କ ଚେତନାରେ କାଳକ୍ରମେ ଖଳନାୟକ ଚରିତ୍ରମାନଙ୍କ ପ୍ରତି ଅନୁରକ୍ତି ସୃଷ୍ଟି ହୁଏ। ହେତୁବାଦୀମାନଙ୍କ ମତରେ ଗୋଟିଏ ଚରିତ୍ରକୁ ନାୟକ ଭାବେ ଉପସ୍ଥାପନା କରିବା ପାଇଁ ଅନ୍ୟଜଣଙ୍କୁ ଖଳନାୟକ ଭାବେ ଚିତ୍ରଣ କରାଯାଏ। କିନ୍ତୁ ସେହି ଖଳନାୟକ ଚରିତ୍ର ଭିତରେ ମଧ୍ୟ ଅନେକ ଐଶ୍ୱରୀୟ ଗୁଣ ରହିଛି। ସେହି ଗୁଣଗୁଡ଼ିକୁ ଆବିଷ୍କାର କରିପାରିଥିବା ବ୍ୟକ୍ତିମାନେ ମଧ୍ୟ ପ୍ରଶଂସାର ପାତ୍ର। ଆଉ କିଛି ମତବାଦୀଙ୍କ ମତରେ ଯଦି ତୁମେ ଈଶ୍ୱରଙ୍କୁ ବିଶ୍ୱାସ କରୁଛ ତେବେ ନକାରାତ୍ମକ ଶକ୍ତିର ଅବସ୍ଥିତିକୁ ସ୍ୱୀକାର କରିବାକୁ ବାଧ୍ୟ। କାରଣ ଦୁଇ ବିପରୀତ ଧର୍ମୀ ଚରିତ୍ରର ସମ୍ମିଶ୍ରଣରେ ହିଁ ସଂସାରର ସମତୁଲତା ରକ୍ଷା ହୁଏ। ଏଭଳି କେତେକ ସ୍ୱତନ୍ତ୍ର ବା ଭିନ୍ନ ବିଚାର ଆଧାରରେ ଗଢ଼ି ଉଠିଛି ଅନେକ ମନ୍ଦିର ଓ ଉପାସନା, ଯାହା ଈଶ୍ୱରବିଶ୍ୱାସୀଙ୍କ ଦୃଷ୍ଟିରେ ବିଚିତ୍ର ଲାଗେ। ଏହି ସ୍ତମ୍ଭରେ ଆମେ ଭାରତରେ ପ୍ରତିଷ୍ଠିତ ସେଭଳି କିଛି 'ବିଚିତ୍ର ବିଶ୍ୱାସ' ଆଧାରିତ ମନ୍ଦିର ସମ୍ପର୍କରେ ଆଲୋଚନା କରିବା।

ରାମାୟଣରେ ମୁଖ୍ୟ ଖଳନାୟକ ରୂପେ ଚିତ୍ରିତ ଅସୁରରାଜା ରାବଣର କୁଶପୁତ୍ତଳିକା ପ୍ରତିବର୍ଷ ଦଶହରାରେ ପୋଡ଼ିବାର ଅଲିଖିତ ପରମ୍ପରା ଅନେକ ବର୍ଷ ଧରି ଜାରି ରହିଛି, ଯାହା ରାବଣପୋଡ଼ି ନାମରେ ବିଦିତ। କିନ୍ତୁ ଆଶ୍ଚର୍ଯ୍ୟ ହେଲେ ମଧ୍ୟ ସତ ଯେ ଭାରତର ଅନେକ ସ୍ଥାନରେ ଅସୁରରାଜ ରାବଣଙ୍କ ଏକାଧିକ ମନ୍ଦିର ରହିଛି, ଯାହା ମଧ୍ୟରୁ ମୁଖ୍ୟତଃ ଦୁଇଟି ମନ୍ଦିର ପ୍ରସିଦ୍ଧ। ଗୋଟିଏ ହେଉଛି ରାଜସ୍ଥାନର ଯୋଧପୁରସ୍ଥିତ ମେହରାନଗଡ଼ କିଲ୍ଲା ନିକଟରେ ଥିବା ରାବଣ-ମନ୍ଦୋଦରୀ ମନ୍ଦିର ଏବଂ ଅନ୍ୟଟି ସେହି ରାଜ୍ୟର ଉଦୟପୁରଠାରେ ଥିବା କମଳନାଥ ମହାଦେବ ମନ୍ଦିର।

ଯୋଧପୁରର ମନ୍ଦୋର୍‌ଠାରେ ଥିବା ରାବଣ-ମନ୍ଦୋଦରୀ ମନ୍ଦିରରେ ରାବଣ ଓ ମନ୍ଦୋଦରୀଙ୍କର ଶିବଙ୍କୁ ଆରାଧନା କରୁଥିବା ମୁଦ୍ରାରେ ଦୁଇଟି ବିଶାଳକାୟ ପ୍ରତିମା ରହିଛି। ମନ୍ଦୋଦରୀଙ୍କ ପିତା ମୟାସୁର ଏହି ସ୍ଥାନର ନିର୍ମାଣ କରିଥିବାରୁ ସ୍ଥାନର ନାମାନୁସାରେ ରାବଣଙ୍କ ପତ୍ନୀଙ୍କ ନାମ ମନ୍ଦୋଦରୀ ହୋଇଛି। ମନ୍ଦୋର ର ନିର୍ମାଣ କାହିଁକି ଓ କିପରି ହେଲା, ତାହାକୁ ନେଇ ପୌରାଣିକ କାହାଣୀ ମଧ୍ୟ ଅଛି। ମନ୍ଦୋର୍ ରାବଣଙ୍କ ଶ୍ୱଶୁରାଳୟ ଭାବେ ପରିଚିତ। ଯେଉଁ ସ୍ଥାନରେ ରାବଣ ଓ ମନ୍ଦୋଦରୀଙ୍କ ବିବାହ ସମ୍ପନ୍ନ ହୋଇଥିଲା, ତାହା ଆଜି ମଧ୍ୟ ସେଠାରେ ଅଛି, ଯାହାକୁ ସ୍ଥାନୀୟ ଭାଷାରେ 'ରାବଣ କି ଚମ୍ବରି' ବୋଲି କୁହାଯାଉଛି। ଏଠାରେ ଗୋଧା ଗୋତ୍ରର ବ୍ରାହ୍ମଣମାନେ ପୂଜାର୍ଚ୍ଚନା କରିଥା'ନ୍ତି। ଏହି ବ୍ରାହ୍ମଣମାନେ ନିଜକୁ ରାବଣଙ୍କ ବଂଶଜ ବୋଲି ମାନନ୍ତି ଏବଂ ବିବାହ ସମୟରେ ସେମାନେ ଏଠାକୁ ଆସି ସ୍ଥାୟୀ ବସତି ସ୍ଥାପନା କରିଥିଲେ ବୋଲି କିମ୍ବଦନ୍ତୀ ଅଛି। ତେଣୁ ସେମାନେ ଦଶହରା ଦିନ ରାବଣଙ୍କ ଦହନ ଦେଖିବାକୁ ଯାଆନ୍ତି ନାହିଁ, ବରଂ ସେହିଦିନ ସେମାନେ ରାବଣଙ୍କ ପାଇଁ ଶୋକପାଳନ ପୂର୍ବକ ଅନ୍ନପାକ ତ୍ୟାଗ କରିବା ସହିତ ସନ୍ଧ୍ୟା ସମୟରେ ସ୍ନାନ କରି ନିଜର ଉପବୀତ ପରିବର୍ତ୍ତନ କରିବା ପରେ ରାବଣଙ୍କ ଦର୍ଶନ କରିଥା'ନ୍ତି। ଏହାପରେ ରାବଣଙ୍କୁ ବିଧିପୂର୍ବକ ପୂଜାର୍ଚ୍ଚନା କରି ଭୋଗ ଅର୍ପଣ କରାଯାଏ। ଏହାକୁ ସେମାନେ ପ୍ରସାଦ ଭାବେ ସେବନ କରିଥା'ନ୍ତି। ଅସୁରରାଜ ରାବଣ ମହାନ ସଙ୍ଗୀତଜ୍ଞ ଓ ବେଦଜ୍ଞ ପଣ୍ଡିତ ଥିଲେ। ତେଣୁ ସଙ୍ଗୀତ ଓ ବେଦ ଶିକ୍ଷା କରୁଥିବା ଛାତ୍ରଛାତ୍ରୀମାନେ ଏହି ମନ୍ଦିରକୁ ଆସି ରାବଣଙ୍କ ଆଶୀର୍ବାଦ ଭିକ୍ଷା କରିଥା'ନ୍ତି।(କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଦୁଷ୍କର୍ମପୀଡ଼ିତା ନାବାଳିକା ଗର୍ଭବତୀ

କୁଜଙ୍ଗ, ୨୪।୭ (ସମିସ): ରାଜ୍ୟରେ ମହିଳା ଓ ନାବାଳିକାଙ୍କ ପ୍ରତି ହିଂସା ଓ ବର୍ବରତା ବଢ଼ି ଚାଲିଥିଲା ବେଳେ ଏବେ କୁଜଙ୍ଗ ବ୍ଲକ୍ କାଠକୋଟ ପଞ୍ଚାୟତରେ ମାଟ୍ରିକ୍ ପାସ୍ କରିଥିବା ଜଣେ ନାବାଳିକା ଗର୍ଭବତୀ ହେବା ଘଟଣା ଲୋକଲୋଚନକୁ ଆସିଛି। ଏହାକୁ ନେଇ କୁଜଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାରେ ପୁଲିସ୍ ଦୁଇଜଣଙ୍କୁ ଗିରଫ କରି ଅଧିକ ତନାଘନା ଚଳାଇଛି। କୋଠକୋଟ ପଞ୍ଚାୟତର ଉକ୍ତ ନାବାଳିକାଙ୍କ ଉପରେ ଗ୍ରାମର ଦୁଇ ଭାଇଙ୍କ ଖରାପ ନଜର ଥିଲା। ସେମାନେ ନାବାଳିକାଙ୍କୁ ଦୁଷ୍କର୍ମ କରିଛନ୍ତି। ଫଳରେ ନାବାଳିକାଜଣଙ୍କ ଅନ୍ତସତ୍ତ୍ୱା ହୋଇଥିବା ନେଇ ପରିବାର ପକ୍ଷରୁ କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ପୁଲିସ୍ ଅଭିଯୁକ୍ତ ଦୁଇ ଭାଇ ଭାଗ୍ୟଧର ଦାସ ଓ ଗୁଲିଆ ଦାସଙ୍କୁ ଗିରଫ କରି ତନାଘନା ଚଳାଇଛି। ଏହାସହ ନାବାଳିକାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କର ମଧ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀମାଇନା କରାଯାଇଛି। ତେବେ, ଏହି ଘଟଣାରେ କେବଳ ଏହି ଦୁଇ ଭାଇ ସମ୍ପୃକ୍ତ ନା ଆଉ କିଏ ଅଛନ୍ତି, ପୁଲିସ ତଦନ୍ତ ଚଳାଇଛି।

## ମାଓବାଦୀ ସଂଗଠନକୁ ବଡ଼ ଝଟ୍‌କା

# ୪ ଜିଲ୍ଲାରେ ୫୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୪।୭ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟରେ ମାଓବାଦୀ ସଂଗଠନକୁ ବଡ଼ ଝଟକା ଲାଗିଛି। ସୀମାନ୍ତ ସୁକୁମା, ବିଜାପୁର, ଦାନ୍ତେୱାଡ଼ା ସମେତ ୪ଟି ଜିଲ୍ଲାରେ ୫୩ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆସନ୍ତା ୨୮ ତାରିଖଠାରୁ ମାଓବାଦୀଙ୍କ ସହିଦ ସପ୍ତାହ ଆରମ୍ଭ ହେଉଥିବା ବେଳେ ମାଓବାଦୀଙ୍କ ଆତ୍ମସମର୍ପଣ ସଂଗଠନ ପାଇଁ ଶକ୍ତ ଧକ୍କା ବୋଲି କୁହାଯାଉଛି। ଆଜି ପଡ଼ୋଶୀ ସୁକୁମା ଜିଲ୍ଲାରେ ୫ ଜଣ ଓ ନାରାୟଣପୁର ଜିଲ୍ଲାରେ ୮ ଜଣ ମାଓବାଦୀ, ବିଜାପୁର ଜିଲ୍ଲାରେ ୨୫ ଜଣ ଏବଂ ଦନ୍ତେୱାଡ଼ା ଜିଲ୍ଲାରେ ୧୫ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ଼ ସରକାର ୧୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚୀନ୍ ସୀମାରେ...

ମସ୍କୋରୁ ୬,୦୦୦ କିମି ଦୂରରେ ଅବସ୍ଥିତ। ବିମାନରେ ୫ ଶିଶୁଙ୍କ ସମେତ ୪୩ ଜଣ ଯାତ୍ରୀ ଓ ୬ ବିମାନ କର୍ମଚାରୀ ଥିଲେ। ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ। ୧୯୬୭ରେ ସେତେବେଳର ସୋଭିଏତ ୟୁନିୟନ ଛୋଟ ଅଞ୍ଚଳରେ ଉଡାଇବା ପାଇଁ ଏହି ବିମାନ (ଏଏନ୍-୨୪) ତିଆରି କରିଥିଲା। ସେତେବେଳେ ଏଥିରେ ୩୨ଟି ସିଟ୍ ଥିଲା। ଗତବର୍ଷ ମଧ୍ୟ ଅମୁର ଅଞ୍ଚଳରେ ବିମାନ ଦୁର୍ଘଟଣା ହୋଇଥିଲା।

### ଅନୀଲ ଅମ୍ବାନୀଙ୍କ...

ବ୍ୟାଙ୍କରୁ ପ୍ରାପ୍ତ ଟଙ୍କା ବେଆଇନ ଭାବରେ କମ୍ପାନୀର ପ୍ରମୋଟର ଏବଂ ଅନ୍ୟ ଗ୍ରୁପ୍ କମ୍ପାନୀଗୁଡ଼ିକୁ ପଠାଯାଇଥିଲା। ୨୦୧୭ରୁ ୨୦୧୯ ମଧ୍ୟରେ ଋଣ ନିୟମକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରି ଆର୍‌ଏଏଜିଏ କମ୍ପାନୀଗୁଡ଼ିକୁ ଋଣ ମଞ୍ଜୁର କରାଯାଇଥିଲା। ବ୍ୟାଙ୍କର ୩ ହଜାର କୋଟି ଟଙ୍କାର ଋଣମାଫ୍ ପାଇଁ ବଡ଼ ଧରଣର ଜାଲିଆତି ହୋଇଥିଲା।

### ସ୍ୱଷ୍ଟ କରନ୍ତୁ...

ନବୀନ ପୁଣି କହିଛନ୍ତି ଯେ ମହାନଦୀ କେବଳ ଏକ ନଦୀ ନୁହେଁ, ଏହା ଓଡ଼ିଶାର ଆତ୍ମା। ଏଥିରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ରହିବାର ଆବଶ୍ୟକତା ରହିଛି। ୨୦୧୮ ମସିହା ଜାନୁଆରୀ ୨୩ ତାରିଖରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଆବେଦନକୁ ଗ୍ରହଣ କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଜେଡିର ନିରନ୍ତର ପ୍ରୟାସ ଏବଂ ପ୍ରବଳ ଜନସାଧାରଣଙ୍କ ଚାପ କାରଣରୁ ସେତେବେଳେ କେନ୍ଦ୍ର କ୍ୟାବିନେଟ ଟ୍ରିବ୍ୟୁନାଲ ଗଠନ କରିବାକୁ ଅନୁମୋଦନ ଦେଇଥିଲେ। ଏହାପରେ ୨୦୧୮ ମାର୍ଚ୍ଚ ୧୨ ତାରିଖରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅନୁପାଳନ କରିବାକୁ ଯାଇ ସରକାରୀ ଭାବେ ଟ୍ରିବ୍ୟୁନାଲର ଗଠନ କରିଥିଲେ। ଏତେ ପରିଶ୍ରମରେ ଓଡ଼ିଶା ଜାରି ରଖିଥିବା ଏହି ଆଇନଗତ ଲଢ଼େଇ ଏବେ ଯେ ଦୁର୍ବଳ ହେବାରେ ଲାଗିଛି, ସେନେଇ ଏବେ ସାଧାରଣରେ ଚିନ୍ତା ବୃଦ୍ଧି ପାଇଲାଣି। ଛତିଶଗଡ଼ ସହ କେଉଁ ପ୍ରକାର ପାରସ୍ପରିକ ବୁଝାମଣା ହେବାକୁ ଯାଉଛି ସେନେଇ ରାଜ୍ୟ ସରକାର ସ୍ପଷ୍ଟ କରୁନାହାନ୍ତି କିମ୍ବା ଲୋକଙ୍କୁ ବିଶ୍ୱାସକୁ ନେଉନାହାନ୍ତି। ରାଜ୍ୟ ସରକାର କଣ ଆଇନଗତ ଦିଗକୁ ପରିତ୍ୟାଗ କରିଛନ୍ତି? ମହାନଦୀ ପାଣିକୁ ନେଇ ଓଡ଼ିଶାର ଯଥାର୍ଥ ଓ ନ୍ୟାୟ ଦାବିକୁ କଣ ବନ୍ଦ ଦ୍ୱାର ପଛପଟେ ଦୁର୍ବଳ କରିଦିଆଯାଉଛି ବୋଲି ନବୀନ ପ୍ରଶ୍ନ କରିବା ସହ ରାଜ୍ୟ ସରକାରଙ୍କଠାରୁ ଏହାର ତତ୍କାଳ ଏବଂ ପାରଦର୍ଶୀ ଉତ୍ତର ଆଶା କରିଛନ୍ତି।

### ବିହାର ଭୋଟର ତାଲିକା...

ଆଜି ସଂସଦ ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ପକ୍ଷରୁ ଉପରୋକ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ଦାବି କରାଯାଇଥିଲା। ସମସ୍ତ କାର୍ଯ୍ୟ ବନ୍ଦ କରି ବିହାର ଉପରେ ସ୍ୱତନ୍ତ୍ର ଆଲୋଚନା ପାଇଁ ସଂଜୟ ସିଂହ, ରଣଜିତ ରଞ୍ଜନ ଓ ଅଖିଳେଶ ପ୍ରସାଦ ସିଂହ ପ୍ରମୁଖ ମୁଲତବୀ ନୋଟିସ ଦେଇଥିଲେ। ମାତ୍ର ନିୟମ ୨୬୭ ଅନୁଯାୟୀ ଏହିସବୁ ନୋଟିସକୁ ଅଧ୍ୟକ୍ଷ ଖାରଜ କରିଦେବାରୁ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ପ୍ରବଳ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ଲୋକସଭାରେ ପ୍ରଥମେ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ବିରୋଧୀ ସଭ୍ୟମାନେ ଗୃହ ମଧ୍ୟଭାଗକୁ ଯାଇ ହୋହାଲ୍ଲା କରିଥିଲେ। ଗୃହକୁ ପ୍ରଥମେ ୧୨ଟା ପର୍ଯ୍ୟନ୍ତ, ପୁଣି ଦୁଇଟା ପର୍ଯ୍ୟନ୍ତ ଏବଂ ଶେଷରେ ଆଜି ଦିନକ ପାଇଁ ମୁଲତବୀ କରାଯାଇଥିଲା। ସେହିଭଳି ରାଜ୍ୟସଭାକୁ ପ୍ରଥମେ ଦୁଇଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ଦୁଇଟା ପରେ ଗୃହ କାର୍ଯ୍ୟ ଚାଲିଥିବା ବେଳେ କଂଗ୍ରେସ ଓ ଟିଏମ୍‌ସି ସାଂସଦମାନେ ଗୃହ ମଧ୍ୟଭାଗରେ ହଟ୍ଟଗୋଳ କରିବା ସହିତ ଅଧ୍ୟକ୍ଷଙ୍କ ଆସନକୁ ଯାଇ କାର୍ଯ୍ୟରେ ବାଧା ଦେଇଥିଲେ। ଶେଷରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଥିଲା।

ଏହାପରେ ସଂସଦ ବାହାରେ ବିରୋଧୀ ସଭ୍ୟମାନେ ପ୍ଲାକାର୍ଡ ଧରି ସରକାର ଓ ନିର୍ବାଚନ କମିସନ ବିରୋଧରେ ସ୍ଲୋଗାନ ଦେଇଥିଲେ। ସେମାନେ ଦୀର୍ଘ ସମୟ ଧରି ଧାରଣା ଦେଇଥିବା ଦେଖାଯାଇଥିଲା। ଇତିମଧ୍ୟରେ ଜଣାପଡ଼ିଛି ଯେ ସରକାର ବିହାର ପ୍ରସଙ୍ଗରେ ଆଲୋଚନା କରିବାକୁ ନାରାଜ। ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ ବିହାରରେ ଭୋଟର ତାଲିକା ସଂଶୋଧନ ଦାୟିତ୍ୱ ହେଉଛି ନିର୍ବାଚନ କମିସନଙ୍କର। ଏହି କାମରେ କେନ୍ଦ୍ର ସରକାର ହସ୍ତକ୍ଷେପ କରିପାରିବେ ନାହିଁ।

### ଭାରତୀୟଙ୍କୁ ଚାକିରି...

ଯୋଗୁଁ ଅନେକ ଆମେରିକୀୟ ଅବହେଳିତ ଅନୁଭବ କରୁଛନ୍ତି। ରାଷ୍ଟ୍ରପତି ଦାବି କରିଛନ୍ତି ଯେ କିଛି ଶୀର୍ଷ ଟେକ୍ କମ୍ପାନୀ ଆମେରିକୀୟ ସ୍ୱାଧୀନତା ବ୍ୟବହାର କରି ଲାଭ କରିଛନ୍ତି। କିନ୍ତୁ, ଦେଶ ବାହାରେ ବହୁ ପରିମାଣରେ ନିବେଶ କରିଛନ୍ତି। ଡୋନାଲ୍ଡ ଟ୍ରମ୍ପ ତିନୋଟି ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ମଧ୍ୟ ସ୍ୱାକ୍ଷର କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ଆମେରିକାରେ ଏଆଇ ବିକାଶକୁ ପ୍ରୋତ୍ସାହିତ କରିବା। ଏହାସହିତ, ଏଆଇ ଉପକରଣଗୁଡ଼ିକୁ ରାଜନୈତିକ ଭାବରେ ନିରପେକ୍ଷ କରିବା। ଆମେରିକୀୟ ଟେକ୍ କମ୍ପାନୀଗୁଡ଼ିକୁ ବିଦେଶରେ, ବିଶେଷକରି ଭାରତରେ ଚାକିରି ନ ଦେବା ପାଇଁ ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହା ତାଙ୍କର 'ଆମେରିକା ପ୍ରଥମ' ନୀତିର ଏକ ବିସ୍ତାର। ଏହା ଭାରତର ଆଇଟି କ୍ଷେତ୍ର ଏବଂ ବୃତ୍ତିଗତମାନଙ୍କ ଉପରେ ସିଧାସଳଖ ପ୍ରଭାବ ପକାଇପାରେ। ଟ୍ରମ୍ପଙ୍କ ଏହି ଆଦେଶ ଭାରତୀୟ ଆଇଟି ଏବଂ ଆଉଟସୋର୍ସିଂ କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଆହ୍ୱାନ। ଅପରପକ୍ଷେ ଭାରତୀୟ ଆଇଟି କ୍ଷେତ୍ରର ଏକ ବଡ଼ ଅଂଶ ଆମେରିକୀୟ ବଜାର ଉପରେ ନିର୍ଭରଶୀଳ। ଯଦି ଆମେରିକୀୟ କମ୍ପାନୀଗୁଡ଼ିକ ଭାରତରେ କମ୍ ନିଯୁକ୍ତି ଦିଅନ୍ତି, ତେବେ ନୂତନ ନିଯୁକ୍ତି ହ୍ରାସ ପାଇପାରେ। ଫ୍ରେଶର୍ସ ଏବଂ ପ୍ରବେଶ-ସ୍ତରୀୟ (ଏଣ୍ଟ୍ରି ଲେବଲ) ଚାକିରି ବିପଦରେ ପଡ଼ିପାରେ। କ୍ୟାମ୍ପସ୍ ପ୍ଲେସମେଣ୍ଟ ଏବଂ ଇଣ୍ଟର୍ନସିପ୍ ଅଫରରେ ବିଳମ୍ବ ହେବାର ସମ୍ଭାବନା ଅଛି। ନାସ୍‌କମ୍ ଆକଳନ ଅନୁଯାୟୀ, ଯଦି ଆମେରିକୀୟ ଆଉଟସୋର୍ସିଂରେ ୧୦-୧୫% ହ୍ରାସ ହୁଏ, ତେବେ ଆଗାମୀ ଦୁଇ ବର୍ଷ ମଧ୍ୟରେ ଭାରତରେ ୫ ଲକ୍ଷରୁ ଅଧିକ ଲୋକ ଚାକିରି ହରାଇପାରନ୍ତି।

ଟ୍ରମ୍ପଙ୍କ ଅନୁସାରେ, କିଛି ବଡ଼ ଟେକ୍ କମ୍ପାନୀ ଆମେରିକାର ସ୍ୱାଧୀନତାର ଫାଇଦା ଉଠାଇଛନ୍ତି। ସେମାନେ ଚୀନରେ କାରଖାନା ନିର୍ମାଣ କଲେ, ଭାରତୀୟ ଶ୍ରମିକଙ୍କୁ ଚାକିରି ଦେଲେ। ଆୟାରଲ୍ୟାଣ୍ଡରେ ସେମାନଙ୍କର ଲାଭ ଲୁଚାଇଦେଲେ। ଟ୍ରମ୍ପ କହିଛନ୍ତି, 'ରାଷ୍ଟ୍ରପତି ଟ୍ରମ୍ପଙ୍କ ଅଧୀନରେ ସେହି ଦିନ ଏବେ ଶେଷ।' ସେ ଏହା ମଧ୍ୟ କହିଥିଲେ ଯେ ଏଆଇ ଦୌଡ଼ ଜିତିବା ପାଇଁ, ସିଲିକନ ଭ୍ୟାଲି ଏବଂ ବାହାରେ ଦେଶପ୍ରେମର ଏକ ନୂତନ ଭାବନା ଏବଂ ଜାତୀୟ ନିଷ୍ଠାର ଆବଶ୍ୟକତା ପଡ଼ିବ। ସେ ଆମେରିକୀୟ କମ୍ପାନୀଗୁଡ଼ିକୁ ଆମେରିକାକୁ ପ୍ରାଥମିକତା ଦେବାକୁ ଆହ୍ୱାନ କରିଛନ୍ତି। ଟ୍ରମ୍ପଙ୍କ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ହେଉଛି ସେହି କମ୍ପାନୀଗୁଡ଼ିକ ପାଇଁ ଯେଉଁମାନେ ଏଆଇ ବିକାଶ ପାଇଁ ଫେଡେରାଲ୍ ପାଣ୍ଠି ପାଆନ୍ତି। ଏହି କମ୍ପାନୀଗୁଡ଼ିକୁ ଏବେ ରାଜନୈତିକ ଭାବରେ ନିରପେକ୍ଷ ଏଆଇ ଉପକରଣ ତିଆରି କରିବାକୁ ପଡିବ। ଏହି ନୂତନ ନିୟମଗୁଡ଼ିକ ସରକାରୀ ଏଜେନ୍ସିଗୁଡ଼ିକ ଦ୍ୱାରା ବ୍ୟବହୃତ ଏଆଇ ସିଷ୍ଟମଗୁଡ଼ିକରେ ମଧ୍ୟ ପ୍ରଯୁଜ୍ୟ ହେବ।

### ବିକ୍ରିହେବ ୮...

ସେହିପରି କେନ୍ଦ୍ର ସରକାର ୫ଟି ବ୍ୟାଙ୍କରେ ନିଜର ଅଂଶଧନ ହ୍ରାସ କରିବାକୁ ବିଚାର କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଡିସେମ୍ବର ସୁଦ୍ଧା ଆଇଡିବିଆଇ ବ୍ୟାଙ୍କ ବିକ୍ରି ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି), ୟୁକୋ ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କରୁ ମଧ୍ୟ ସରକାର ନିଜର ଅଂଶଧନ ପ୍ରତ୍ୟାହାର କରିବେ ବୋଲି ସୂଚନା ମିଳିଛି। ଏହି ବ୍ୟାଙ୍କଗୁଡ଼ିକରୁ ସରକାରୀ ଅଂଶଧନ ୨୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରାଯିବ।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଆଇଡିବିଆଇ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର ଜରିଆରେ ସରକାର ଓ ଏଲ୍ଆଇସିକୁ ୫୦,୦୦୦ କୋଟି ଟଙ୍କା ମିଳିବ। ଏହି ବ୍ୟାଙ୍କରେ ସରକାର ଓ ଏଲ୍ଆଇସିର ମୋଟ ୯୪ ପ୍ରତିଶତ ଅଂଶଧନ ରହିଛି। ଏବେ ଆଇଡିବିଆଇ ବ୍ୟାଙ୍କରୁ ସରକାର ନିଜର ୬୦.୭୨ ପ୍ରତିଶତ ଅଂଶଧନ ବିକ୍ରି କରିବେ। ସରକାର ବର୍ତ୍ତମାନ ଆଇଡିବିଆଇ ବ୍ୟାଙ୍କର ଘରୋଇକରଣ ଚୂଡ଼ାନ୍ତ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଫେୟାରଫ୍ୟାକ୍ସ ଇଣ୍ଡିଆ ହୋଲ୍ଡିଂସ୍, ଏମିରେଟ୍ସ ଏନ୍‌ବିଡି ଏବଂ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଏହି ବ୍ୟାଙ୍କକୁ କ୍ରୟ କରିବାକୁ ଆଶାବାଦୀ ଅଛନ୍ତି ବୋଲି କୁହାଯାଉଛି।

### ଲୋକସେବା ଭବନରୁ...

କରି ସନ୍ଦୀପକୁ ଅଟକ ରଖିଥିଲେ। ପୁଲିସ ଅଟକାଇବା ପରେ ସନ୍ଦୀପ ପରିଚୟ ପତ୍ର ଛାଡ଼ିଦେଇ ଏଜି ଛକ ଆଡ଼କୁ ଦୌଡ଼ି ଥିଲା। ଏସ୍ଆଇ ମନୋରଞ୍ଜନ ମହାନ୍ତି ପିଛା କରି ଏଜି ଛକ ନିକଟରେ କାବୁ କରିଥିଲେ। ମନୋରଞ୍ଜନ ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ସନ୍ଦୀପକୁ ଗିରଫ କରିବା ସହ ତା' ଠାରୁ ନକଲି ପରିଚୟପତ୍ର ଓ ଦୁଇଟି ମୋବାଇଲ ଫୋନ ଜବତ କରିଥିଲା। ସେ ଏକ ଡିଟିପି ସେଣ୍ଟରରେ ଜାଲ୍ ପରିଚୟପତ୍ର ତିଆରି କରି ଲୋକସେବା ଭବନରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲା ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲା। ଏଥିସହିତ ଉକ୍ତ ଜାଲ୍ ପରିଚୟପତ୍ର ବଳରେ ଗତ ମାସରେ ମଧ୍ୟ ଲୋକସେବା ଭବନରେ ପ୍ରବେଶକୁ ଯାଇଥିଲା ବୋଲି ତଦନ୍ତ ବେଳେ ଜଣାପଡ଼ିଛି।

### ଜୀବନ ହାରିଲେ...

ହୋଟେଲରେ କାମ କରି ଚଳୁଥିବା ବେଳେ ୬ମାସ ହେବ ସେ ଆଇଟିଆଇ ।।ରେ ନାମ ଲେଖାଇ ପାଠ ପଢୁଥିଲେ। ଏହି ସମୟରେ ସଂପୃକ୍ତ ଯୁବକଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଉକ୍ତ ଯୁବକ ଜଣଙ୍କ କିଛି ଭିଡିଓ ଏବଂ ଫଟୋ ଉଠାଇ ନିଜ ମୋବାଇଲ୍‌ରେ ରଖିଥିଲେ। ଏହାପରେ ଛାତ୍ରୀଙ୍କୁ ସେ ବିବାହ କରିବା ପାଇଁ କହିଥିଲେ। ଛାତ୍ରୀ ଜଣଙ୍କ ମନା କରିବାରୁ ତାଙ୍କୁ ବ୍ଲାକ୍‌ମେଲିଂ କରିଥିଲେ। ଶେଷରେ ଛାତ୍ରୀ ପରିବାର ଲୋକଙ୍କୁ ଜଣାଇଥିଲେ। ହେଲେ ଯୁବକଙ୍କ ନିର୍ଯାତନା ବଢ଼ିବା ପରେ ଯୁବତୀ ଜଣଙ୍କ ସହ୍ୟ କରିପାରିଲେ ନାହିଁ। ଗତକାଲି ରାତିରେ ନିଜେ ରହୁଥିବା ଭଡ଼ା ଘରେ ଓଢଣୀ ଲଗାଇ ଝୁଲି ପଡ଼ିଥିଲେ। ସବୁଦିନ ପରି ସେ ସକାଳେ ନ ଉଠିବାରୁ ଘର ମାଲିକ ସନ୍ଦେହରେ କବାଟ ବାଡ଼େଇ ଡାକିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଏନେଇ ପୁଲିସକୁ ଖବର ଦେବା ପରେ ପୁଲିସ ପହଞ୍ଚି କବାଟ ଲକ୍‌ତାଡ଼ି ମୃତଦେହ ଉଦ୍ଧାର କରିଥିଲେ। ଛାତ୍ରୀଜଣଙ୍କ ଦିବ୍ୟାଙ୍ଗ ହୋଇଥିବାରୁ ଅନେକ କଥା ପରିବାର ଲୋକଙ୍କୁ କହିପାରୁ ନ ଥିଲେ। ଯେଉଁଥିପାଇଁ ଯୁବକଜଣଙ୍କ ତାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ପୁଲିସ ଏହି ମାମଲାରେ ତଦନ୍ତ କରୁଛି। ଛାତ୍ରୀଙ୍କ ମୋବାଇଲ ଫୋନ୍ ଏବଂ ରହୁଥିବା ଭଡ଼ାଘରୁ ପୁଲିସ କିଛି କାଗଜପତ୍ର ଜବତ କରିଥିବା ଜଣାପଡିଛି।


OFFICE OF THE MUNICIPAL COUNCIL: KEONJHARGARH C-740
email- keonjharm.hud@rediffmail.com
Invitation for Bids (IFB) ' e' Procurement NOTICE
Bid Identification No.ODULB_KGM-12/2025-26
Letter No. 5281/KGM/Date 23.07.2025

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement

1- Nature of work- **Civil Work & Electrical Work.**
2- No of Work- 14 **Nos**
3-Value of works: Rs. **4,65,877 /- to 38,10,600/-**
4-Date & Time of availability of Bid document in the portal:
From. **25.07.2025** at 11.00 A.M. up to **05.08.2025** at 5.30 P.M.
5-Date of Opening of bid in portal. **06.08.2025** at 11.00 A.M.
6- Name & address of the officer in Inviting Bid– EO, Keonjhargarh Municipality

Further details can be seen from Website: www.tendersorissa.gov.in

Executive Officer
Keonjhargarh Municipality

OIPR-13115/11/0044/2526

OFFICE OF THE PANCHAYAT SAMITI: RAMNAGUDA i-236
DIST- RAYAGADA
INVITATION FOR BIDS (I.F.B)
e-Procurement Notice
IDENTIFICATION No. PS- RAM No. 01 of 2025-26

1) The Block Development Officer, Ramnaguda, Rayagada invites Percentage Rate bid in Single Cover System in ONLINE MODE for the construction of Additional Class Room Building work (Civil) as detailed in the Detailed Tender Call Notice( D.T.C.N) from the eligible class of contractors.
2) Estimated Cost: Rs.12.28 lakhs to Rs.15.52 lakhs
3) No. of works: 06(Six) No.
4) Cost of Tender paper: Rs. 6000/-(Rupees Six Thousand)only for each work
5) Class of Contractor: " D & C" Class
6) Date of Time of available in web site & receipt online: 11:00 Hrs. of 28.07.2025 to 17.00 Hrs. of 11.08.2025
7) Date of opening of Technical Bid: 11:30 Hrs. of 13.08.2025
8) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
9) Any Corrigendum/Addendum will be displayed in the website https://tendersodisha.gov.in only

Block Development Officer
Ramnaguda

OIPR-19043/11/0003/2526

GOVERNMENT OF ODISHA O-478
OFFICE OF THE EXECUTIVE ENGINEER,
RWS&S DIVISION, MALKANGIRI
E-mail - eerwss_mal@nic.in, eerwssmlkg@gmail.com
INVITATION FOR BIDS
NATIONAL COMPETITIVE BIDDING

**Bid Identification No: RWSS_MKG_ONLINE_02/2025-26 DATED: - 21.07.2025**

The Superintending Engineer, RWS&S Division, Malkangiri on behalf of Governor of Odisha invites bids from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways/ Registered Firm for the works detailed in the table below to be eventually drawn up in P-1 contract.

1 Name of the Work: Supply, installation, testing and commissioning of Solar energy based PWS with 5000 litter capacity HDPE storage tank with a staging height of 3 mts including 5 years O&M at different Schools & AWC in Malkangiri District (As detailed in TCN)
2 No. of Works: **07 Nos.**
3 Estimated Cost: **₹.20.39 Lakhs to ₹.30.59 Lakhs**
4 Tender Paper Cost: ₹.6000/- each
5 Class of Contractor: C / B / Registered Firm
6 Period of Completion: 03 (Three) calendar months
7. **Critical dates** :

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of opening the Bid |
|---|---|---|---|---|---|
| | | From | To | | |
| **Superintending Engineer, RWS&S Division, Malkangiri** | **RWSS_MKG_ONLINE_02 of 2025-26** | **28.07.2025 at 09.00 Hours** | **06.08.2025 up to 17.00 Hours** | **04.08.2025** | **07.08.2025 At 11.00 Hours** |

❖ Further details can be seen in the bidding documents, which is available in the e-procurement portal **https://www.tendersodisha.gov.in.**
❖ Subsequent corrigendum if required shall be appeared in the web site.
❖ Authority reserves the right to reject any or all tenders without assigning any reason thereof.

Superintending Engineer
RWS&S Division, Malkangiri

OIPR-25044/11/0017/2526

**AFFIDAVIT**
By virtue of an affidavit sworn before Executive Magistrate, Gop, dated 21/07/2025, I Sanjay Kumar Sahoo, At- Kharagaon, Po-Junei, Ps- Konark, Dist- Puri, Pin- 752111 declare that, I have changed the name of my son from Sahikrishana Sahoo to Sai Krishna Sahoo. Henceforth, he shall be known as **Sai Krishna Sahoo** for all purposes.
**Sd/- Sanjay Kumar Sahoo**

**AFFIDAVIT**
By virtue of an affidavit sworn before Executive Magistrate, Khordha dated 24.07.2025, I, Kulsan Begum Kulsan Begum (42 years), W/o- Besarat Khan of Vill.- Dibyasingh Prasad, PO.- Kerang, PS/Dist.- Khordha, Aadhaar No. 5582 8596 7251 declare that, I have changed my name from **Gulshan Bibi** to **Kulsan Begam**. Henceforth I shall be known as **Kulsan Begum** for all purposes.

**AFFIDAVIT**
By virtue of an affidavit No.2054, Dtd.03.06.2025 sworn before the Executive Magistrate, Bhogarai I, Ranjan Behera, S/o. Late Bikram Behera, At. Kulida , Po. Madhupur, Ps. Kamarda, Dist. Balasore, Odisha, declare that unfortunately my son name spelling as Depak Kumar Behera instead of correct spelling Dipak Kumar Behera in his Adhar card no. 907042290286 . Henceforth, he will be known as **Dipak Kumar Behera** for all purposes.

**AFFIDAVIT**
I, Rama Murmu, S/o- Late Hambhir Murmu, resident of Village- Sikarghati, Po- Rajabasa, Ps-Baripada Sadar, Dist-Mayurbhanj, Pin-757107, Odisha, declare by this affidavit No.4395 Dated 21.07.2025 that now onwards I, shall be known as Rama Murmu for all future purposes.
**Rama Murmu**

**AFFIDAVIT**
By virtue of an affidavit Sl. No. 378, dtd. 24.06.2025 before the Notary, Bhubaneswar, I, Bijoy Kumar Beura resident of At/Po- Kusupangi, Ps-Dampara, Dist,-Cuttack, Pin-754007, Odisha I have changed my name from Bijay Kumar Beura to Bijoy Kumar Beura for all purposes.
**Sd/- Bijoy Kumar Beura**

**AFFIDAVIT**
**I, Akhila Kumar Dash, S/o- Laxmidhar Das, aged about 54 years, resident of AT/PO- Nuagarh, Dist- Dhenkanal, Pin- 759016, Odisha, is declared by Affidavit No-221, dated- 23.07.2025 before Notary Public Bhubaneswar, that onwards I shall be known as Akhila Kumar Das for all purposes.**
**Sd- Akhila Kumar Das**

**AFFIDAVIT**
By virtue of an affidavit No. 1457/25, dtd. 23.07.2025 before the Executive Magistrate, Malkangiri, I, Nanda Madkami, have changed my minor daughter's name from Saberi Madkami to Sunita Madkami. Henceforth she will be known as Sunita Madkami for all purposes.
**Sd/- Nanda Madkami**

**AFFIDAVIT**
By virtue of an affidavit Sl. No. 379, dtd. 24.06.2025 before the Notary, Bhubaneswar, I, Dhiren kumar Nayak Resident of At-Karnadandi, Po- Mangalpur, Ps-Dasarathpur, Dist-Jajpur, Pin-755011, Odisha have changed my name from Diran Kumar Nayak to Dhiren Kumar Nayak for all purposes.
**Sd/- Dhiren Kumar Nayak**

**AFFIDAVIT**
By virtue of an affidavit Sl. No. 547, dtd. 17.03.2025 before the Notary, Bhubaneswar, I Srabana Kumar Naik Resident of At-Ganikumpa, Po- Podasahi, Ps- Banigochha, Dist-Nayagarh, Pin-752089, Odisha I have changed my name from Mana Sahu to Srabana Kumar Naik for all purposes.
**Sd/- Srabana Kumar Naik**

**AFFIDAVIT**
I, Shaikh Sahebjan Uddin, aged about 42 years, S/o- Nazir Uddin Shaikh. resident of Village- Biritol, PO- Rasulpur, Via- Naliber, PS- Tirtol, Dist- Jagatsinghpur, PIN- 754104, Odisha declared by this affidavit No. 1125, dtd- 18/07/2025 that now onwards I shall be known as **SK SAHEBJAN UDDIN,** S/o - SK Najir Uddin for all future purposes.

**AFFIDAVIT**
I Amulya Barik, S/o-Kameswar Barik of Village/Po-Geltua, Ps- Bhadrak(R), Dist-Bhadrak, Odisha, Pin-756181, declare by this affidavit No.7081 dt.16.07.2025 that now onwards my daughter name wrongly mentioned as Aadhar card bearing No.3937 8047 9501 "Mamuni Barik". I shall be known as "Smruti Swagatika Barik" of Village-Geltua, Po-Geltua, Ps- Bhadrak(R), Dist-Bhadrak, Pin- 756181 for all future purposes.

**AFFIDAVIT**
By virtue of an affidavit Sl. No. 780, dtd. 24.06.2025 before the Notary, Bhubaneswar, I Brajabandhu Das Resident of At/Po- Badaninigoan Ps.Balanga, Dist.- Puri, Pin- 752121, Odisha have changed my name from Khuka Das to Brajabandhu Das for all purposes.
**Sd/- Brajabandhu Das**

**NOTICE FOR MINOR**
By virtue of an affidavit sworn before Executive Magistrate, Bhadrak, affidavit No - 5786, Dated - 06.06.2025, I, Sudam Bhuin, Vill - Jalanga (Canal Road), Po - Jalanga, Ps - Bhadrak (R), Dist - Bhadrak, Pin -756181 declare that I have Changed the name of my daughter from Sukanya Bhuin to SUSHREE SUKANYA. Henceforth, She shall be known as **SUSHREE SUKANYA** for all purpose.
**Sudam Bhuin**

**AFFIDAVIT**
By virtue of an affidavit sworn before the Executive Magistrate Bhubaneswar, dtd. 04/03/2025, I Pradosha Kumar Swain, S/o Pramoda Kumar Swain, resident of At/Po.-Rajas, PS- Balipatana, Dist.- Khordha, Odisha- 752114 declare that I have changed my name from **Pradosh Kumar Swain to Pradosha Kumar Swain.** Henceforth I shall be known as **Pradosha Kumar Swain** for all purposes.
**Pradosha Kumar Swain**

**AFFIDAVIT**
By virtue of an affidavit No.2685, Dtd.22.07.2025 sworn before the Executive Magistrate, Bhogarai I, Jainur Bibi, W/o. Sk. Khursed , At. Panisandha, Po. Sukhasandha Patna, Ps. Bhogarai, Dist. Balasore, Odisha, declare that unfortunately my son name spelling as Sk Kaiyan instead of correct spelling Sekh Kaiyan in his Adhar card no. 363196317164. Henceforth, he will be known as **Sekh Kaiyan** for all purposes.

**AFFIDAVIT**
I, Amit Mishra, H/o Lipika Dewangan, Resident of Plot No.: 3257/1, Chakeisihani, PO.: Rasulgarh, P.S.: Mancheswar, Dist.: Khorda, Bhubaneswar, Odisha, PIN-751010, declare by this affidavit No.: 1407 dated 23.07.2025 that now onwards I shall be known as **AMIT KUMAR MISHRA** for all future purposes.

**AFFIDAVIT**
By virtue of an affidavit No. 8032, dtd. 21.07.2025 before the Notary Public, Malkangiri, I, Surendra Harijan, have changed my name, my son's name and my father's name from Surendra Das / Raja Das / Harishchandra das to Surendra Harijan / Raja Harijan / Harishchandra Harijan respectively. Henceforth I shall be known as Surendra Harijan, S/o- Harishchandra Harijan and my son will be called as Raja Harijan, S/o- Surendra Harijan for all purposes.
**Sd/- Surendra Harijan**

**AFFIDAVIT**
By virtue of an affidavit before The Executive Magistrate, Titilagarh, on dated- 23/07/2025. I, **Pinki Jal @ Tandi,** W/o Jugal Jal, D/o Late Pada Tandi, Permanent resident of At- Kumuda, P.O. Sihini, P.S. Titilagarh, Dist- Balangir, (Odisha), PIN- 767066, current residing of Village- Railway Colony, PO/PS- Titilagarh, Dist- Balangir, (Odisha), PIN- 767033 affirm that I have changed my minor son's name from **Amit Jal** (old name) to **Rajesh Jal** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Rajesh Jal** (new name).

**AFFIDAVIT**
I Aischarya Rajlaxmi Mahananda (40), residence of Mandal, ps. Belpara Dist.Balangir, hereby declare that I have changed my name from **Aischarya Rajlaxmi Mahananda** to **Aischarya Rajlaxmi Nanda** vide affidavit no.2375 dated 21.07.2025 before Executive Magistrate Balangir. Hence i will known as **Aischarya Rajlaxmi Nanda** for all purposes.

**AFFIDAVIT**
By virtue of an affidavit before the Notary Public, Jeypore, Koraput, I, SWARNALATA BEHERA, W/o- Late Niladri Panigrahy, resident of Post Office Road, Po/ PS / Dt- Koraput, Odisha -764 020, Odisha declare by this Affidavit No.3323, Dated - 23/07/2025, that now onwards I shall be known as **SWARNALATA PANIGRAHI** for all future purpose.

**AFFIDAVIT**
By virtue of an affidavit sworn before Notary Public, Bhubaneswar on Dt- 23/07/2025 I, mahalaxmi Madil, W/o- Narasingh Madil, At- Tulasi Basti, Near Delta UP School, Unit-8, Baramunda Colony PO- Baramunda, PS- Khandagiri, Bhubanewswar, Dist.- Khordha, Pin- 751003 declare that I have changed my minor daughter's name from Madil Sakshi to M Sai Vaishnavi. Henceforth, she will be known as **M SAI VAISHNAVI** for all purposes.
**MAHALAXMI MADIL**

**AFFIDAVIT**
I, Prahallad Nayak, aged about 50 years, S/o- Late Jhulan Nayak, resident of At- Udayapatana, Po- Sankhachila, Ps- Panikoili, Dist- Jajpur, Pin- 755015, Odisha declare by this affidavit No. 1437, dtd- 24/07/2025, that now onwards I shall be known as **PRAHALAD NAYAK** for all future purposes.

**AFFIDAVIT**
**I, Diptirekha Dash, D/o- Hrudananda Singha Samanta, W/o- Akhila Kumar Das, aged about 52 years, resident of AT/PO- Nuagarh, Dist- Dhenkanal, Pin- 759016, Odisha, is declared by Affidavit No-222, dated- 24.07.2025 before Notary Public Bhubaneswar, that onwards I shall be known as Diptirekha Das for all purposes.**
**Sd- Diptirekha Das**

**AFFIDAVIT**
By virtue of an affidavit sworn before The Executive Magistrate, Padampur, on dated- 24/07/2025. I, **Rupadhar Bag,** S/o- Kadam Bag, permanent & current resident of At- Menakamunda, Po- Chhindeikela, Dist- Bargarh, PIN- 768050, Odisha declare that I have changed my minor son's name from **Khageswar Bag** (old name) To **Khudaraj Bag** (new name). Henceforth, he shall be known as **Khudaraj Bag** (new name) for all future purposes.
**Rupadhar Bag**

**AFFIDAVIT**
By virtue of an affidavit No- 4798 sworn before the Executive Magistrate, Champua on dated- 21/07/2025. I, **Radhika Mahakud** (new name), Address: Vill/Po- Kandara, PS - Joda, Dist- Keonjhar, PIN- 758047, Odisha declare that I have changed my name from **Pramila Mahakud** (old name) To **Radhika Mahakud** (new name). Henceforth, I shall be known as **Radhika Mahakud** (new name) for all future purposes.
**Radhika Mahakud**

**AFFIDAVIT**
By virtue of an affidavit before the Notary Public, Jeypore, Koraput, I GULAB CHAND JAIN, S/o- BABULAL JAIN resident of Main Road, Po/Ps/Dt- Malkangiri , Odisha - 764 045, Odisha declare by this Affidavit No.3286, Dated - 22/07/2025,that now onwards I shall be known as **GULAB JAIN** for all future purpose.

# ମୋବାଇଲ ଲୁଟିନେଲେ ଦୁର୍ବୃତ୍ତ

ନିଶ୍ଚିନ୍ତକୋଇଲି,୨୪।୭(ସମିସ): ନିଶ୍ଚିନ୍ତକୋଇଲି ଥାନା ଅଧୀନ ବୁହାଲୋ ପଞ୍ଚାୟତ ବରପଡା ନିକଟରେ ବୁଧବାର ରାତିରେ ରାସ୍ତାରେ ଯାଉଥିବା ବେଳେ ଦୁର୍ବୃତ୍ତମାନେ ଜଣେ ଛାତ୍ରର ମୋବାଇଲ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ନେମାଳ ଥାନା ଅଧୀନ ଦେମାଣ୍ଡୋ ଗ୍ରାମର ଛାତ୍ର ଭାସ୍କର ଚନ୍ଦ୍ର ସାହୁ ନିଶ୍ଚିନ୍ତକୋଇଲି ବଜାରରୁ କାର୍ଯ୍ୟ ସାରି ଏକ ବାଇକ ଯୋଗେ ଘରକୁ ଫେରୁଥିଲେ। ବାଟରେ ଯାଉଥିବା ବେଳେ ଏକ ପଲସର ଗାଡିରେ ୨ ଜଣ ଲୁଟେରା ତାଙ୍କଠାରୁ ମୋବାଇଲ ଛଡାଇ ନେଇ ଖଣ୍ଡସାହି ଆଡକୁ ଦ୍ରୁତଗତିରେ ପଳାଇ ଯାଇଥିଲେ। ଏ ସମ୍ପର୍କରେ ଶ୍ରୀ ସାହୁ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ବଳଙ୍ଗା ପୀଡ଼ିତାଙ୍କ ଆଶୁଆରୋଗ୍ୟ କାମନା



ବଡମ୍ବା,୨୪।୭(ସମିସ): ବଡମ୍ବା ଜାତୀୟ କଂଗ୍ରେସ ତରଫରୁ ବଡମ୍ବାର ବୁଢା ହନୁମାନ ପରିସରରେ ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରାଯିବା ସହ ବଳଙ୍ଗା ପୀଡିତାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କରଣ, ବଡମ୍ବା ନରସିଂହପୁର ଯୁବ କଂଗ୍ରେସ ସଭାପତି ବଳଭଦ୍ର ପ୍ରହରାଜ, ବ୍ଲକ କଂଗ୍ରେସ ଉପସଭାପତି ଶାନ୍ତନୁ ବଳିଆରସିଂ, ପଞ୍ଚାନନ ମହାନ୍ତି, ଦାମ ରଣା, ନିରଞ୍ଜନ ପତି, ଆହ୍ଲାଦ ସାହୁ, ଆଲୋକ ସେଠୀ, ଦିବାକର ସ୍ୱାଇଁ, ଅଖିଳ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ଚୌଦ୍ୱାର,୨୪।୭(ସମିସ): ଚୌଦ୍ୱାର କଲେଜରେ +୨ ପ୍ରଥମ ବର୍ଷରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡ.ପ୍ରଫୁଲ୍ଲ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ରଶ୍ମୀ ରାଉତରାୟ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳିତ ଓ କର୍ତ୍ତବ୍ୟନିଷ୍ଠ ହେବାକୁ ବିଦ୍ୟାର୍ଥୀଙ୍କୁ ଶପଥପାଠ କରାଇଥିଲେ। +୩ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନବାଗତଙ୍କୁ ସ୍ୱାଗତ କରାଯାଇଥିଲା। ରାଜନୀତି ବିଜ୍ଞାନର ଅଧ୍ୟାପକ ସୁମନ୍ତ ସାହୁ ଓ ପ୍ରଶାସନିକ ଅଧିକାରୀ ବରିଷ୍ଠ ପ୍ରଧ୍ୟାପିକା ଡ. ହରପ୍ରିୟା ମହାପାତ୍ର କଲେଜ ନୀତିନିୟମ ସଂପର୍କରେ ଆଲୋକପାତ କରିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଭାକର ମିଶ୍ର, ଅନୁପମା ତ୍ରିପାଠୀ, ସ୍ୱର୍ଣ୍ଣପ୍ରଭା ରାଉତ, ଆରଣ୍ୟକ ରାଉତରାୟ, ରିଙ୍କୁ କିଶନ, ଲିଜା ରଥ ଓ ଚନ୍ଦ୍ରଶେଖର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଯୁକ୍ତେଶ୍ୱର ଦାସ ଧନ୍ୟବାଦ ଦେଇଥିଲେ।

# ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କାର୍ଯ୍ୟକ୍ରମ



ଟାଙ୍ଗୀ,୨୪।୭(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀରେ ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଆୟୋଜନ ଏବଂ ଡାଲମିଆ ଭାରତ ଫାଉଣ୍ଡେସନ ସହଯୋଗରେ ଚାଲୁଥିବା ଦକ୍ଷତା ପ୍ରଶିକ୍ଷଣର ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତିପତ୍ର ବିଣ୍ଟନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ସିଏସଆର ମୁଖ୍ୟ କବିତା ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କପିଳାସ ସିମେଣ୍ଟ ମ୍ୟାନୁଫାକ୍ଚରିଂ ୱାର୍କ କମ୍ପାନୀର ୟୁନିଟ୍ ହେଡ ପଙ୍କଜ ଗୁପ୍ତା ଓ ସମ୍ମାନିତ ଅତିଥି ଭାବେ ଯାନ୍ତ୍ରିକ ବିଭାଗର ମୁଖ୍ୟ ଜଗଦୀଶ ବଳ, ଅର୍ଥ ବିଭାଗର ମୁଖ୍ୟ ଅଭିଜିତ ରଣା ଓ ଦୀକ୍ଷାର ଆଞ୍ଚଳିକ ମୁଖ୍ୟ ଦୀପକ ସେନାପତି ପ୍ରମୁଖ ଦକ୍ଷତା ବିକାଶ ଓ ସ୍ୱାବଲମ୍ବୀ ଉପରେ ଆଲୋକପାତ କରିଥିଲେ। ଦକ୍ଷତାରେ ଚାଲୁଥିବା ସିଲାଇ ମେସିନ ଅପରେଟର ଏବଂ ପଣ୍ୟାଗାର ପ୍ରଶିକ୍ଷଣରେ ଭାଗ ନେଇଥିବା ୫୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତିପତ୍ର ଅତିଥିଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଉକ୍ତ ପ୍ରଶିକ୍ଷାର୍ଥୀ ତାମିଲନାଡୁର ସାହାନା କପଡ଼ା କମ୍ପାନୀରେ ଅପରେଟର ଭାବେ କାର୍ଯ୍ୟ କରିବେ ବୋଲି ୟୁନିଟ୍ ହେଡ ଶ୍ରୀ ଗୁପ୍ତା ସୂଚନା ପ୍ରଦାନ କରିଛନ୍ତି।

# ଏନ୍‌ଏଚ୍‌ଏଆଇ କାର୍ଯ୍ୟାଳୟ ଘେରିଲା ଚୌଦ୍ୱାର ଜାଗରଣ ମଞ୍ଚ

## ରାଜଧାନୀରେ ପହଞ୍ଚିଲା ଚୌଦ୍ୱାର ରାସ୍ତା ସମସ୍ୟା

ଭୁବନେଶ୍ୱର/ଚୌଦ୍ୱାର, ୨୪।୭ (ସମିସ)

ମଙ୍ଗୁଳିରୁ ଧୁମାବତୀ ପର୍ଯ୍ୟନ୍ତ ୬ କିଲୋମିଟର ରାସ୍ତାର ନିର୍ମାଣ ଅବଧି ଶେଷ ହୋଇଯାଇଥିଲେ ହେଁ ଠିକାସଂସ୍ଥା କାମ ଶେଷ କରୁନି। ଏ ବାବଦରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ବି ସୁଫଳ ମିଳୁନି। ଶେଷରେ ଆଜି ବାଧ ହୋଇ ସୁଦୂର ଚୌଦ୍ୱାରରୁ ଭୁବନେଶ୍ୱର ଆସି 'ଚୌଦ୍ୱାର ଜାଗରଣ ମଞ୍ଚ' ପକ୍ଷରୁ ଆଞ୍ଚଳିକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ତେବେ ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ସେମାନେ ଧାରଣରୁ ଉଠିଥିଲେ।

ସୂଚନାନୁସାରେ, ୫୫ ନମ୍ବର ଜାତୀୟ ରାଜପଥର ୬୪ କିଲୋମିଟର ରାସ୍ତାର ନିର୍ମାଣ କାର୍ଯ୍ୟ ଉପକଣ୍ଟ୍ରାକ୍ଟ ଆଧାରରେ ମହେନ୍ଦ୍ର ସ୍ୱାଇଁ ଇନ୍‌ଫ୍ରାପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ୍(ଏମ୍‌ଏସ୍‌ଆଇଏଲ୍) କରୁଛି। ୨୭୮ କୋଟି ଟଙ୍କାର ଏହି କାମ ୨୦୨୪ ମସିହା ସୁଦ୍ଧା ଶେଷ କରିବା ପାଇଁ କଣ୍ଟ ଧାର୍ଯ୍ୟ ହୋଇଥିଲା। ମାତ୍ର ୨୦୨୫ ଜୁଲାଇ ମାସ ହୋଇଥିଲେ ହେଁ କାମ ମାତ୍ର ୩୦ ପ୍ରତିଶତ ଶେଷ ହୋଇଛି। ପୂର୍ବରୁ ବାରମ୍ବାର ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ମେ ମାସ ସୁଦ୍ଧା କାମ ଶେଷ କରିବ ବୋଲି ଠିକାସଂସ୍ଥା ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଶେଷ ନ କରିବାରୁ




ବାଧ ହୋଇ ମଞ୍ଚ ପକ୍ଷରୁ ଆଜି ଜୟଦେବ ବିହାରରେ ଥିବା ଏନ୍‌ଏଚ୍‌ଏଆଇ ଆଞ୍ଚଳିକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା।

ଶେଷରେ ଏନ୍‌ଏଚ୍‌ଏଆଇ ଓଡ଼ିଶା ମୁଖ୍ୟ ବୀରେନ୍ଦ୍ର ସିଂ, ଠିକାସଂସ୍ଥାର ଅବହେଳା ହୃଦୟଙ୍ଗମ କରିବା ସହ ଅଗଷ୍ଟ ସୁଦ୍ଧା କାମ ଶେଷ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏପରିକି, କାମ ବିଳମ୍ବ ହେଲେ ଠିକାସଂସ୍ଥା ଉପରେ ମୋଟା ଅଙ୍କର ଜରିମାନା ସହ ଟେଣ୍ଡର୍ ରଦ୍ଦ କରିବା ପାଇଁ କହିଥିଲେ। ଏହାପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା। ଏହି ବିକ୍ଷୋଭରେ ମଞ୍ଚର ସଂଯୋଜକ ଶ୍ରୀକାନ୍ତ ପାକଳ, ପ୍ରଭାନନ୍ଦ ସାହୁ, ହରିହର ବେଉରାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଏକାଧିକ ଲୋକ ସାମିଲ ହୋଇଥିଲେ।

ଉଲ୍ଲେଖଥାଉ କି, ବର୍ତ୍ତମାନ ବର୍ଷା ହେବା ଯୋଗୁଁ ଏହି ରାସ୍ତା ଖରାପ ହୋଇଥିବା ଯୋଗୁଁ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସ୍ଥାନୀୟ ଅଞ୍ଚଳର ହଜାର ହଜାର ଲୋକ ଏହି ରାସ୍ତା ଦେଇ ପ୍ରତ୍ୟହ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଏ ବାବଦରେ ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଗଲେ ହେଁ ସେମାନେ କର୍ଣ୍ଣପାତ କରୁନଥିଲେ। ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉନଥିଲେ।

## ଜବରଦଖଲ ମୁକ୍ତ ହେବ ଶିଶୁଆ-ମଢ଼ଙ୍ଗା ଭାୟା ଛାଣିପୁର ରାସ୍ତା

# ପ୍ରଶାସନ ପକ୍ଷରୁ ଜାରିହେଲା ଉଚ୍ଛେଦ ନୋଟିସ

ସାଲେପୁର,୨୪।୭(ସମିସ): ଜବରଦଖଲକାରୀଙ୍କ ଯୋଗୁଁ ୨୦୨୨ରୁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ଶେଷ ହୋଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ଚଳିତ ମାସ ୨୯ତାରିଖ ଦିନ ପ୍ରଶାସନ ପକ୍ଷରୁ ସୀମା ନିର୍ଦ୍ଧାରଣ କରାଯିବା ସହ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ୍ ଜାରି କରାଯାଇଥିବା ଜଣାଯାଇଛି। ପ୍ରକାଶ ଯେ ସାଲେପୁର ତହସିଲ ଅଧୀନ ଶିଶୁଆ-ମଢ଼ଙ୍ଗା ଭାୟା ଛାଣିପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୫ନଂ କେନାଲ ବନ୍ଧରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଠିକାଦାର ଚୟନ କରାଯାଇ ୨୦୨୨ ସେପ୍ଟେମ୍ବର ମାସରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଯାହାର ଲମ୍ବ ପ୍ରାୟ ୧୩ କିମି. ହୋଇଥିବାବେଳେ ଅଟକଳ ରାଶି ୧୦କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଉକ୍ତ କାର୍ଯ୍ୟଟି ୨୦୨୩ ମସିହା ଅଗଷ୍ଟ ୧୮ ତାରିଖରେ ପୂର୍ଣ୍ଣାଙ୍ଗ ହେବା କଥା। ଠିକାଦାରଙ୍କ ଅସହଯୋଗ ଏବଂ ଉକ୍ତ କେନାଲବନ୍ଧ ରାସ୍ତା ଓ ନୟନଯୋରୀକୁ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି କୋଠାଘର, ପାଚେରୀ, ପାଇଖାନା, ଦୋକାନ ଘର ପ୍ରଭୃତି ନିର୍ମାଣ କରିଥିବାରୁ ରାସ୍ତା ନିର୍ମାଣରେ ଅନ୍ତରାୟ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଉକ୍ତ ରାସ୍ତାଟିର ଓସାର ୫.୫ ମିଟର ଡିପିଆର ପ୍ରସ୍ତୁତି ଓ ଅଟକଳରେ ବ୍ୟବସ୍ଥା ଥିଲେ ମଧ୍ୟ ରାସ୍ତା ଜବରଦଖଲ ଥିବାରୁ ଠିକାଦାର ଅନେକ ସ୍ଥାନରେ ୩ ମିଟରରୁ ୨.୫ ମିଟର କରିବାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗର ପ୍ରମୁଖ ଶାସନ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଓ ଜିଲ୍ଲାପାଳଙ୍କ ନିକଟରେ ସ୍ଥାନୀୟ ଜନସାଧାରଣ ଆପତ୍ତି ଅଭିଯୋଗ କରିଥିଲେ। ଘଟଣାର ଗୁରୁତ୍ୱ ଉପଲବ୍ଧି କରି ଶାସନ ସଚିବଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇବାରୁ ସାଲେପୁର ତହସିଲଦାରଙ୍କୁ ଜବରଦଖଲ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ଭିତ୍ତି କରି ସାଲେପୁର ତହସିଲଦାରଙ୍କ ପକ୍ଷରୁ ସୀମା ଚିହ୍ନଟ କେସ୍ ନଂ-୧୪୮/୨୫ ଅନୁଯାୟୀ ୨୨ଜଣ ବ୍ୟକ୍ତିବିଶେଷଙ୍କୁ ନୋଟିସ୍ ଜାରି କରାଯାଇ ଜୁଲାଇ ୨୯ତାରିଖ ଧାର୍ଯ୍ୟ କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଉପରେ ସାଲେପୁର ବ୍ଲକ୍‌ର ଶିଶୁଆ, ନଈଗୁଆଁ, ସିଢ଼ୋ, ଭୀମଦାସପୁର, ରାଇସୁଙ୍ଗୁଡ଼ା, ମହଣ ସମେତ ୭ଟି ପଞ୍ଚାୟତର ଜନସାଧାରଣଙ୍କ ଚଳପ୍ରଚଳ ପାଇଁ ପ୍ରମୁଖ ରାସ୍ତା ହୋଇଥିଲେ ମଧ୍ୟ ଦୀର୍ଘ ୩ ବର୍ଷ ଧରି ରାସ୍ତା ନିର୍ମାଣ ସରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ରାଜସ୍ୱ ପ୍ରଶାସନ ପକ୍ଷରୁ ସୀମା ଚିହ୍ନଟ ଓ ଉଚ୍ଛେଦ ପ୍ରକ୍ରିୟା ଅବିଳମ୍ବେ ଶେଷ କରି ଗ୍ରାମ ଉନ୍ନୟନ ବିଭାଗକୁ ରାସ୍ତାକାମକୁ ଆଗେଇ ନେବାରେ ସହଯୋଗ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ମଣ୍ଡିରେ ପଞ୍ଜୀକରଣ ପାଇଁ ଚାଷୀ ହନ୍ତସନ୍ତ

ଟାଙ୍ଗୀ,୨୪।୭(ସମିସ): ଧାନ ମଣ୍ଡିରେ ଚାଷୀ ଧାନ ଦେବା ପାଇଁ ସରକାର ବିଭିନ୍ନ ନିୟମ କରିଛନ୍ତି। ଯାହାଫଳରେ ଚାଷୀ ନିଜ ଧାନ ଗଣ୍ଡାକ ଦେବା ପାଇଁ ସରକାରଙ୍କ ନିୟମାନୁସାରେ ବିଭିନ୍ନ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ବର୍ତ୍ତମାନ ଚାଷ କାମ ଚାଲୁଥିବାରୁ ପଞ୍ଜୀକରଣ ପାଇଁ ହନ୍ତସନ୍ତ ହେଉଛନ୍ତି ଚାଷୀ। ଏଭଳି ସମସ୍ୟା ଦେଖିବାକୁ ମିଳିଛି ଟାଙ୍ଗୀ ଚୌଦ୍ୱାର ବ୍ଲକ ହରିଅନ୍ତା ସେବା ସମବାୟ ସମିତିରେ। ସମିତି ଅଧିନସ୍ଥ ଜଣେ ଚାଷୀ ଗୋପାଳ ଲେଙ୍କା ଜଣାଇଛନ୍ତି ଯେ ଯେଉଁ ଚାଷୀର ନିଜ ନାମରେ ଜମି ନାହିଁ ତାଙ୍କ ପିତା ଓ ଜେଜେବାପାଙ୍କ ନାମରେ ଜମିଥିବ ସେମାନେ ମୃତ ହୋଇଥିବେ ସେମାନଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ର ଆବଶ୍ୟକ ଅଥବା ବଂଶାନୁକ୍ରମିକ ତଥ୍ୟ ଆରଆଇ ଦେଲେ ଧାନ ମଣ୍ଡିରେ ପଞ୍ଜିକରଣ ହୋଇପାରିବ। ଭାଗଚାଷୀଙ୍କ କ୍ଷେତ୍ରରେ ମଧ୍ୟ ସମାନ ଆଇନ ଲାଗିବ। ବର୍ତ୍ତମାନ ପରିସ୍ଥିତିରେ ଚାଷୀ ଚାଷ କାର୍ଯ୍ୟ କରିବ ନା ପଞ୍ଜୀକରଣ ପାଇଁ ବିଭିନ୍ନ ଅଫିସ ଦୌଡ଼ିବ ତାହା ଚାଷୀ ପାଇଁ ଦୁଃଖର କାରଣ ହୋଇଛି। ଯାହା ପୂର୍ବ ବର୍ଷ ମାନଙ୍କରେ ଏଭଳି ସମସ୍ୟା ଦେଖିବାକୁ ମିଳି ନ ଥିଲା। ସରକାରଙ୍କ ନିକଟରେ ସମସ୍ତ ତଥ୍ୟ ଅଛି। ସେହି ତଥ୍ୟ ଅନୁସାରେ ପଞ୍ଜୀକରଣ ସରଳୀକରଣ କଲେ ସମସ୍ତ ଚାଷୀ ଉପକୃତ ହୋଇପାରିବେ ବୋଲି ଚାଷୀ ଶ୍ରୀ ଲେଙ୍କା ଜଣାଇଛନ୍ତି।

# ଦିବ୍ୟାଙ୍ଗଙ୍କୁ ମିଳୁନି ଗୃହ ନିର୍ମାଣ ଦ୍ୱିତୀୟ କିସ୍ତି

## ଉପଜିଲ୍ଲାପାଳଙ୍କୁ ଫେରାଦହେଲେ ପରିବାର ଲୋକ

ଆଠଗଡ,୨୪।୭(ସମିସ): ଅନ୍ତୋଦୟ ଗୃହ ଯୋଜନାରେ ଶତ ପ୍ରତିଶତ ଦିବ୍ୟାଙ୍ଗଙ୍କୁ ମିଳିଲା ଘର। ପ୍ରଥମ କିସ୍ତି ମଧ୍ୟ ମିଳିଗଲା; କିନ୍ତୁ ଦ୍ୱିତୀୟ କିସ୍ତି ଦେବା ବେଳକୁ ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଛି। ଆଜି ଏ ବାବଦରେ ଆଠଗଡ଼ ଉପଜିଲ୍ଲାପାଳଙ୍କୁ ଭେଟି ଫେରାଦ ହୋଇଛନ୍ତି ଦିବ୍ୟାଙ୍ଗଙ୍କ ବାପା ମା'। ବଡ଼ମ୍ବା ବ୍ଲକ ତାଳମୁଣ୍ଡଳୀ ପଞ୍ଚାୟତ ତାଳମୁଣ୍ଡଳୀ ଗ୍ରାମର ବିଜୟ କୁମାର ଜେନାଙ୍କ ଝିଅ ସିଲା ଜେନା ଶତପ୍ରତିଶତ ମାନସିକ ବିକାରଗ୍ରସ୍ତ ଦିବ୍ୟାଙ୍ଗ। ଗତ ମାର୍ଚ୍ଚ ମାସ ୩୦ ତାରିଖରେ ତାଙ୍କ ନାମରେ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ଥାଇ ପ୍ରଥମ କିସ୍ତିରେ ୪୦ ହଜାର ଟଙ୍କା ମିଳିଥିଲା। ଘର କରି ସାରିବା ପରେ ଦ୍ୱିତୀୟ କିସ୍ତି ୬୫ ହଜାର ଟଙ୍କା ପାଇବାର ଫଟୋ ଉଠାଇବା ପାଇଁ ଆସିଥିବା ଗ୍ରାମ ରୋଜଗାର ସେବକ ବା ଜିଆରଏସ ପ୍ରଶାନ୍ତ କୁମାର ସାହୁ ଦିବ୍ୟାଙ୍ଗଙ୍କ ବାପା ବିଜୟ କୁମାର ଜେନାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଛି। ବିଜୟ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବା ବେଳେ ଏତେ ଟଙ୍କା ଦେବାକୁ ରାଜି ନ ହେବାରୁ ଆଜି ଯାଏ ତାଙ୍କୁ ଏହି ଦ୍ୱିତୀୟ କିସ୍ତି ମିଳି ନ ଥିବା ଅଭିଯୋଗ ହୋଇଛି। ଏ ବାବଦରେ ଆଜି ବିଜୟ ତାଙ୍କର ପରିବାର ସହିତ ଆସି ଆଠଗଡ଼ ଉପଜିଲ୍ଲାପାଳଙ୍କୁ ଏହି ଅଭିଯୋଗ କରିଥିବା ବେଳେ ସହକାରୀ ଜିଲ୍ଲାପାଳ ମାନସ କୁମାର ବେହେରା ଅଭିଯୋଗ ରଖି ବଡ଼ମ୍ବା ବିଡ଼ିଓଙ୍କ ସହିତ କଥା ହୋଇଛନ୍ତି। ତେବେ ଖୁବ୍ ଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ବଡ଼ମ୍ବା ବିଡ଼ିଓ ତାଙ୍କୁ କହିଥିବା ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

# ଶ୍ରାଦ୍ଧବାର୍ଷିକୀ ଅବସରରେ ଚାରାରୋପଣ

ନେମାଳ,୨୪।୭(ସମିସ): ନେମାଳ ମହିମା ଅଲେଖ ଆଶ୍ରମର ଗୁରୁ ବ୍ରହ୍ମ ଅବଧୂତ ଅନାଦି ବାବାଙ୍କ ୫୪ତମ ଶ୍ରାଦ୍ଧବାର୍ଷିକୀ ଓ ଚାରାରୋପଣ ମହୋତ୍ସବ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମ ଅବଧୂତ ଗୋପାଳଚନ୍ଦ୍ର ବାବାଙ୍କ ତତ୍ତ୍ୱବଧାନରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ବାବାଙ୍କ ସ୍ମୃତିରେ ଚାରାରୋପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମ ଅବଧୂତ ଶଙ୍କର୍ଷଣ ବାବା, ସାଧୁ ରମେଶ ଦାସ, ପ୍ରସନ୍ନ ସ୍ୱାଇଁ, ସୁବାସ ଦାସ, ନିରଞ୍ଜନ ସ୍ୱାଇଁ, ବ୍ରହ୍ମ ଅବଧୂତ ବିଚିତ୍ରା ନନ୍ଦ ବାବା ପ୍ରମୁଖ ଯୋଗଦେଇଥିଲେ।

# ୭ ଦିନ ପରେ ବି ବିଡିଓ ମାନିଲେନି ପ୍ରତିଶ୍ରୁତି

## ଦାବି ପୂରଣ ନ ହେଲେ ଗଣଧାରଣା ଦେବେ ଜନପ୍ରତିନିଧି

ନିଶ୍ଚିନ୍ତକୋଇଲି,୨୪।୭(ସମିସ): ନିଶ୍ଚିନ୍ତକୋଇଲି ବ୍ଲକର ସରପଞ୍ଚ ଓ ସମିତିସଭ୍ୟ ସଭ୍ୟାମାନଙ୍କର ବିଭିନ୍ନ ଦାବି ପ୍ରଶାସନିକସ୍ତରରେ ପୂରଣ କରାଯାଉ ନ ଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ ବହୁ ସରପଞ୍ଚ ଓ ସମିତିସଭ୍ୟସଭ୍ୟାମାନେ ବିଡ଼ିଓଙ୍କୁ ସାକ୍ଷାତ କରି ତାଙ୍କର ୪ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୧୧ ତାରିଖ ଦିନ ହୋଇଥିବା ପଞ୍ଚାୟତ ସମିତି ବୈଠକରେ ସରପଞ୍ଚ ସମିତିସଭ୍ୟ ସଭ୍ୟାମାନେ କେତେକ ଦାବି ପୂରଣ କରିବା ପାଇଁ ଡ଼ାଇସ୍ ସମ୍ମୁଖରେ ଧାରଣାରେ ବସିଥିଲେ। ଉକ୍ତ ଦାବିଗୁଡ଼ିକୁ ୭ଦିନ ଭିତରେ ପୂରଣ କରିବା ପାଇଁ ବିଡ଼ିଓ ଦ୍ୱିବ୍ୟେନ୍ଦୁ ଦାସ ଓ ବ୍ଲକ ଅଧ୍ୟକ୍ଷା ରୋଜୀ ସେଠୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରଶମିତ ହୋଇଥିଲା। ଇତି ମଧ୍ୟରେ ୧୩ ଦିନ ବିତିଯାଇଥିଲେ ମଧ୍ୟ ବିଡ଼ିଓ କୌଣସି ପ୍ରତିଶ୍ରୁତି ପୂରଣ ନ କରିବାରୁ ପୁର୍ନବାର ଜନପ୍ରତିନିଧିମାନେ ତାଙ୍କୁ ସାକ୍ଷାତ କରିଛନ୍ତି। ଗ୍ରାମ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଫାଇଲରେ ବିଡ଼ିଓଙ୍କର କାଉଣ୍ଟର ସାଇନ୍ ବନ୍ଦ କରିବା, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକର ବକେୟା ବିଲଗୁଡ଼ିକୁ ତୁରନ୍ତ ପ୍ରଦାନ କରିବା, ସମିତିସଭ୍ୟ ସଭ୍ୟାଙ୍କ ଅଂଶଧନ ଓ ଜିଆଇଏକୁ ସେମାନଙ୍କ ପରାମର୍ଶରେ କାର୍ଯ୍ୟ କରାଯିବା, ପଞ୍ଚାୟତକୁ ଆସୁଥିବା ସମସ୍ତ ଅନୁଦାନଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବା ଦାବି ନେଇ ବିଡ଼ିଓଙ୍କ ସହିତ ଆଲୋଚନା ହୋଇଥିଲା। ଆଲୋଚନା ପରେ ଗ୍ରାମ ପଞ୍ଚାୟତ ଫାଇଲଗୁଡ଼ିକରେ ବିଡ଼ିଓଙ୍କ କାଉଣ୍ଟର ସାଇନ୍ ଆଉ କରାଯିବ ନାହିଁ ବୋଲି ବିଡ଼ିଓ ପ୍ରକାଶ କରିଥିଲେ। ଏହାଛଡ଼ା ପଞ୍ଚାୟତରେ କିଭଳି ଉନ୍ନୟନମୂଳକ କାର୍ଯ୍ୟ କରାଯିବ ସେନେଇ ପିଇଓ ଏବଂ ସରପଞ୍ଚଙ୍କୁ ଡ଼ାକି ଆଲୋଚନା ହେବ ବୋଲି ସେ କହିଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ହୋଇଥିବା କାର୍ଯ୍ୟର ପେମେଣ୍ଟ ପାଇଁ ସାଇଟ୍ ବନ୍ଦ ଥିବାରୁ ଜନପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ପାଇଁ ବିଡ଼ିଓ ପରାମର୍ଶ ଦେଇଥିଲେ। ଆଲୋଚନା ପରେ ୭ଦିନ ମଧ୍ୟରେ ରଖାଯାଇଥିବା ଦାବିଗୁଡ଼ିକ ଯଥାସମ୍ଭବ ପୂରଣ କରାଯିବ ବୋଲି ପୁନର୍ବାର ବିଡ଼ିଓ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନାରେ ସରପଞ୍ଚ ଅନନ୍ତ କର, ମିଳନ ଭୂୟାଁ, ଜୟଦେବ ରାଉତ, ରାକେଶ ସାମଲ, ରମାକାନ୍ତ ମହାନ୍ତି, ହିମାଂଶୁ ନାରାୟଣ ମଲ୍ଲ ଓ ସମିତିସଭ୍ୟ ରାଜେଶ ବେହେରା, ପ୍ରଦୋଷ ସାହୁ, ଦେବେନ୍ଦ୍ର ବେହେରା, ଶୁଭଶ୍ରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥର ୭ଦିନ ମଧ୍ୟରେ ଯଦି ବିଡ଼ିଓ ତାଙ୍କ ପ୍ରତିଶ୍ରୁତି ପୂରଣ ନ କରନ୍ତି ତା ହେଲେ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବେ ବୋଲି ଜନପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି।



# କେନାଲ ସଫା ପାଇଁ ବିଭାଗୀୟ ଆନ୍ତରିକତା ନାହିଁ

## ଉପଜିଲ୍ଲାପାଳଙ୍କ ସହ ତହସିଲଦାରଙ୍କୁ ଫେରାଦହେଲେ ଚାଷୀ

ଆଠଗଡ଼,୨୪।୭(ସମିସ)

ଲାଗି ରହିଛି ଲଘୁଚାପ ଜନିତ ଲଗାଣବର୍ଷା; କିନ୍ତୁ ଆଶାନୁରୂପ ବର୍ଷା ହେଉ ନ ଥିବା ଯୋଗୁଁ ଏଭଳି ଅନିୟମିତ ପାଣିପାଗ ଚାଷକୁ ବିଳମ୍ବିତ କରିଛି। ଯେଉଁଠି ଯାହା ଯେମିତି ଧାନ ବୁଣା ହୋଇଛି ତାହାର କମଣ ହୋଇପାରୁ ନାହିଁ। ବୁଣାଧାନ ବିହୁଡ଼ା ବେଉଷଣ ସରି ଏତେ ବେଳକୁ କଳା ବୁଲିବା କଥା; କିନ୍ତୁ ପାଣିର ଅଭାବ ଯୋଗୁଁ ଏ ସବୁ କାମ ଏଯାବତ ହୋଇପାରିଲା ନାହିଁ। ବିକଳ୍ପ ଭାବରେ ଜଳସେଚନକୁ ଆଧାର କରି ଯେଉଁ କାମ ହେବା କଥା ତାହା ବିଭାଗୀୟ ଅପାରଗତା ଯୋଗୁଁ ହୋଇପାରୁ ନାହିଁ। ବିକଳ୍ପ ଜଳସେଚନ ଭାବରେ କ୍ଷୁଦ୍ର ଜଳସେଚନକୁ ଆଧାର କରି ଯେଉଁ ବେଉଷଣ କାମ ହେବା କଥା ତାହା ହୋଇ ନ ଥିବା ବେଳେ ଜୁଲାଇ ମାସ ଶେଷ ହେବାକୁ ବସିଥିବା ବେଳେ ଆଜି ପର୍ଯ୍ୟନ୍ତ କେନାଲ ସଫା ହୋଇପାରିଲା ନାହିଁ। ଏଥିସହ ଅଧିକାଂଶ ଜାଗାରେ କେନାଲ ହୁଡା ଜବରଦଖଲ ଯୋଗୁଁ ନିର୍ମାଣ ମରାମତି କିମ୍ବା ସଫା କାମ ହୋଇ ପାରୁ ନ ଥିବା ଜଣାପଡିଛି। ଆଜି ପର୍ଯ୍ୟନ୍ତ ସେ କେନାଲ ଗୁଡ଼ିକୁ ସଫା



କରିବା ପାଇଁ ବିଭାଗୀୟ ଅଧିକାରୀ ଆଗ୍ରହ ପ୍ରକାଶ କରୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସାପୁଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧୀନରେ ଥିବା ଗୁଡୁପଡା, ଶଙ୍କରପୁର, କୋରଙ୍ଗା, ଲକ୍ଷ୍ମୀ ବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧୀନରେ ଥିବା ତରସିଂହ, ଦୋରଡ, ଈଶ୍ୱରା, ଗୋପୀନାଥପୁର ଆଦି କ୍ଷୁଦ୍ର ଜଳସେଚନ କ୍ଷେତ୍ରଗୁଡ଼ିକୁ ରେଙ୍ଗାଲି ଦକ୍ଷିଣ କେନାଲ ଅଧୀନକୁ ଦିଆ ଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ରେଙ୍ଗାଲି ଦକ୍ଷିଣ କେନାଲ ପ୍ରକଳ୍ପର କାର୍ଯ୍ୟକାରିତା ବର୍ତ୍ତମାନ ସୁଦ୍ଧା କୌଣସି ସ୍ୱଷ୍ଟ ଚିତ୍ର ମିଳିପାରୁ ନ ଥିବା ବେଳେ ହାତକୁ ନେଇଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡିକର ଭବିଷ୍ୟତ ମଧ୍ୟ ଅନ୍ଧାରରେ ରହିଛି। ଅନ୍ୟପକ୍ଷରେ ବିଭାଗୀୟ କର୍ମଚାରୀ ମରୁଡି ଯୋଗୁଁ ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା କୁହାଯାଉଛି। ରେଙ୍ଗାଲି ଜଳସେଚନ ପ୍ରକଳ୍ପକୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡ଼ିକର ହସ୍ତାନ୍ତର ପରେ ଏହାର ପରିଚାଳନା ଦାୟିତ୍ୱ ରେଙ୍ଗାଲି ହାତରେ ରହିଛି। ଏହାର କାର୍ଯ୍ୟାଳୟ ଖୁଣ୍ଟୁଣୀଠାରେ କାର୍ଯ୍ୟ କରିବାକୁ ଥିବା ବେଳେ ପ୍ରକୃତରେ ଏହା ଢେଙ୍କାନାଳର ମହିଷାପାଟ ଠାରେ କାର୍ଯ୍ୟ କରୁଛି। ତେଣୁ ଚାଷୀମାନେ ସେମାନଙ୍କର ଅଭାବ ଅସୁବିଧା ଜଣାଇବା ପାଇଁ ସେଠାକୁ ଯାଇ ପାରୁ ନ ଥିବା ବେଳେ ଆଠଗଡ଼ କ୍ଷୁଦ୍ର ଜଳସେଚନ ବିଭାଗକୁ ଆସି ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ଆଜି ଏ ସମ୍ପର୍କରେ ଲକ୍ଷ୍ମୀବନ୍ଧରୁ କ୍ଷୁଦ୍ର ଜଳସେଚନ ହେଉଥିବା ଜୟ ମଙ୍ଗଳ ଧାରରେ ଉପକୃତ ହେଉଥିବା ଦୋରଡ, ଈଶ୍ୱରା, ଗୋପୀନାଥପୁର, ପାଇକରାପୁର, ଇନ୍ଦିପୁର, ଯୋରନ୍ଦା, ନାଉରଥ, ତରଡିଙ୍ଗର ଚାଷୀମାନଙ୍କର ଏକ ପ୍ରତିନିଧିଦଳ ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କୁ ଭେଟି କେନାଲ ସଫା ହେଉ ନ ଥିବା ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଦେବରାଜ ମହାନ୍ତି, କୈଳାସ ଓଝା, ବିଷ୍ଣୁ ଚରଣ ମହାନ୍ତି, ପ୍ରଫୁଲ୍ଲ ମହାନ୍ତି, ଜ୍ଞାନରଞ୍ଜନ ମହାନ୍ତି, ନୃସିଂହ ମହାନ୍ତି ସୁବାଷ ଭୂୟାଁ, ଗଣେଶ୍ୱର ମହାନ୍ତିଙ୍କ ସହିତ ଅନ୍ୟାନ୍ୟ ଚାଷୀମାନେ ଉପସ୍ଥିତ ଥିଲେ।

# ଗୋବିନ୍ଦପୁରରେ ଚାରାରୋପଣ କାର୍ଯ୍ୟକ୍ରମ



ଟାଙ୍ଗୀ,୨୪।୭(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ସିଦ୍ଧଗିରୀ ନୋଡାଲ ବିଦ୍ୟାପୀଠ ପରିସରରେ ପରିବେଶ ସୁରକ୍ଷା ଓ ବିଶ୍ୱନାହାକାଣୀ କଲେଜର ଇକୋ କ୍ଲବର ମିଳିତ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଞ୍ଜନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଭିଯାନର ସଭାପତି ପ୍ରଦୀପ କୁମାର ରଥ, ସମ୍ପାଦକ ରଘୁନାଥ ପୃଷ୍ଟି, ପରିବେଶବିତ୍ ନମିତା ମହାପାତ୍ର ଓ ପ୍ରକୃତିବନ୍ଧୁ ଡ଼ ସଚ୍ଚିଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ରାଜ୍ୟ କୃଷି ନିର୍ଦ୍ଦେଶକଙ୍କ ପରଲୋକ



ନରସିଂହପୁର,୨୪।୭(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ଚଷାବାରବାଟୀ ଗ୍ରାମର ମୁରବୀ ତଥା ବିଶିଷ୍ଟ ବ୍ୟକ୍ତି ଓ ପ୍ରାକ୍ତନ ରାଜ୍ୟ କୃଷି ନିର୍ଦ୍ଦେଶକ ଗୋକୁଳାନନ୍ଦ ନାୟକ (୯୧) ଙ୍କର ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ପୂର୍ବତନ ବଡ଼ମ୍ବା ବିଧାୟକ ସ୍ୱର୍ଗତ ବିଦ୍ୟାଧର ନାୟକଙ୍କ ଅନୁଜ ଥିଲେ। ଏକାଧାରରେ ସେ ଚଷାବାରବାଟି ଗାଁର ଗ୍ରାମ ସଭାପତି ଥିବା ସହ ବିଭିନ୍ନ ମନ୍ଦିରର ଉନ୍ନତିକରଣ କାର୍ଯ୍ୟକ୍ରମ ତାଙ୍କ ପାଇଁ ସମ୍ଭବ ହୋଇଥିଲା। ସେ ଜଣେ ସ୍ନେହୀ, ପରୋପକାରୀ, ଈଶ୍ୱରବିଶ୍ୱାସୀ ଓ ସମାଜସେବୀ ଥିଲେ। ତାଙ୍କର ବିୟୋଗ ଖବର ପାଇ ପୂର୍ବତନ ବିଧାୟକ ଦେବୀ ପ୍ରସାଦ ମିଶ୍ର ତାଙ୍କ ସତ୍ୟନଗର ସ୍ଥିତ ବାସଭବନରେ ପହଁଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କର ବଡ଼ପୁତ୍ର ଅଶୋକ ସିଲିଗୁଡ଼ିରୁ ଫେରିବା ପରେ ଅନ୍ତେଷ୍ଟିକ୍ରିୟା ପୁରୀ ସ୍ୱର୍ଗଦ୍ୱାରରେ ସମାପନ ହୋଇଛି। ସ୍ୱର୍ଗତ ନାୟକଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## କଂଗ୍ରେସ ପକ୍ଷରୁ ଦୀପଦାନ ଓ ଶ୍ରଦ୍ଧାଞ୍ଜଳି




ସାଲେପୁର,୨୪।୭(ସମିସ): ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନକ୍ରମେ ବାଲେଶ୍ୱର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶାହରେ ଆଜି ସାଲେପୁର ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ନେତା ଆକ୍ୟୁବ୍ ଖାଁଙ୍କ ନେତୃତ୍ୱରେ ମା'ସାହେଶ୍ୱରୀଙ୍କ ପୀଠରେ ସାମୁହିକ ଦୀପଦାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସରକାରଙ୍କ ଅବହେଳା କାରଣରୁ ନିର୍ଯାତନାର ଶିକାର ହୋଇଥିବା ବାଲେଶ୍ୱର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା କରିଥିଲେ। ଏଥିପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ ବୋଲି କଂଗ୍ରେସ ନେତା ଆକ୍ୟୁବ୍ ଖାଁ ଅଭିଯୋଗ କରିଛନ୍ତି। ଏହି ଅବସରରେ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶତାଧିକ ମହିଳା ଓ ପୁରୁଷ କଂଗ୍ରେସ କର୍ମୀ ଦୀପଦାନ କରିବା ସହ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସରୋଜ କର, ସେକ୍ ପୀର ବକ୍ସ, ସୁଦାମ ବାରିକ, ଟାଙ୍ଗୀ ବ୍ଲକ୍ କଂଗ୍ରେସ ସଭାପତି ଆଶୁତୋଷ ବରାଳ, ସଫିଉଲ ଆଲମ, ବିସ୍ମୟ ରଞ୍ଜନ ଭୂୟାଁ, ପ୍ରଦୀପ୍ତ ପରିଡ଼ା, ହରେକୃଷ୍ଣ ବେହେରା, ବୁଢ଼ା ରାଉତଙ୍କ ସମେତ ବହୁ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ।

■ ସଇନ୍ଧା-ନଛିପୁର ଆଞ୍ଚଳିକ ଶାନ୍ତି କମିଟି ଗଠନ

## ପ୍ରଦୀପ ସଭାପତି, ସଞ୍ଜୟ ସଂପାଦକ



ଫୁଲନଖରା,୨୪।୭(ସମିସ): କଟକ ସଦର ଥାନା ଅନ୍ତର୍ଗତ ସଇନ୍ଧା-ନଛିପୁର ଅଞ୍ଚଳର ଗଜଲକ୍ଷ୍ମୀ ପୂଜାକୁ ଶୃଙ୍ଖଳିତ କରିବା ନିମନ୍ତେ ଦୀର୍ଘ ୨୭ବର୍ଷ ଧରି ଆଞ୍ଚଳିକ ଶାନ୍ତି କମିଟି କାର୍ଯ୍ୟକରି ଆସୁଛି। ପ୍ରତି ଦୁଇ ବର୍ଷରେ ଥରେ ଉକ୍ତ ଶାନ୍ତି କମିଟିର କର୍ମକର୍ତ୍ତା ନିର୍ବାଚିତ ହେଉଥିବା ବେଳେ ଚଳିତବର୍ଷ ସଭାପତି ଭାବରେ ପ୍ରଦୀପ ଦାସ, ଉପସଭାପତି ପ୍ରମୋଦ ସାହୁ, ସଂପାଦକ ସଞ୍ଜୟ ମୁଦୁଲି, ସହସଂପାଦକ ବିଭୂତି ଭୂଷଣ ତରାଇ ଓ କୋଷାଧ୍ୟକ୍ଷ ଭାବରେ ଭାବଗ୍ରାହୀ ସାହୁ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସନ୍ତୋଷ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଶାନ୍ତି କମିଟିର ପୂର୍ବତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ନୂତନ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ସମସ୍ତ କର୍ମକର୍ତ୍ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଦର ଥାନାଞ୍ଚଳ ଆଞ୍ଚଳିକ ଶାନ୍ତି କମିଟିର ସଂପାଦକ ସୁରେନ୍ଦ୍ର ମହାପାତ୍ର ଅତିଥି ଭାବରେ ପୂଜା ଆୟୋଜନ ପାଇଁ ୧୧ଟି ଗଜଲକ୍ଷ୍ମୀ ପୂଜା ମଣ୍ଡପର କର୍ମକର୍ତ୍ତାଙ୍କ ସହଯୋଗ ଲୋଡ଼ିଥିଲେ। ପୂଜା ମଣ୍ଡପ ଗୁଡିକର କର୍ମକର୍ତ୍ତାମାନେ ସେମାନଙ୍କର ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମସ୍ତ ପୂଜା କମିଟିର ସଭାପତି ଓ ସଂପାଦକମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ମହେନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

## ଟ୍ରାନ୍ସଫର୍ମର ଚୋରି କଲେ ଦୁର୍ବୃତ୍ତ



ନେମାଳ,୨୪।୭(ସମିସ): ନେମାଳ ଥାନା ଅନ୍ତର୍ଗତ ନଗସପୁର ଗ୍ରାମର ଦୁଇ ନମ୍ବର ୱାର୍ଡ ପୀରସାହିରେ ବସିଥିବା ୨୫ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରକୁ କେହି ଦୁର୍ବୃତ୍ତ ଗତକାଲି ରାତିରେ ଭାଙ୍ଗୀ ନେଇଯାଇଛନ୍ତି। ଚୋରମାନେ ଚୋରି କରିବା ସମୟରେ ଲୁଙ୍ଗି ଓ ଆସବାବପତ୍ରକୁ ଘଟଣାସ୍ଥଳରେ ଛାଡି ଯାଇଛନ୍ତି। ଏ ସମ୍ବନ୍ଧରେ ନେମାଳ ଥାନା ଓ ଓରିକଣ୍ଟା ସେକ୍ସନ ଅଫିସରେ ଅଭିଯୋଗ କରାଯାଇଥିବା ବେଳେ ଟ୍ରାନ୍ସଫର୍ମର ଚୋରି ହୋଇଯାଇଥିବାରୁ ଗତକାଲି ରାତିରୁ ୧୬ ପରିବାର ଅନ୍ଧାରରେ ରହିଛନ୍ତି।

## ସ୍ୱାସ୍ଥ୍ୟ ସଚେତନତା ଶିବିର



ନରସିଂହପୁର, ୨୪।୭(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କମଳାଡିହ ମା'ଭୁବନେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର କମଳାଡିହ ହିଲ୍ ଭ୍ୟୁ ରିସୋର୍ଟ ପରିସରରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ସଞ୍ଜୟ ଡ଼ାଲୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଦସ୍ୟଙ୍କ ପ୍ରତିନିଧି ଜୟକୃଷ୍ଣ ବିଶ୍ୱାଳ, ସରପଞ୍ଚ ଶରତ ଚନ୍ଦ୍ର ଖଟୁଆ, ସମ୍ପାଦକ ବୈକୁଣ୍ଠ ନାଥ ସାହୁ, ବରିଷ୍ଠ ଉପଦେଷ୍ଟା ଲଳିତ ଡ଼ାଲୁଆ, ଗଙ୍ଗାଧର ଡ଼ାଲୁଆ, ନିରଞ୍ଜନ ମିଶ୍ର, ଶ୍ରୀନିବାସ ବେହେରା, କିଶୋରଚନ୍ଦ୍ର ଶତପଥୀ, ଯୁଧିଷ୍ଠିର ନାୟକ, ପୀତବାସ ସାହୁଙ୍କ ସହିତ ସମସ୍ତ ସଦସ୍ୟ ଯୋଗଦେଇଥିଲେ। ଡାକ୍ତର ଶୁଭମ ଜେନା ବରିଷ୍ଠ ନାଗରିକ କିପରି ଶରୀରର ଯତ୍ନ ନେବେ ବିସ୍ତୃତ ଭାବରେ ବୁଝାଇଥିଲେ। ଲଳିତ ଡ଼ାଲୁଆ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବୈକୁଣ୍ଠନାଥ ସାହୁ ଧନ୍ୟବାଦ ଦେଇଥିଲେ।

ବର୍ଷା ନାହିଁ କି କେନାଲରେ ପାଣି ନାହିଁ; ଫାଟିଲାଣି ତଳିଘେରା

# ଚାଷ କାର୍ଯ୍ୟ ବିଳମ୍ବ; ତେଜୁଛି ଅସନ୍ତୋଷ



ନିଶ୍ଚିନ୍ତକୋଇଲି,୨୪।୭(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଚଳିତ ଖରିଫ ଧାନ ଚାଷ କାର୍ଯ୍ୟରେ ଅହେତୁକ ବିଳମ୍ବ ହୋଇଛି। କିଛି ଦିନ ହେବ ଅଳ୍ପ ଧରଣର ବର୍ଷା ହୋଇଥିବାରୁ ସେଥିରେ ଖାଲୁଆ ଚାଷ ଜମିରେ ଚାଷୀମାନେ ଧାନ ରୁଆ ପୋତା କାର୍ଯ୍ୟ ଆରମ୍ଭ କରିଥିଲେ। ଜଳସେଚନ ବିଭାଗ ପକ୍ଷରୁ ସଠିକ୍ ସମୟରେ କେନାଲରେ ପାଣି ଛଡ଼ା ନ ଯିବା ଏବଂ ବର୍ଷାର୍ ନ ହେବାରୁ ଏବେ ରୁଆ ଯାଇଥିବା ଧାନ କ୍ଷେତ ଶୁଖି ଯାଇଥିଲା ବେଳେ ପକାଯାଇଥିବା ତଳିଘେରା ପାଣି ଅଭାବରୁ ଫାଟି ଆଁ କରିଥିବା ଦେଖାଯାଇଛି। ପାଣି ଅଭାବରୁ ଚାଷୀମାନେ ସେମାନଙ୍କର ଚାଷ ଜମିଗୁଡ଼ିକୁ ହଳ କରିପାରୁ ନ ଥିବା ବେଳେ ବର୍ଷା ଉପରେ ନିର୍ଭର କରି ଯେଉଁ କ୍ଷେତଗୁଡ଼ିକୁ ହଳ କରିଥିଲେ ସେଗୁଡ଼ିକ ମଧ୍ୟ ଶୁଖିଗଲାଣି। କେନାଲରେ ପାଣି ନ ଆସିବାରୁ ବହୁ ଚାଷୀ ମଟର ଲଗାଇ ପାଣି ବୋହି ତଳିଘେରା ପ୍ରସ୍ତୁତ କରି ଧାନ ତଳି ପକାଇଥିବା ବେଳେ ଏବେ ତଳିଗୁଡ଼ିକ ଖରାରେ ଶୁଖିବାକୁ ଲାଗିଲାଣି। ବହୁ ଚାଷୀ ପାଣି ଅଭାବରୁ ଏ ପର୍ଯ୍ୟନ୍ତ ତଳି ପକାଇ ପାରି ନ ଥିବା ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ଚାଷୀମାନେ ସେମାନଙ୍କର ଧାନ ଚାଷ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରି ନ ଥିବାରୁ ପ୍ରବଳ ଅସନ୍ତୋଷ ପ୍ରକଟ କରିଛନ୍ତି। ବର୍ତ୍ତମାନ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଅଧୀନରେ ଥିବା ବିଭିନ୍ନ କେନାଲ, ଶାଖା କେନାଲ ଓ ଉପଶାଖା କେନାଲ ଗୁଡ଼ିକରେ କଂକ୍ରିଟ୍ ଲାଇନିଂ କାର୍ଯ୍ୟ ଚାଲିଛି। ଠିକାଦାରଙ୍କ ସୁବିଧା ପାଇଁ ଜଳସେଚନ ବିଭାଗ ପକ୍ଷରୁ କେନାଲରେ ପାଣି ଛଡ଼ା ଯାଉ ନ ଥିବା ବେଳେ ପାଣି ନ ପାଇ ଚାଷୀମାନେ ଧାନ ଚାଷ କାର୍ଯ୍ୟ କରିବା ପାଇଁ ବହୁ ହୀନସ୍ତା ହେଉଛନ୍ତି। ଅପରପକ୍ଷରେ ୮-ଏ କେନାଲ ବନ୍ଧକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ରାସ୍ତା ଓସାରିଆ କରିବା ପାଇଁ କେନାଲରେ ଗାଡର୍ ୱାଲ କାର୍ଯ୍ୟ ଚାଲିଥିବା ବେଳେ ସେଥିରେ ମଧ୍ୟ ପାଣି ଆସୁନାହିଁ। ଗତ ୪ ଦିନ ହେବ କେନ୍ଦ୍ରାପଡ଼ା ମୁଖ୍ୟ କେନାଲରେ ପାଣି ଛଡ଼ାଯାଇଥିଲା ବେଳେ ସେଥିରୁ ବାହାରିଥିବା ୭ନଂ, ୮ନଂ, ୯ନଂ ଆଦି କେନାଲ ଓ ଏହାର ଶାଖା ଓ ଉପଶାଖା କେନାଲ ଗୁଡ଼ିକରେ ପାଣି ଛଡ଼ାଯାଉ ନ ଥିବାରୁ ଚାଷ କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଛି। ଫଳରେ କୋଲଣପୁର, କେନ୍ଦୁପାଟଣ, ଜିଗ୍ନୀପୁର, ବରାଦୋ, ଜୟରାମପୁର, ଫଗୋଳ, ରାମକୃଷ୍ଣପୁର, ନତକାଇ, ବଡ଼କ୍ଷୀର, ନିଶ୍ଚିନ୍ତକୋଇଲି, ବୁହାଳୋ, ସରପଡ଼ା, ବାଲିଆପଦା, ସୁକରପଡ଼ା, କଟିକଟା, କେଣ୍ଟାଳୋ, ଅସୁରେଶ୍ୱର ଆଦି ପଞ୍ଚାୟତ ସମେତ ଲୁଣା ଚିତ୍ରୋତ୍ପଳା ଅଞ୍ଚଳ ବହୁ ପଞ୍ଚାୟତରେ ଚାଷ କାର୍ଯ୍ୟ ହୋଇପାରୁ ନାହିଁ। ଏହାଛଡ଼ା କଂକ୍ରିଟ ଲାଇନିଂ କରାଯାଉଥିବା କେନାଲ ଗୁଡ଼ିକରେ ଥିବା ଶୋଠଗୁଡ଼ିକୁ ବନ୍ଦ କରାଯାଇଥିବାରୁ ଚଳିତବର୍ଷ ଜମିରେ ଜଳସେଚନ ସମସ୍ୟା ଦେଖାଯିବାର ଆଶଙ୍କା ମଧ୍ୟ ରହିଛି। ଚାଷୀମାନଙ୍କର ସୁବିଧା ଓ ଚଳିତ ବର୍ଷ ଧାନ ଚାଷ କାର୍ଯ୍ୟର ତ୍ୱରାନ୍ୱିତ ପାଇଁ ତୁରନ୍ତ ସମସ୍ତ କେନାଲ ଗୁଡ଼ିକରେ ପାଣି ଛାଡ଼ିବା ପାଇଁ ଚାଷୀ ମହଲରେ ଦାବି ହୋଇଛି।

## ହିନ୍ଦୁସ୍ତାନ ହେଲପିଙ୍ଗ୍ ହ୍ୟାଣ୍ଡସ୍‌କୁ ପ୍ରେରଣା ରାଶି ପ୍ରଦାନ

ଫୁଲନଖରା,୨୪।୭(ସମିସ): କଟକ ସଦର ଥାନା ଅନ୍ତର୍ଗତ ନୂଆଗଡସ୍ଥିତ ଅନନ୍ତ ବଳିଆ ସେବାଶ୍ରମ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ଦୀର୍ଘ ୧୫ବର୍ଷ

**ମଠ, ମନ୍ଦିର ଅପେକ୍ଷା ଚାରାରୋପଣର ଗୁରୁତ୍ୱ ଅଧିକ: ପଦ୍ମଶ୍ରୀ ବାବା ବଳିଆ**

ଧରି ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରୁଥିବା ସାମାଜିକ ସଂଗଠନ ହିନ୍ଦୁସ୍ତାନ ହେଲପିଙ୍ଗ୍ ହ୍ୟାଣ୍ଡସ ଅର୍ଗାନାଇଜେସନ୍‌କୁ ସମ୍ବର୍ଦ୍ଧିତ କରିବା ସହିତ ପ୍ରେରଣା ରାଶି ପଦ୍ମଶ୍ରୀ ବାବା ବଳିଆ ପ୍ରଦାନ କରିଛନ୍ତି। ମଠ, ମନ୍ଦିର ନିର୍ମାଣକୁ ଯେତିକି ଗୁରୁତ୍ୱ ନ ଦିଅନ୍ତି ଚାରାରୋପଣକୁ ସେତିକି ଗୁରୁତ୍ୱ ଦେଇଥାଆନ୍ତି। ନିଜ ସେବାଶ୍ରମ ଦ୍ୱାରା ଚାରାରୋପଣ କରିବା ସହିତ ସାରା



ବିଶ୍ୱକୁ ସବୁଜିମାରେ ପରିଣତ କରିବା ନିମନ୍ତେ "ଗଛ ଗଛ ଗଛ, ଆଉ ସବୁ ପଛ"ର ବାର୍ତ୍ତା ଦେଇ ଆସୁଛନ୍ତି। ହିନ୍ଦୁସ୍ତାନ ହେଲ୍‌ପିଙ୍ଗ ହ୍ୟାଣ୍ଡସ ପକ୍ଷରୁ ପ୍ରତାପନଗରୀ ମା' ଧାକୁଲେଇ ପୀଠ ନିକଟସ୍ଥ କୁଆଖାଇ ନଦୀ ପଠାରେ ବୃହତ୍ ଜଙ୍ଗଲ ସୃଷ୍ଟି କରିବା ଲକ୍ଷ୍ୟରେ ୭ହଜାର ନିମଚାରା ରୋପଣ କରାଯାଇଛି। ଏ ସମ୍ପର୍କରେ ଶୁଣିବା ପରେ ବାବା ବଳିଆ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହିତ ନୂଆଗଡସ୍ଥିତ ଆଶ୍ରମରେ ଚାରାରୋପଣ ଉପରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ମନୋଜ ଦାସଙ୍କ ସଂଯୋଜନାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଡ. ଶରତ ରଥ ଆଶ୍ରମର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିବା ବେଳେ ଅଞ୍ଚଳର ବରିଷ୍ଠ ମୁରବୀ ପୀତବାସ ମହାପାତ୍ର ଉକ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ହେଲପିଙ୍ଗ୍ ହ୍ୟାଣ୍ଡସ୍‌ର ଯୁବଗୋଷ୍ଠୀଙ୍କ ଏତାଦୃଶ କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବାବା ବଳିଆ ସମାଜ କଲ୍ୟାଣ ଉଦ୍ଦେଶ୍ୟରେ ସମର୍ପିତ ହେଲ୍‌ପିଙ୍ଗ ହ୍ୟାଣ୍ଡସ୍‌ର କର୍ମକର୍ତ୍ତାଙ୍କୁ ମାନପତ୍ର ପ୍ରଦାନ ସହିତ ପ୍ରେରଣା ରାଶି ଆକାରରେ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ବାସୁଦେବ ପାତ୍ର ଧନ୍ୟବାଦ ଦେଇଥିଲେ। ସଦର ପ୍ରେସ୍ କ୍ଲବ, ହେଲ୍‌ପିଙ୍ଗ୍ ହ୍ୟାଣ୍ଡସ ଓ ବିରଜା ଟିଭି ପକ୍ଷରୁ ବାବା ବଳିଆଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରମାତ୍ମା ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।

## ରମାଦେବୀଙ୍କ ଶ୍ରାଦ୍ଧ ଦିବସ

ସାଲେପୁର,୨୪।୭(ସମିସ): ସାଲେପୁର ବ୍ଲକ୍ ଅନ୍ତର୍ଗତ ସତ୍ୟଭାମାପୁର କସ୍ତୁରବା ଗାନ୍ଧି ଟ୍ରଷ୍ଟ ପରିସରରେ ରମାଦେବୀଙ୍କର ୪୦ତମ ଶ୍ରାଦ୍ଧଦିବସ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଂପାଦିକା ସନ୍ଧ୍ୟାରାଣୀ ମଲ୍ଲିକ ଏବଂ ବରିଷ୍ଠ ନାଗରିକ ବାସୁଦେବ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ଅବତନ ଷଡ଼ଙ୍ଗୀ, ପରମାନନ୍ଦ ମୁଦୁଲି, ପ୍ରକାଶ ତ୍ରିପାଠୀ, ନିରୂପମା ସାମଲ, ଜ୍ୟୋତିର୍ମୟୀ ବେହେରା, ଚିନ୍ମୟୀ ବେହେରା, ଅଧ୍ୟାପକ ରାମଚନ୍ଦ୍ର ପାଣି, ଶୁଭଶ୍ରୀ ବଳ, ସୌରଭ ପାଢ଼ି, ଝୁଲଣା ଦାସ ଏବଂ କନ୍ୟାଶ୍ରମର ଅନ୍ତେବାସୀମାନେ ଯୋଗଦେଇ ରମାଦେବୀଙ୍କ ଜୀବନ ଆଦର୍ଶ ବିଷୟରେ ସ୍ମୃତିଚାରଣ କରିବା ସହ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଓମ୍ ଶ୍ରୀରାମ ଟ୍ରଷ୍ଟ ପକ୍ଷରୁ ଅନ୍ତେବାସୀଙ୍କୁ ଖାତା କଲମ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସମାଜସେବୀ ପ୍ରଶାନ୍ତ ଭୂୟାଁ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚର ପ୍ରସ୍ତୁତି ବୈଠକ



ସାଲେପୁର,୨୪।୭(ସମିସ): ଆଜି ସାଲେପୁର ବ୍ଲକ୍ ବିଶେଶ୍ୱର ମହାଦେବଙ୍କ ପୀଠରେ କଟକ ଜିଲ୍ଲା ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯାତ୍ରା କମିଟି ସଂପାଦକ ମହେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚର ଉପସଭାପତି ବୈକୁଣ୍ଠ ନାଥ ପାଳକ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ଜେନା, ସହସଂପାଦକ ପ୍ରମୋଦ ମିଶ୍ର, ନିର୍ବାହୀ କମିଟି ସଭ୍ୟ ସରୋଜ ସ୍ୱାଇଁ, ଉମାକାନ୍ତ କର ଯୋଗ ଦେଇ ସୁରକ୍ଷା ମଞ୍ଚର ବଡ଼ ପ୍ରୟାସ ଯାତ୍ରା କମିଟିଗୁଡ଼ିକୁ ସୁରକ୍ଷା ଯୋଗାଇଦେବା, ଆଗାମୀ ଦିନରେ କମିଟି ମାନେ ଯେଉଁ କ୍ଷତି ସହୁଛନ୍ତି ସୁରକ୍ଷା ମଞ୍ଚ ଏହି ପ୍ରୟାସ ଦ୍ୱାରା କମିଟି କିପରି ଉପକୃତ ହେବା ସହ ମାଲିକ ଓ କଳାକାରମାନେ କିପରି କ୍ଷତି ନ ସହିବେ ସେ ଦିଗରେ ଆଲୋଚନା କରିଥିଲେ। ବୈଠକରେ ସାଲେପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି, ଟାଙ୍ଗୀ, କଣ୍ଟାପଡ଼ା ସମେତ ୧୪ଟି ବ୍ଲକ୍‌ରୁ ୯୦ଟି ଯାତ୍ରା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

ସରକାରୀ ସ୍କୁଲ ସମ୍ମୁଖ ପାଲଟିଛି ପାର୍କିଂ

## ଅଧା ଜାଗା ଜବରଦଖଲକାରୀଙ୍କ କବଜାରେ

ବଡମ୍ବା,୨୪।୭(ସମିସ): ବଡମ୍ବା ଶିକ୍ଷା ମଣ୍ଡଳ ଅଧୀନରେ ରହିଛି କୃପାସିନ୍ଧୁ ଉପ୍ରା ବିଦ୍ୟାଳୟ ଯାହାକି ଗୋପୀନାଥପୁର ଗ୍ରାମ ପଞ୍ଚାୟତରେ ଅବ୍ୟବସ୍ଥିତ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କୋମଳମତି ଛାତ୍ର ଛାତ୍ରୀ ରାଣୀ ଅନ୍ନପୂର୍ଣ୍ଣା ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ବେଳେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ କୃପାସିନ୍ଧୁ ଉଚ୍ଚ

**ଅସୁବିଧା ଭୋଗୁଛନ୍ତି ଛାତ୍ରଛାତ୍ରୀ**

ବିଦ୍ୟାଳୟରେ ପାଠ ପଢ଼ନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀ ଯେଉଁ ସ୍କୁଲରେ ପାଠ ପଢ଼ନ୍ତି ଉକ୍ତ ବିଦ୍ୟାଳୟଟି ବଜାର ଉପରେ ଥିବାରୁ ଅନେକ ସମୟରେ ବିଦ୍ୟାଳୟ ସମ୍ମୁଖରେ ବେଆଇନ ଭାବରେ ମଟର ସାଇକଲ ରଖିବା ଦ୍ୱାରା କୋମଳମତି ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ପ୍ରବେଶ ବେଳେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟର ଶିକ୍ଷକମାନେ ପ୍ରବେଶ ବେଳେ ନାନା ଅସୁବିଧା ଭୋଗୁଛନ୍ତି। ବାରମ୍ବାର କହିବା ସତ୍ତ୍ୱେ କେହି କଥା ଶୁଣୁନାହାନ୍ତି ଓଲଟି ବିଶୃଙ୍ଖଳା ଆଚରଣ କରୁଛନ୍ତି। ସନ୍ଧ୍ୟା ହେଲେ ବିଦ୍ୟାଳୟ ପ୍ରବେଶ ପଥରେ ଅନ୍ଧାରର ସୁଯୋଗ ନେଇ ମଦୁଆମାନେ ମଦ ବୋତଲ ପକାଉଛନ୍ତି।




ବିଦ୍ୟାଳୟ ପରିସୀମାରେ ପାଚେରୀ ନ ଥିବାରୁ ବିଦ୍ୟାଳୟ ସମ୍ମୁଖରେ ଦୋକାନୀମାନେ ବିଦ୍ୟାଳୟ ଭିତରକୁ ବେଆଇନ ଘର କରି ଅଳିଆ ଆବର୍ଜନା ପକାଉଛନ୍ତି। ବିଦ୍ୟାଳୟ ପରିସୀମା ସଂକୁଚିତ ହେବାରେ ଲାଗିଛି। ବିଦ୍ୟାଳୟ ପରିବେଶ ବିଗିଡିବାରେ ଲାଗିଛି। ଟି-ସେତୁ ଖୋଲିବା ଦିନଠାରୁ ଯାନବାହାନ ଚଳାଚଳ ବଢ଼ିଛି। ବିଦ୍ୟାଳୟ ସମ୍ମୁଖରେ ସରକାରୀ ଜାଗାରେ ଦୋକାନ କରିବାରୁ ଛାତ୍ରଛାତ୍ରୀମାନେ ପ୍ରବେଶ ଓ ପ୍ରସ୍ଥାନ ସମୟରେ ଯାନବାହନ ଯାତାୟାତକୁ ସହଜରେ ଜାଣିପାରୁ ନାହାନ୍ତି। କେତେବେଳେ ଯେ କୌଣସି ଅଘଟଣ ଘଟିବ ତାହା କହି ହେଉ ନାହିଁ। ତେବେ ଏହି ବିଦ୍ୟାଳୟରେ ପାଖାପାଖି ୨୦୦ ଛାତ୍ରଛାତ୍ରୀ ପଢୁଛନ୍ତି। ବିଦ୍ୟାଳୟ ସମ୍ମୁଖରେ ବେଆଇନ ଦୋକାନ ଗୃହ ଗୁଡିକୁ ଉଚ୍ଛେଦ କରିବା ସହ କୋମଳମତି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ପାଚେରୀ ନିର୍ମାଣ କରାଗଲେ ସୁରକ୍ଷା ବଳୟ ଭିତରେ ଛାତ୍ରଛାତ୍ରୀମାନେ ପାଠ ପଢ଼ିପାରିବା ସହ ପ୍ରବେଶ ଓ ପ୍ରସ୍ଥାନ ସମୟରେ ସମସ୍ୟା ଆସିବ ନାହିଁ। ସରକାର ଏ ଦିଗ ପ୍ରତି ଦୃଷ୍ଟି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।

ଆଷାଢ଼ରେ ଧାନ ଜମି ଫାଟି ଆଁ

# ମେଗା ଜଳସେଚନ ପ୍ରକଳ୍ପ କାହା ସ୍ୱାର୍ଥରେ

ବଡ଼ମ୍ବା,୨୪।୭(ସମିସ): ବଡ଼ମ୍ବା ବ୍ଲକ୍ ଅନ୍ତର୍ଗତ ଭଟ୍ଟାରିକା ପଞ୍ଚାୟତ ଗମେଇଁ ଗ୍ରାମରେ ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ଏକ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ବଡମ୍ବା ବ୍ଲକ ଅନ୍ତର୍ଗତ ପ୍ରାୟ ୧୦ଟି ଗ୍ରାମପଞ୍ଚାୟତର ୬୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ପ୍ରାୟ ୩ ହଜାର ହେକ୍ଟର ଜମିରେ ପାଣି ମାଡ଼ିବାର ବ୍ୟବସ୍ଥା କରାଯାଇଥିବା ସରକାରୀ ସୂତ୍ରରୁ କୁହାଯାଇଛି। ଏଥିପାଇଁ ଗମେଇଁ ଗ୍ରାମର ପଶ୍ଚିମ ପଟେ ଦୁଇଟି ବୃହତ ଜଳସ୍ରୋତ କରାଯାଇ ଚାଷୀମାନେ ଉପକୃତ ହେବେ ବୋଲି ବ୍ୟବସ୍ଥା ମଧ୍ୟ ହୋଇଛି। ଦୀର୍ଘ ଦିନ ଧରି ବର୍ଷା ନ ହେବା ଯୋଗୁଁ ପ୍ରାୟ ହଜାର ହଜାର ଧାନ ଜମି ପାଣି ଅଭାବରୁ ମାଟି ଫାଟି ଆଁ କଲାଣି ପାଣି ଅଭାବରୁ ଧାନ ଶସ୍ୟଗୁଡିକ ନଷ୍ଟ ହେଇଯାଉଛି। ସଠିକ ପୃଷ୍ଟି ପାଇଁ ପାଣି ନିହାତି ଆବଶ୍ୟକ ବୋଲି ଗୋପପୁର, କୃଷ୍ଣପୁର,



କରଡ଼ିବନ୍ଧ, ବନମାଳିପୁର ଜାନିସାହି ଖଏରପଙ୍ଗା ଗ୍ରାମର ଚାଷୀମାନେ ଅଭିଯୋଗ କରିଛନ୍ତି। ଠିକ୍ ସେହିପରି ମହାକାଳୀ ଠାରେ ଥିବା ହାଡୁଆ କୁକୁଡା ଖାଇ ପ୍ରୋଜେକ୍ଟର ଶାଖା କେନାଲ ଗୁଡିକରେ ପାଣି ନ ଆସିବାରୁ ମାଳତୀ, ରତାପାଟ, ଜାନିପଦର, ଖାରୋଡ଼, ଦାଶରଥୀପୁର, କେନ୍ଦୁପଲ୍ଲୀ, ଗୋପାଳପୁର, ଡମରଗାଡ଼ିଆ ପ୍ରଭୃତି ଗ୍ରାମର ଚାଷୀମାନେ ଅଭିଯୋଗ କରିଛନ୍ତି। ଏଥିମଧ୍ୟରୁ ନରସିଂହପୁର ବ୍ଲକର ବାଲିଝରୀ ପଞ୍ଚାୟତଠାରୁ ସାଗର ପଞ୍ଚାୟତ ଅନ୍ତର୍ଗତ ୭ଟି ଗ୍ରାମ ପଞ୍ଚାୟତର ଚାଷୀମାନେ କୁକୁଡା ଖାଇ ପ୍ରୋଜେକ୍ଟରୁ ଜଳସେଚନ ନ ହେବା ପାଣି ଅଭାବରୁ ମରୁଡି ଆଶଙ୍କା ପ୍ରକାଶ ପାଇଛି। ଫଳରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସରକାରଙ୍କ ତହବିଲରୁ କୋଟି କୋଟି ଟଙ୍କା ବ୍ୟୟବରାଦ ହୋଇ ମେଗା ଜଳସେଚନ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ଚାଷୀଙ୍କ କାର୍ଯ୍ୟରେ ଆସୁନାହିଁ। ସରକାରଙ୍କ ମେଗା ଜଳସେଚନ ପ୍ରକଳ୍ପ କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠୁଛି।

## ବୃଦ୍ଧଙ୍କୁ ଆକ୍ରମଣ ଅଭିଯୋଗ

ଚୌଦ୍ୱାର,୨୪।୭(ସମିସ): ବିଲରେ ପାଣି ମଡାଇବାକୁ ନେଇ ଜଣେ ବରିଷ୍ଠ ନାଗରିକ ଆକ୍ରମଣର ଶିକାର ହୋଇଥିବା ଜଣାପଡିଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ମହିଁଷାଲଣ୍ଡା ଗ୍ରାମର ମୁରଲୀଧର ପୃଷ୍ଟି ନିଜ ବିଲକୁ ପାଣି ମଡାଇବା ପାଇଁ ବନ୍ଧକୁ ଯାଇ ବିଲକୁ ପାଣି କାଟୁଥିବା ବେଳେ ସେହି ଗ୍ରାମର କେଶବ ଚରଣ ସ୍ୱାଇଁ ତାଙ୍କୁ ଗାଳିଗୁଲଜ କରିବା ସହିତ ବିଧା ଗୋଇଠା ମାରି ତାଙ୍କୁ ଘଟଣାସ୍ଥଳରୁ ତଡ଼ି ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପାଠ୍ୟ ଉପକରଣ ବଣ୍ଟନ

ନରସିଂହପୁର, ୨୪।୭ (ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କମଳାଡିହସ୍ଥିତ ମା' ଭୁବନେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ସ୍ଥାନୀୟ ଚିନ୍ତାମଣି ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଉପକରଣ ପ୍ରଦାନ କରାଯାଇଛି। ମଞ୍ଚର ସଭାପତି ସଞ୍ଜୟ କୁମାର ଡ଼ାଲୁଆ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆଲୋକ ଦଳେଇଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମଞ୍ଚର ସମ୍ପାଦକ ବୈକୁଣ୍ଠ ବିହାରୀ ସାହୁ, ସଂଯୋଜକ ଲଳିତ ଡ଼ାଲୁଆଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୪୨ ● ପାଉଣ୍ଡ ୧୧୭.୫୯
- ୟୁରୋ ୧୦୧.୧୪ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୨,୫୫୦ (ଭୁବନେଶ୍ୱର)
- ରୁପା : ୧,୨୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୧୮୪.୦୦
- ନିଫ୍ଟି ୨୫,୦୬୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ

ନୂଆଦିଲ୍ଲୀ,୨୪।୭ (ଏଜେନ୍ସି)

ଗୁରୁବାର ଭାରତ ଓ ବ୍ରିଟେନ ମଧ୍ୟରେ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫଟିଏ) ସ୍ୱାକ୍ଷରିତ ହୋଇଛି। ଏହାଫଳରେ ଦୁଇ ଦେଶ ମଧ୍ୟରେ ସାମଗ୍ରୀର କାରବାର ଓ ବାଣିଜ୍ୟ ପୂର୍ବାପେକ୍ଷା ସହଜ ଓ ଶସ୍ତା ହେବ। ଏମିତିକି ଏହି ରାଜିନାମା ପରେ ବ୍ରିଟେନ୍‌ର ସ୍କଚ୍ ହ୍ୱିସ୍କିଠାରୁ ପୋଷାକ ଓ ଜୋତା ଭାରତରେ ଶସ୍ତା ହେବ। ଏହି ଚୁକ୍ତି ପରେ ଭାରତୀୟ ବଜାରରେ ବିଦେଶୀ ଜିନିଷ ଶସ୍ତା ହୋଇଯିବ , ଯେତେବେଳେ କି ଭାରତରୁ ହେବାକୁ ଥିବା ରପ୍ତାନୀରେ ବଡ଼ ଅଭିବୃଦ୍ଧି ଘଟିବା ଆଶା ରହିଛି। ଉଭୟ ଦେଶର ବ୍ୟବସାୟୀ ଓ ବିଶେଷଜ୍ଞମାନେ ଏହି ଚୁକ୍ତିକୁ ସ୍ୱାଗତ କରିଛନ୍ତି।

ଅଧିକାରୀମାନେ କହିଛନ୍ତି ଯେ, ଏଫଟିଏ ଲାଗୁ ହେବାରେ ୯୯ ପ୍ରତିଶତ ଭାରତୀୟ ରପ୍ତାନୀରେ ବ୍ରିଟେନରେ ଶୁଳ୍କ ଲାଗିବ ନାହିଁ। ଏହା ପୂର୍ବରୁ ବ୍ରିଟେନର ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର



ମୋଦିଙ୍କୁ ତାଙ୍କର ସରକାରୀ ବାସଭବନ ଚେକର୍ସରେ ଆତିଥ୍ୟ ପ୍ରଦାନ କରିଥିଲେ। ଉଭୟ ନେତା ଆଲୋଚନା ପୂର୍ବରୁ ବ୍ୟକ୍ତିଗତ ଭାବେ କଥା ହୋଇଥିଲେ। ୟୁକେର ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପରେ ପିଏମ ମୋଦି ସାମ୍ବାଦିକଙ୍କୁ କହିଛନ୍ତି ଯେ,ଆମେ ସରକାର ଓ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମରଙ୍କୁ ଧନ୍ୟବାଦ ଦେଉଛୁ କି ସେ ପହଲଗାମ ଆତଙ୍କବାଦୀ ଆକ୍ରମଣର କଡ଼ା ନିନ୍ଦା କରିଛନ୍ତି ଏବଂ ସେ ଆତଙ୍କବାଦ ବିରୁଦ୍ଧରେ ଭାରତ ସହ ଠିଆ ହେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଭାରତ ପାଇଁ ଏହି ଚୁକ୍ତି ଅନେକାଂଶରେ ଗେମ୍‌ଚେଞ୍ଜର ବୋଲି କୁହାଯାଉଛି। ଚୁକ୍ତିନାମା ଅନୁସାରେ ଭାରତୀୟ ରପ୍ତାନକାରୀମାନଙ୍କୁ ୯୯ପ୍ରତିଶତ ଉତ୍ପାଦ ଉପରେ ବ୍ରିଟେନରେ ଟିକସ ମୁକ୍ତ ପ୍ରବଶେ ସୁବିଧା ମିଳିବ। ଏଥିରେ ପାଖାପାଖି ୨୩

**● ଚୁକ୍ତିରେ ସମସ୍ତେ ସନ୍ତୁଷ୍ଟ ନୁହନ୍ତି**

**● ସ୍କଚ୍ ହ୍ୱିସ୍କିଠାରୁ ପୋଷାକ ଓ ଜୋତା ହେବ ଶସ୍ତା**

ବିଲିୟନ ଡଲାରର ବାଣିଜ୍ୟ ସୁଯୋଗ ଖୋଲିବାର ଆଶା କରାଯାଉଛି। ସରକାରଙ୍କ ମୁତାବିକ ଏଥିରେ ଭାରତର ଶ୍ରମ-କେନ୍ଦ୍ରିତ କ୍ଷେତ୍ର ଯେପରିକି , ବୟନ , ଚମଡ଼ା ,ଜୋତା , ଅଳଙ୍କାର , ଖେଳନା ଓ ସାମୁଦ୍ରିକ ଉତ୍ପାଦରେ କାମ କରୁଥିବା କାରିଗର ,ବୁଣାକାର ଓ ଦିନ ମଜୁରିଆମାନଙ୍କୁ ଏହି ରାଜିନାମାରୁ ସିଧାସଳଖ ଲାଭ ମିଳିବ। ଏମଏସଏମଇ କ୍ଷେତ୍ରର ଲକ୍ଷ ଲକ୍ଷ ୟୁନିଟ୍ ମଧ୍ୟ ଏହା ଦ୍ୱାରା ଉପକୃତ ହେବେ। ଏହି ଚୁକ୍ତିରେ ୯୫% କୃଷି ଉତ୍ପାଦ ଏବେ ବିନା କୌଣସି ଶୁଳ୍କରେ ବ୍ରିଟେନରେ ରପ୍ତାନୀ କରାଯାଇ ପାରିବ। ଅନ୍ୟପଟେ ମତ୍ସ୍ୟଜୀବୀଙ୍କୁ ୯୯% ସାମୁଦ୍ରିକ ଉତ୍ପାଦ ଉପରେ ଶୂନ୍ୟ ଶୁଳ୍କ ପାଇବା ଦ୍ୱାରା ତାଙ୍କର ଆମଦାନୀରେ ବୃଦ୍ଧି ହେବାର ଆଶା କରାଯାଉଛି। ଏଫଟିଏ ମାଧ୍ୟମରେ ଭାରତର ଷ୍ଟାର୍ଟଅପ୍‌କୁ ବ୍ରିଟେନର ଇନୋଭେସନ ହବ୍ , ନିବେଶକ ଓ ଉପଭୋକ୍ତାଙ୍କ ଯାଏ ପହଞ୍ଚିବାର ବଡ଼ ଅବସର ମିଳିବ। ଭାରତୀୟ ଆଇଟି ପେଶାଦାର, ଏଜୁକେସନ ଏକ୍ସପର୍ଟ୍ସ ଓ ସର୍ଭିସ ସେକ୍ଟର ସହ ଜଡ଼ିତ ଲୋକଙ୍କ ପାଇଁ ୟୁକେର ହାଇ-ଭାଲ୍ୟୁ ମାର୍କେଟ ଏବେ ଆହୁରି ଅଧିକ ସୁଲଭ ହେବ। ଏହାସହ ଭାରତ ଓ ବ୍ରିଟେନ ମଧ୍ୟରେ ଡବଲ କଣ୍ଟ୍ରିବ୍ୟୁସନ କନଭେସନ ଅନୁସାରେ ଭାରତୀୟ କର୍ମଚାରୀଙ୍କୁ ୟୁକେରେ ୩ ବର୍ଷ ଯାଏ ସୋସିଆଲ ସିକ୍ୟୁରିଟି ଯୋଗଦାନରୁ ମୁକ୍ତି ମିଳିବ। ଏଥିରେ କମ୍ପାନୀ ଓ କର୍ମଚାରୀ ଉଭୟଙ୍କୁ ଲାଭ ମିଳିବ।

## ସ୍ଥାନୀୟ କାରବାର ପ୍ରଭାବିତ ହେବ; ଲାଭ କମ୍, କ୍ଷତି ଅଧିକ

ନୂଆଦିଲ୍ଲୀ ୨୪।୭(ଏଜେନ୍ସି): ଭାରତ ଓ ବ୍ରିଟେନ ମଧ୍ୟରେ ସ୍ୱାକ୍ଷରିତ ମୁକ୍ତ ବାଣିଜ୍ୟ ରାଜିନାମାକୁ ଭାରତ ସରକାର ଏକ ବଡ଼ ସଫଳତା ବୋଲି କହୁଛନ୍ତି। ହେଲେ ଏହି ରାଜିନାମା ସମସ୍ତଙ୍କୁ ସନ୍ତୁଷ୍ଟ କରିପାରୁନି। ବିଶେଷକରି ଭାରତୀୟ ହ୍ୱିସ୍କି ତିଆରି କରୁଥିବା କମ୍ପାନୀଙ୍କ ମଧ୍ୟରେ ଏହି ଚୁକ୍ତିକୁ ନେଇ ଅସନ୍ତୋଷ ଓ ଭୟ ସ୍ପଷ୍ଟ ବାରି ହୋଇପଡୁଛି। କାରଣ ଏହି ରାଜିନାମା ପରେ ଏବେ ବ୍ରିଟେନର ମହଙ୍ଗା ସ୍କଚ୍ ହ୍ୱିସ୍କି ଭାରତରେ ପୂର୍ବାପେକ୍ଷା ଶସ୍ତାରେ ମିଳିବ। ଏକ ରିପୋର୍ଟ ଅନୁସାରେ ଏହି ଚୁକ୍ତି ପରେ ଭାରତ ସ୍କଚ୍ ହ୍ୱିସ୍କି ଉପରେ ଲାଗୁ ହେଉଥିବା ୧୫୦% ଶୁଳ୍କକୁ ହ୍ରାସ କରି ୭୫% କରିବାକୁ ଯାଉଛି। ଅର୍ଥାତ ଯେଉଁ ହ୍ୱିସ୍କି ପୂର୍ବେ କେବଳ ଧନୀଲୋକଙ୍କର ସଉକ ଥିଲା ଏବେ ବେଶ ସହଜରେ ସାଧାରଣ ଦୋକାନରେ ଓ ଶସ୍ତା ମୂଲ୍ୟରେ ମିଳିବ। କନଫେଡେରେସନ ଅଫ ଇଣ୍ଡିଆନ ଆଲକୋହଲିକ ବେଭରେଜ କମ୍ପନୀଜ୍ (ସିଆଇଏବିସି)ର ମହାନିର୍ଦ୍ଦେଶକ ଅନନ୍ତ ଏସ୍.ଆୟର କହିଛନ୍ତି ଯେ ଏହା ଦ୍ୱାରା ଭାରତୀୟ ବ୍ରାଣ୍ଡଙ୍କ ଉପରେ ଦୋହରା ମାଡ଼ ପଡିବ। ଗୋଟିଏ ପଟେ ପ୍ରଥମରୁ ମହଙ୍ଗା ଉତ୍ପାଦନ ଉପରେ ବାହାରୁ ଆସୁଥିବା ଶସ୍ତା ଉତ୍ପାଦ ଚାପ ପକାଇବ। ସରକାର କହୁଛନ୍ତି ଏହି ରାଜିନାମା ଯୋଗୁ ରପ୍ତାନି ବଢିବା ସାଙ୍ଗକୁ ବିଦେଶୀ ନିବେଶ ଆସିବା ସହ ରୋଜଗାର ମଧ୍ୟ ବଢିବ। ହେଲେ ବାସ୍ତବ କଥା ହେଉଛି କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀ, ଯେଉଁମାନେ ବିଶେଷ କରି ଦେଶୀବ୍ରାଣ୍ଡ ସବୁ ତିଆରି କରୁଛନ୍ତି ସେମାନେ ଏହା ଦ୍ୱାରା ନିଜକୁ ଅସୁରକ୍ଷିତ ଅନୁଭବ କରୁଛନ୍ତି। ଗୋଟିଏ ପଟେ ଏହି ରାଜିନାମା ଦେଶର କିଛି ବଡ଼ କମ୍ପାନୀଙ୍କୁ ଲାଭାନ୍ୱିତ କରିପାରେ। ହେଲେ କ୍ଷୁଦ୍ର ଉଦ୍ୟୋଗ ଲାଗି ସମସ୍ୟାର କାରଣ ହୋଇପାରେ। 'ଫ୍ରି ଟ୍ରେଡ ଏଗ୍ରିମେଣ୍ଟ' ଶୁଣିବାକୁ ଭାଲ ଲାଗୁଥାଇପାରେ, ହେଲେ ଏହାର ପ୍ରଭାବ ଯୋଗୁ ଯେତେବେଳେ ସ୍ଥାନୀୟ ବାଣିଜ୍ୟ ପ୍ରଭାବିତ ହେବାକୁ ଲାଗିବ ଏଥିରୁ ଲାଭ କମ୍ ଓ କ୍ଷତି ଅଧିକ ହେବ।

**ଭାରତୀୟ ମଦ ବ୍ୟବସାୟୀ ଚିନ୍ତିତ**

## ଆଜି ଓଡ଼ିଶା ଟେକ୍ସ ସମ୍ମିଳନୀ

## ଟେକ୍ସଟାଇଲ୍‌ଠାରୁ ପୋଷାକ, ଆନୁଷଙ୍ଗିକ ଶିଳ୍ପ ସମ୍ବନ୍ଧିତ ନିବେଶକଙ୍କ ଯୋଗଦାନ

ଭୁବନେଶ୍ୱର,୨୪।୭ (ସମିସ)

ଶୁକ୍ରବାର ଓଡ଼ିଶା ଟେକ୍ସ ୨୦୨୫ ସମ୍ମିଳନୀ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସମ୍ମିଳନୀକୁ ଉଦଘାଟନ କରିବେ। ବିଭିନ୍ନ ଟେକ୍ସଟାଇଲ(କପଡା), ପୋଷାକ, ଆନୁଷଙ୍ଗିକ ଶିଳ୍ପ ସମ୍ବନ୍ଧିତ ନିବେଶକମାନେ ଏହି ସମ୍ମିଳନୀରେ ଯୋଗ ଦେବେ। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଭିନ୍ନ ଶିଳ୍ପ ସଂସ୍ଥା ସହ ଓମଓୟୁ ସ୍ୱାକ୍ଷତି କରାଯିବାର କାର୍ଯ୍ୟକ୍ରମ ରହିଛି। ଗୁରୁବାର ଲୋକସେବା ଭବନ କନଭେନସନ ସେଣ୍ଟରରେ କାର୍ଯ୍ୟକ୍ରମ ଆୟୋଜନ ପ୍ରସ୍ତୁତି ସମୀକ୍ଷା କରି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଲୋକସେବା ଭବନ କନଭେନସନ ସେଣ୍ଟରରେ ଆୟୋଜିତ ହେବାକୁଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ଆଇପିଆର ନୀତି ୨୦୨୨ ଏବଂ ରାଜ୍ୟର ଶିଳ୍ପ ଅନୁକୂଳ ଭିତ୍ତିଭୂମି ସମ୍ପର୍କରେ ସମସ୍ତେ ଅବଗତ ହେବେ। ଓଡ଼ିଶାରେ ୬ ଟି ଟେକ୍ସଟାଇଲ ପାର୍କ ବଲାଙ୍ଗୀର, ଜଗତସିଂହପୁର, କେନ୍ଦୁଝର, ସମ୍ବଲପୁର, ଯାଜପୁର, କଟକ ଓ ଗଞ୍ଜାମ ଜିଲ୍ଲାରେ ନିର୍ମାଣ ହେବ। ଏନେଇ ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ଘୋଷଣା କରିବେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ୬୦୦ରୁ ଊର୍ଦ୍ଧ୍ୱ ନିବେଷକ ପଞ୍ଜିକରଣ କରିଥିବା ସେ ସୂଚନା ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆହୁରି କହିଛନ୍ତି, ଓଡ଼ିଶା ଟେକ୍ସ ୨୦୨୫ କେବଳ ଏକ ଇଭେଣ୍ଟ ନୁହେଁ, ଏହା ଓଡ଼ିଶାର ବସ୍ତ୍ର ଶିଳ୍ପ ଅନୁକୂଳ ଭିତ୍ତିଭୂମୀ ପ୍ରଦର୍ଶିତ କରିବା ଏବଂ ବିନିଯୋଗ ଓ ରୋଜଗାର ସୃଷ୍ଟି ପାଇଁ ଏକ ମିଶନ। ଏହି କାର୍ଯ୍ୟକ୍ରମ ବିଶ୍ୱ ଓ ଜାତୀୟ ପ୍ରତିନିଧିମାନଙ୍କୁ ଏକତ୍ର କରି ରାଜ୍ୟରେ ବସ୍ତ୍ର ଉତ୍ପାଦନ ଶିଳ୍ପର ଭବିଷ୍ୟତ ନିର୍ଦ୍ଧାରଣ କରିବ। ଓଡ଼ିଶା ଟେକ୍ସ ୨୦୨୫ ବସ୍ତ୍ର ଶିଳ୍ପ କ୍ଷେତ୍ରରେ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ପାଇଁ ଏକ ମଞ୍ଚ ଭାବେ କାର୍ଯ୍ୟ କରିବ।

# ୫୪୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

ମୁମ୍ବାଇ,୨୪।୭ (ଏଜେନ୍ସି)

ଭାରତୀୟ ସେୟାର ବଜାର ଆଜିରେ ବଡ଼ ହ୍ରାସ ସହ ଦେଖିବାକୁ ମିଳିଛି। କମ୍ପାନିଗୁଡ଼ିକର ଦୁର୍ବଳ ଆର୍ଥିକ ଫଳାଫଳ ଓ ବିଦେଶୀ ନିବେଶକଙ୍କ ବିକ୍ରି ଯୋଗୁଁ

**ନିବେଶକ ହରାଇଲେ ୨.୨୬ ଲକ୍ଷ କୋଟି ଟଙ୍କା**



ଘରୋଇ ନିବେଶକଙ୍କ ସେଣ୍ଟିମେଣ୍ଟ ମଧ୍ୟ ଦୁର୍ବଳ ରହିଛି। କାରବାର ଶେଷରେ ବିଏସ୍‌ଇ ସେନ୍‌ସେକ୍ସ ୫୪୨.୪୭ ଅଙ୍କ ବା ୦.୬୬ ପ୍ରତିଶତ ହ୍ରାସ ପାଇ ୮୨,୧୮୪.୧୭ ସ୍ତରରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ୫୦ ସେୟାର ବିଶିଷ୍ଟ ନିଫ୍ଟି ୫୦, ୧୫୭.୮୦ ଅଙ୍କ ବା ୦.୬୩ ପ୍ରତିଶତ ହ୍ରାସ ପାଇ ୨୫,୦୬୨.୧୦ ସ୍ତରରେ ବନ୍ଦ ହୋଇଛି। ଏହି କାରଣରୁ ଆଜି ନିବେଶକଙ୍କୁ ୨ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବିଏସ୍‌ଇ ସ୍ମଲ୍‌କ୍ୟାପ୍ ଓ ମିଡ୍‌କ୍ୟାପ୍ ଇଣ୍ଡେକ୍ସ ବି ଆଧା ପ୍ରତିଶତ ହ୍ରାସ ପାଇ ବନ୍ଦ ହୋଇଛି । ନିଫ୍ଟି ପିଏସ୍‌ୟୁ ଇଣ୍ଡେକ୍ସରେ ୧.୨ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି, ସେହିପରି ନିଫ୍ଟି ଫାର୍ମାରେ ୦.୬ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି। ଅନ୍ୟପଟେ ଆଜିର କାରବାରରେ ଆଇଟି ସେୟାରଗୁଡ଼ିକ ସବୁଠୁ ଖରାପ ପ୍ରଦର୍ଶନ କରିଥିଲେ। ନିଫ୍ଟି ଆଇଟି ୨.୨ ପ୍ରତିଶତ ହ୍ରାସ ସହ ବନ୍ଦ ହୋଇଛି। ନିଫ୍ଟି ଏଫ୍‌ଏମ୍‌ସିଜି ବି ୧.୧ ପ୍ରତିଶତ ଖସିଛି। ନିଫ୍ଟି ଏନର୍ଜି, ନିଫ୍ରା ଓ ମିଡିଆ ସେୟାର ବି ସାମାନ୍ୟ ହ୍ରାସ ସହ ବନ୍ଦ ହୋଇଛି।

## ଭାରତରେ ରେକର୍ଡ ନିବେଶ କଲେ ସେମିକଣ୍ଡକ୍ଟର ଷ୍ଟାର୍ଟଅପ୍

ନୂଆଦିଲ୍ଲୀ,୨୪।୭ (ଏଜେନ୍ସି): ଭାରତରେ ସେମିକଣ୍ଡକ୍ଟର ନିର୍ମାଣ ଇକୋସିଷ୍ଟମ ଦିନକୁ ଦିନ ମଜବୁତ ହେଉଛି। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ପ୍ରସ୍ତୁତି ଆଧାରିତ ପ୍ରୋତ୍ସାହନ ଯୋଜନା ଏବଂ ଚିପ୍ସ ଟୁ ଷ୍ଟାର୍ଟଅପ୍ (ସିଟୁଏସ୍) କାର୍ଯ୍ୟକ୍ରମ ଅଧୀନରେ ସମର୍ଥିତ ଷ୍ଟାର୍ଟଅପ୍ ଗୁଡ଼ିକ ଏବେ ଗୁରୁତ୍ୱପୂର୍ଣ୍ଣ ନିବେଶ ହାସଲ କରୁଛନ୍ତି। ସରକାରଙ୍କ ଚିପ୍ ଡିଜାଇନ୍ ଯୋଜନା ଅଧୀନରେ ସମର୍ଥିତ ଏକ ଷ୍ଟାର୍ଟଅପ୍ ନେତ୍ରସେମିକୁ ୧୦୭ କୋଟି ଟଙ୍କାର ଭେଞ୍ଚର କ୍ୟାପିଟାଲ୍ ନିବେଶ ମିଳିଛି। କମ୍ପାନୀ ସ୍ମାର୍ଟ ଭିଜନ୍, ସିସିଟିଭି କ୍ୟାମେରା ଏବଂ ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ (ଆଇଓଟି) ଆପ୍ଲିକେସନ୍ ପାଇଁ ଚିପ୍ସ ତିଆରି କରିବା ଉପରେ କାମ କରୁଛି।

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ସ୍ୱାଗତ କରି କହିଛନ୍ତି, 'ଭାରତର ଗୁରୁତ୍ୱପୂର୍ଣ୍ଣ ନିର୍ମାଣ କ୍ଷମତା ରହିଛି। ଭାରତରେ ସେମିକଣ୍ଡକ୍ଟର ଡିଜାଇନକୁ ସମର୍ଥନ କରୁଥିବା ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ସହିତ ନେତ୍ରସେମିର ସଫଳତା ଅନ୍ୟ ଭାରତୀୟ ଷ୍ଟାର୍ଟଅପ୍‌ଗୁଡ଼ିକୁ ଉତ୍ସାହିତ କରିବ।' ୨୦୨୨ରେ ନିର୍ମାଣ ଆଧାରିତ ପ୍ରୋତ୍ସାହନ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଚିପ୍ ଡିଜାଇନ ବା ପ୍ରସ୍ତୁତି କରୁଥିବା ୨୨ଟି କମ୍ପାନୀର ପ୍ରକଳ୍ପଗୁଡ଼ିକୁ ୨୩୪ କୋଟି ଟଙ୍କାର ସହାୟତା ଯୋଗାଇ ଦେଇଛନ୍ତି । ଏହି ପ୍ରକଳ୍ପଗୁଡ଼ିକର ମୋଟ୍ ମୂଲ୍ୟ ହେଉଛି ୬୯୦ କୋଟି ଟଙ୍କା। ଏହି ଚିପ୍ସଗୁଡ଼ିକ ସିସିଟିଭି କ୍ୟାମେରା, ମୋବାଇଲ୍ ନେଟୱାର୍କ, ସାଟେଲାଇଟ୍, କାର, ସ୍ମାର୍ଟ ଡିଭାଇସ୍ ଇତ୍ୟାଦିରେ ବ୍ୟବହୃତ ହେବ। ଏହି ଷ୍ଟାର୍ଟଅପଗୁଡ଼ିକ ମିଳିତ ଭାବରେ ଭେଞ୍ଚର କ୍ୟାପିଟାଲିଷ୍ଟ ନିବେଶକଙ୍କଠାରୁ ୩୮୦ କୋଟିରୁ ଅଧିକ ଟଙ୍କାର ନିବେଶ ସଂଗ୍ରହ କରିଛନ୍ତି।

# ୧୬୬ତମ ଆୟକର ଦିବସ ପାଳିତ




ଭୁବନେଶ୍ୱର,୨୪।୭ (ସମିସ)

ଆୟକର ବିଭାଗ ଓଡ଼ିଶା କ୍ଷେତ୍ର ପକ୍ଷରୁ ୧୬୬ତମ ଆୟକର ଦିବସ ଭୁବନେଶ୍ୱରର ଜୟଦେବ ଭବନଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କ୍ଷେତ୍ରର ପ୍ରମୁଖ ମୁଖ୍ୟ ଆୟକର କମିଶନର ପାରମିତା ଶତପଥୀ ତ୍ରିପାଠୀ ଯୋଗ ଦେଇଥିଲେ। ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଆୟକର ବିଭାଗର ପ୍ରିନ୍ସିପାଲ ଡାଇରେକ୍ଟର (ପିଡିଆଇଟି ଆଇଏନଭି) ଡ. ସଂଦୀପ ଗୋଏଲ, ପ୍ରିନ୍ସିପାଲ ଚିଫ୍ କମିଶନର ସରୋଜ କୁମାର ମହାପାତ୍ର ଏବଂ ଭୁବନେଶ୍ୱରର ସିଆଇଟି (ପ୍ରଶାସନ ଏବଂ ଟିପିଏସ୍) ଶୋଭନ କୃଷ୍ଣ ସାହୁ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ତ୍ରିପାଠୀ ବିଭାଗ ଦ୍ୱାରା ଗ୍ରହଣ କରାଯାଉଥିବା ସେବା ଭିତ୍ତିକ ଆଭିମୁଖ୍ୟ ଏବଂ ପରବର୍ତ୍ତୀ ସଫଳତା ମାଇଲଖୁଣ୍ଟ ହାସଲ ଉପରେ ଗୁରୁତ୍ୱାରୋପ କରିଥିଲେ।

ସିବିଡିଟି ଅଧକ୍ଷ ରବି ଅଗ୍ରୱାଲ ଅଧିକ ସ୍ୱଚ୍ଛତା, ଦକ୍ଷତା, ସରଳୀକରଣ ଏବଂ ଡିଜିଟାଲାଇଜେସନ୍ ଦିଗରେ ଆୟକର ବିଭାଗର ପରିବର୍ତ୍ତନକାରୀ ଯାତ୍ରା ଉପରେ ଆଲୋକପାତ କରିଥିଲେ। ଉଲ୍ଲେଖନୀୟ ସେବା ପାଇଁ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ଶିବିର, ଏକ ୱାକାଥନ ଓ ବିଭାଗର କର୍ମଚାରୀଙ୍କ ପିଲାମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

## ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସଞ୍ଚୟ ଖାତାରେ ସର୍ବନିମ୍ନ ବାଲାନ୍ସ ଚାର୍ଜ ଛାଡ଼ କଲା

ମୁମ୍ବାଇ,୨୪।୭ (ଏଜେନ୍ସି)

ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଗ୍ରାହକ କେନ୍ଦ୍ରୀକ ବ୍ୟାଙ୍କିଙ୍ଗର ଭାବନା ସହିତ ସମନ୍ୱୟ ରଖି ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବେ ସାଧାରଣ ସଞ୍ଚୟ ଖାତାରେ ସର୍ବନିମ୍ନ ବାଲାନ୍ସ ରକ୍ଷଣାବେକ୍ଷଣ ନ କରିବା କ୍ଷେତ୍ରରେ ଗ୍ରାହକଙ୍କଠାରୁ ନେଉଥିବା ଚାର୍ଜ ଛାଡ଼ କରିଛି। ଏହି ପଦକ୍ଷେପ ଚଳିତ ଆର୍ଥିକବର୍ଷର ସେପ୍ଟେମ୍ବର ଶେଷ ତ୍ରୈମାସିକରୁ କାର୍ଯ୍ୟକାରୀ ହେବ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ସମାନତା, ନ୍ୟାୟ ଏବଂ ଗ୍ରାହକଙ୍କ ପାଇଁ ମୌଳିକ ବ୍ୟାଙ୍କିଙ୍ଗ ସେବାର ସୁଗମତା ବୃଦ୍ଧି କରିବା। ଆମେ ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ସମର୍ଥନ କରିବାକୁ ପ୍ରତିବଦ୍ଧ ଏବଂ ବିଶ୍ୱାସ କରୁଛୁ ଯେ ଏହି ପଦକ୍ଷେପ ଜନସଂଖ୍ୟାର ଅନୁନ୍ନତ ବର୍ଗ ସହିତ ଆମର ସମ୍ପର୍କକୁ ଆହୁରି ମଜବୁତ କରିବ। ଏ ପର୍ଯ୍ୟନ୍ତ ପିଏମ୍‌ଜେଡିୱାଇ ଆକାଉଣ୍ଟ, ପେନସନଭୋଗୀ ଏବଂ ବରିଷ୍ଠ ନାଗରିକଙ୍କ ସଞ୍ଚୟ ଖାତାରେ ସର୍ବନିମ୍ନ ବାଲାନ୍ସ ରକ୍ଷଣାବେକ୍ଷଣ ନ କରିବା ପାଇଁ ଚାର୍ଜ ପୂର୍ବରୁ ଛାଡ଼ କରାଯାଇସାରିଛି।

## ଫୋନ୍‌ପେ ଏସ୍‌ବିଆଇ କାର୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ଭାରତର ସର୍ବବୃହତ ପିଓର୍-ପ୍ଲେ କ୍ରେଡିଟ୍ କାର୍ଡ ପ୍ରଦାନକାରୀ ଏସବିଆଇ କାର୍ଡ, ଫୋନପେ ସହିତ ସହଭାଗୀତାରେ ଆଜି ଫୋନପେ ଏସବିଆଇ କାର୍ଡ ଶୁଭାରମ୍ଭ ଘୋଷଣା କରିଛି। ଏହି ନୂତନ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡର ଲକ୍ଷ୍ୟ ହେଉଛି ପ୍ରତିଦିନ ଖର୍ଚ୍ଚ ଉପରେ ଏକ ପୁରସ୍କାରପ୍ରାପ୍ତ ଅଭିଜ୍ଞତା ପ୍ରଦାନ କରିବା, ଯାହା ସାରା ଭାରତରେ ଗ୍ରାହକଙ୍କ ବିକଶିତ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି। କ୍ରେଡିଟ୍ କାର୍ଡ ଦୁଇଟି ପ୍ରକାରରେ ଆସିଥାଏ, ଫୋନପେ ଏସବିଆଇ କାର୍ଡ ପର୍ପଲ ଏବଂ ଫୋନପେ ଏସବିଆଇ କାର୍ଡ ସିଲେକ୍ଟ ବ୍ଲାକ୍, ଯାହା ବିଭିନ୍ନ ଗ୍ରାହକଙ୍କ ପସନ୍ଦ ଏବଂ ଜୀବନଶୈଳୀ ଖର୍ଚ୍ଚ ଆବଶ୍ୟକତାକୁ ପୂରଣ କରେ। ଏହା ସହିତ, ଏହି କଣ୍ଟାକ୍ଟଲେସ୍ କ୍ରେଡିଟ୍ କାର୍ଡର ଉଭୟ ପ୍ରକାର ରୁପେ ଏବଂ ଭିସା ପେମେଂଟ ନେଟୱାର୍କରେ ଉପଲବ୍ଧ, ଯାହା ଗ୍ରାହକମାନଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ସର୍ବୋତ୍ତମ ନେଟୱାର୍କର ପସନ୍ଦ ପ୍ରଦାନ କରେ। ରୁପେ କାର୍ଡଗୁଡ଼ିକୁ ୟୁପିଆଇ ସହିତ ମଧ୍ୟ ଲିଙ୍କ୍ କରାଯାଇପାରିବ ଏବଂ ଦେଶ ସାରା ଲକ୍ଷ ଲକ୍ଷ ୟୁପିଆଇ ବ୍ୟବସାୟୀଙ୍କ ପାଖରେ କାରବାର ପାଇଁ ବ୍ୟବହାର କରାଯାଇପାରିବ। ଭିସା ପ୍ରକାରକୁ ଫୋନପେ ରେ ଟୋକନାଇଜ୍ କରାଯାଇପାରିବ ଏବଂ ଅନେକ ଅନଲାଇନ୍ ବ୍ୟବସାୟୀଙ୍କ ପାଖରେ ସୁରକ୍ଷିତ ଭାବରେ ବ୍ୟବହାର କରାଯାଇପାରିବ।




## ଭାରତକୁ ମୋବାଇଲ୍ ଫୋନ୍ ଉତ୍ପାଦନର ଏକ ପ୍ରମୁଖ କେନ୍ଦ୍ର


# ଗତ ୪ ବର୍ଷରେ ମୋବାଇଲ୍ ଫୋନ୍ ରପ୍ତାନୀରେ ୭୭୫% ବୃଦ୍ଧି

ନୂଆଦିଲ୍ଲୀ,୨୪।୭ (ଏଜେନ୍ସି)

ଭାରତରେ ମୋବାଇଲ୍ ଫୋନ୍ ଉତ୍ପାଦନରେ ୧୪୫% ବୃଦ୍ଧି ପାଇଛି। ଯାହା ୨୦୨୦-୨୧ ଆର୍ଥିକବର୍ଷରେ କାରବାର ୨,୧୩,୭୭୩ କୋଟି ରୁ ବୃଦ୍ଧି ପାଇ ୨୦୨୪-୨୫ ଆର୍ଥିକବର୍ଷରେ ୫,୨୫,୦୦୦ କୋଟି ଟଙ୍କା ହୋଇଛି। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ମଙ୍ଗଳବାର ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି। ବିଗତ ୪ ବର୍ଷରେ ମୂଲ୍ୟ ଅନୁସାରେ ମୋବାଇଲ୍ ଫୋନ୍ ରପ୍ତାନୀ ପ୍ରାୟ ୭୭୫% ବୃଦ୍ଧି ପାଇଛି, ଯାହା ୨୦୨୦-୨୧ ଆର୍ଥିକ ବର୍ଷରେ ୨୨,୮୭୦ କୋଟି ଟଙ୍କାରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୨,୦୦,୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

ଗୋୟଲ କହିଛନ୍ତି ଯେ ପିଏଲଆଇ ଏବଂ ଜାତୀୟ ଶିଳ୍ପ କରିଡର ଯୋଜନା ଦ୍ୱାରା ଅଭିବୃଦ୍ଧି ହୋଇଛି। ଏହି ପଦକ୍ଷେପଗୁଡ଼ିକ ଘରୋଇ ଉତ୍ପାଦନକୁ ବୃଦ୍ଧି କରିବା ସହ ନିଯୁକ୍ତି ସୃଷ୍ଟି ସାଙ୍ଗକୁ ରପ୍ତାନି ମଧ୍ୟ ବଢ଼ାଇଛି। ପିଏଲଆଇ ଯୋଜନା ବିଶ୍ୱ ସ୍ମାର୍ଟଫୋନ୍ ନିର୍ମାତାମାନଙ୍କୁ ଭାରତକୁ ଉତ୍ପାଦନ ସ୍ଥାନାନ୍ତର କରିବାକୁ ଉତ୍ସାହିତ କରିଛି। ଫଳରେ ଭାରତକୁ ମୋବାଇଲ୍ ଫୋନ୍ ପାଇଁ ଏକ ପ୍ରମୁଖ ଉତ୍ପାଦନ କେନ୍ଦ୍ର ଭାବରେ ଛିଡ଼ା କରାଇବାରେ ସାହାଯ୍ୟ କରିଛି।

**ଦେଶରେ ମୋବାଇଲ ଫୋନ୍ ଉତ୍ପାଦନ ୧୪୫% ବଢ଼ିଛି**



ପିଏଲଆଇ ଯୋଜନା ଯୋଗୁ, ଔଷଧ କ୍ଷେତ୍ରରେ କଞ୍ଚାମାଲ ଆମଦାନୀରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଘଟିଛି। ଭାରତରେ ପେନିସିଲିନ୍-ଜି ସମେତ ଅନନ୍ୟ ମଧ୍ୟବର୍ତ୍ତୀ ସାମଗ୍ରୀ ଏବଂ ବଲ୍କ ଔଷଧ ଉତ୍ପାଦନ କରାଯାଉଛି। କେବଳେ ସିଟିକି ନୁହେଁ ସିଟି ସ୍କାନ, ଏମ୍‌ଆରଆଇ ଇତ୍ୟାଦି ଭଳି ଚିକିତ୍ସା ଉପକରଣ ନିର୍ମାଣରେ ଟେକ୍ନୋଲୋଜୀ ହସ୍ତାନ୍ତର ହୋଇଛି। ଇଲେକ୍ଟ୍ରୋନିକ୍ସ ସାମଗ୍ରୀ(ହ୍ୱାଇଟ୍ ଗୁଡ୍ସ) ପାଇଁ ପିଏଲ୍‌ଆଇ ଯୋଜନାର ଲକ୍ଷ୍ୟ ହେଉଛି ଭାରତରେ ଏୟାର କଣ୍ଡିସନର ଏବଂ ଏଲଇଡି ଲାଇଟ୍ ଶିଳ୍ପ ପାଇଁ ଏକ ଦୃଢ଼ ଉପକରଣ ଇକୋସିଷ୍ଟମ ବିକଶିତ କରିବା। ଦେଶକୁ ବିଶ୍ୱ ଯୋଗାଣ ଶୃଙ୍ଖଳର ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ଗଢ଼ି ତୋଳିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏବି ଯୋଜନାର ଶୁଭାରମ୍ଭ ପରେ, ଭାରତ ମୁଖ୍ୟ ଉପାଦାନ ଯେପରିକି କମ୍ପ୍ରେସର, ତମ୍ବା ଟ୍ୟୁବ୍, ହିଟ୍ ଏକ୍ସଚେଞ୍ଜର, ମୋଟର ଏବଂ ଏୟାର କଣ୍ଡିସନର ପାଇଁ କଣ୍ଟ୍ରୋଲ ଆସେମ୍ବଲି, ଏବଂ ଏଲଇଡି ଚିପ୍ ପ୍ୟାକେଜିଂ, ଡ୍ରାଇଭର, ଇଞ୍ଜିନ, ଲାଇଟ ମ୍ୟାନେଜମେଣ୍ଟ ସିଷ୍ଟମ ଏବଂ ଏଲଇଡି ସେଗମେଣ୍ଟରେ କାପାସିଟର ପାଇଁ ମେଟାଇଲାଜ୍ଡ ଫିଲ୍ମ(କାପାସିଟର ଚାରିପଟର ଧାତବ ଆବରଣ) ସ୍ଥାନୀୟ ଉତ୍ପାଦନ ଆରମ୍ଭ କରିଛି।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରି ପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୯୬୩- ଆମେରିକା, ରୁଷ ଓ ବ୍ରିଟେନ୍ ପରମାଣୁ ପରୀକ୍ଷଣ ପ୍ରତିବନ୍ଧ ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୭୮ - ବିଶ୍ୱର ପ୍ରଥମ ଆଇଭିଏଫ୍ ଶିଶୁ ଲୁଇସ୍ ବ୍ରାଉନ୍ ଲଣ୍ଡନରେ ଜନ୍ମ ନେଲା।
- ୧୯୯୨- ସ୍ପେନ୍‌ର ବାର୍ସିଲୋନାରେ ୨୫ତମ ଅଲିମ୍ପିକ୍ ଖେଳ ଆରମ୍ଭ ହେଲା।
- ୨୦୦୭- ପ୍ରତିଭା ଦେବୀସିଂହ ପାଟିଲ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ହେଲେ।

## ସାଉଥରେ ନିର୍ମାଣ ହେବ 'ରାମାୟଣ'

ନୀତେଶ ତିୱାରିଙ୍କ ଫିଲ୍ମ 'ରାମାୟଣ'କୁ ଭାରତୀୟ ଫିଲ୍ମ ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ କୁହାଯାଉଛି। ଏଥିରେ ରଣବୀର କପୁର ଭଗବାନ ରାମ ଏବଂ ସାଇ ପଲ୍ଲବୀ ମାତା ସୀତା ଭୂମିକାରେ ନଜର ଆସିବେ। ବଲିଉଡ୍‌ରେ 'ରାମାୟଣ'କୁ ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ସାଉଥ୍‌ରେ ମଧ୍ୟ ଏହି ଫିଲ୍ମ ନିର୍ମାଣ ପାଇଁ ଯୋଜନା ଚାଲିଛି। ଏଭଳି ଏକ ଫିଲ୍ମ ନିର୍ମାଣ ପାଇଁ ଯୋଜନା କରିଛନ୍ତି 'କନ୍ନପ୍ପା' ଫିଲ୍ମ ଅଭିନେତା ବିଷ୍ଣୁ ମାଞ୍ଚୁ। ନିକଟରେ ଏକ ସାକ୍ଷାତକାରରେ ବିଷ୍ଣୁ ରାମାୟଣ ତାଙ୍କର ଡ୍ରିମ୍ ପ୍ରୋଜେକ୍ଟ ବୋଲି କହିଛନ୍ତି। ୨୦୦୯ରୁ ସେ ଏଭଳି ଏକ ଫିଲ୍ମ ନିର୍ମାଣ ପାଇଁ ଯୋଜନା ଚଳାଇ ଥିବା କହିଛନ୍ତି। ଏହି ଫିଲ୍ମରେ ରାବଣର ଦୃଷ୍ଟିକୋଣକୁ ଦେଖାଯିବ। ତେବେ ଏଥିରେ ଭଗବାନ ଶ୍ରୀରାମଙ୍କ ଭୂମିକା ପାଇଁ ସେ ସୂର୍ଯ୍ୟାଙ୍କୁ ବାଛିଥିବାବେଳେ ମାତା ସୀତାଙ୍କ ଚରିତ୍ର ପାଇଁ ଆଲିଆ ଭଟ୍ଟଙ୍କୁ ବାଛିଛନ୍ତି। ଯଦିଓ ସେ ଏହାର କାହାଣୀ ଓ ସଂଳାପ ପ୍ରସ୍ତୁତ କରି ସାରିଛନ୍ତି କିନ୍ତୁ ଏହି ଫିଲ୍ମ କେବେ ନିର୍ମାଣ ହେବ ତାହା ଏଯାବତ୍ ସ୍ଥିର କରିପାରି ନ ଥିବା କହିଛନ୍ତି। ତେବେ ଏଥିରେ ରାବଣ ଭୂମିକାରେ ତାଙ୍କ ପିତା ମୋହନ ବାବୁ ନଜର ଆସନ୍ତୁ ବୋଲି ବିଷ୍ଣୁ ଇଚ୍ଛା କରିଛନ୍ତି।



## ରୁବିକ୍ କ୍ୟୁବ୍‌ରେ ଜାତୀୟ ପତାକା

ସାଧାରଣତଃ ରୁବିକ୍ କ୍ୟୁବ୍ ସମାଧାନ କରିବା ଆଦୌ ସହଜ ନୁହେଁ। ନିକଟରେ ଗୁଜରାଟ ଅହମ୍ମଦାବାଦର ୬ ବର୍ଷର ବାଳିକା ମିତଭି ଗୁପ୍ତା ରୁବିକ୍ କ୍ୟୁବ୍‌ରେ ଭାରତର ଜାତୀୟ ପତାକା ତିଆରି କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମିତଭି ପ୍ରଥମ ଶ୍ରେଣୀର ଛାତ୍ରୀ। ସ୍କେଟିଂ କରିବାବେଳେ ସେ ରୁବିକ୍ କ୍ୟୁବ୍‌ରେ ମାତ୍ର ୬ ସେକେଣ୍ଡରେ ଜାତୀୟ ପତାକା ତିଆରି କରି ସମସ୍ତଙ୍କୁ ବିସ୍ମିତ କରି ଦେଇଛନ୍ତି। ଏପରି କରି ସେ ତାଙ୍କର ବୁଦ୍ଧିମତା, ଶାରୀରିକ ପୂର୍ତ୍ତି ସହ ଦେଶଭକ୍ତିର ଏକ ନିଆରା ସଂଯୋଗକୁ ଦେଖାଇଛନ୍ତି। ଗତବର୍ଷ ନଭେମ୍ବର ମାସରେ ସେ ସ୍କେଟିଂ ଶିଖିବା ଆରମ୍ଭ କଲେ। ଏହାର ମାସକ ପରେ ସେ ରୁବିକ୍ କ୍ୟୁବ୍ ପ୍ରଶିକ୍ଷଣ ନେଲେ। ପ୍ରଥମେ ସେ ଦୁଇ ମିନିଟ୍‌ରେ ଏଥିରେ ଜାତୀୟ ପତାକା ତିଆରି କରୁଥିଲେ। ପରବର୍ତ୍ତୀ ସମୟରେ ମିତଭି ଲଗାତାର ଅଭ୍ୟାସ କରିବା ପରେ ଏହାକୁ ୬ ସେକେଣ୍ଡରେ କରିବାରେ ସଫଳ ହେଲେ। ସେହିପରି ରୁବିକ୍ କ୍ୟୁବ୍‌ରେ ପତାକା ତିଆରି କରିବାକୁ ତାଙ୍କ ପ୍ରଶିକ୍ଷକ ଶିଖାଇ ନ ଥିଲେ। ମିତ୍‌ଭି ରୁବିକ୍ କ୍ୟୁବ୍‌ରେ ପତାକା ତିଆରି କରୁଥିବା ଦେଖି ତାଙ୍କ ମା' ନିକିତା ତାଙ୍କ ପ୍ରଶିକ୍ଷକଙ୍କୁ ଜଣାଇଲେ। ଯାହାକୁ ଦେଖି ପ୍ରଶିକ୍ଷକ ଜଣକ ଆଶ୍ଚର୍ଯ୍ୟ ହେଲେ। ଅବଶ୍ୟ ଏବେ ସେ ଆଖି ବନ୍ଦ କରି ସ୍କେଟିଂ କରିବା ବେଳେ ରୁବିକ୍ କ୍ୟୁବ୍ ସମାଧାନ କରିବା ଶିଖୁଛନ୍ତି। ଭାରତ ସମେତ ରୁବିକ୍ କ୍ୟୁବ୍‌ରେ ସେ ଜାପାନ, ଫ୍ରାନ୍ସ, ପୋଲାଣ୍ଡ ଆଦିର ଜାତୀୟ ପତାକା ତିଆରି କରିବା ଶିଖୁଛନ୍ତି। ଅନ୍ୟପଟେ ତାଙ୍କ ପରିବାର ଲୋକ ତାଙ୍କର ଭିଡିଓ ଓ ଅନ୍ୟାନ୍ୟ ତଥ୍ୟଗୁଡ଼ିକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଏବଂ ଇଣ୍ଟରନ୍ୟାସନାଲ ବୁକ୍ ଅଫ୍ ରେକର୍ଡକୁ ପ୍ରଦାନ କରିଛନ୍ତି। ଏହାସହ ଗିନିଜ୍ ବିଶ୍ୱ ରେକର୍ଡରେ ଏନେଇ ଆବେଦନ କରିବାର ବି ସେମାନେ ଯୋଜନା ରଖିଛନ୍ତି।




## ସୁପରମାର୍କେଟର ଆକର୍ଷଣ ବିଶାଳ ପଥର

ସାଧାରଣତଃ ସପିଂ ମଲ୍‌ରେ ଅନେକ ଜିନିଷ ଦେଖିବାକୁ ମିଳିଥାଏ। ତା'ସହ ଲୋକଙ୍କ ଦୃଷ୍ଟିଆକର୍ଷଣ କରିବା ପାଇଁ କିଛି ନିଆରା ଜିନିଷ ରଖାଯାଏ। ହେଲେ ସପିଂ ମଲ୍ ଭିତରେ କେହି କେବେ ଏକ ବିଶାଳକାୟ ପଥର ଦେଖି ନ ଥିବେ। ଏସ୍ତୋନିଆର ହାବନେମେ ସହରର ଭିମସି ସପିଂ ସେଣ୍ଟରର ଆକର୍ଷଣ ସାଜିଛି ଏକ ବିଶାଳକାୟ ପଥର।

ସେହିପରି ଏହି ବିଶାଳ ପଥର ପାଇଁ ହିଁ ଉକ୍ତ ମଲ୍ ଖୁବ୍ ଲୋକପ୍ରିୟ। ପଥରଟି ସପିଂ ମଲ୍‌ର ମଝାମଝିରେ ରଖାଯାଇଛି। ପଥରର ମୋଟେଇ ୨୨ ମିଟର ହୋଇଥିବା ବେଳେ ଉଚ୍ଚତା ୬ ମିଟର। କିଣାକିଣି କରିବା ସମୟରେ ଏହି ପଥରଟି ଗ୍ରାହକଙ୍କ ଦୃଷ୍ଟିଆକର୍ଷଣ କରିଥାଏ। ସପିଂ ସେଣ୍ଟର ନିର୍ମାଣ ହେବାର ଦୀର୍ଘ ବର୍ଷ ପୂର୍ବରୁ ଏହି ପଥର ଏଠାରେ ଥିଲା। ଏନେଇ ବିଶେଷଜ୍ଞମାନେ କୁହନ୍ତି, ଏହା ପ୍ରାୟ ୧୦ ହଜାର ବର୍ଷ ପୁରୁଣା। ସେପ୍ଟେମ୍ବର ୨୦୧୪ ମସିହାରେ ଯେତେବେଳେ ଏହି ମଲ୍‌ର ନିର୍ମାଣ ଆରମ୍ଭ ହେଲା, ଶ୍ରମିକମାନେ ପ୍ରଥମେ ଏହାକୁ ଡିନାମାଇଟ୍‌ରେ ଉଡ଼ାଇବାକୁ ଯୋଜନା କରିଥିଲେ। ହେଲେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ଏହି ବିଶାଳ ପଥରଟି ପ୍ରକୃତରେ ଏକ ଇରୋଟିକ୍ ବୋଲଡର। ଏହା ଅତ୍ୟନ୍ତ ଦୁର୍ଲଭ ପଥର। ଗ୍ଲେସିୟର୍ ତରଳିବା ସମୟରେ ଏଭଳି ବିଶାଳକାୟ ପଥର ଚଟ୍ଟାଣଗୁଡ଼ିକ ଦୂରଦୂରାନ୍ତକୁ ଭାସି ଆସିଥାନ୍ତି। ତେଣୁ ଏହା ସ୍ଥାନୀୟ ପଥରଗୁଡ଼ିକଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇଥାଏ। ଏଥିପାଇଁ ଏହି ପଥରଗୁଡ଼ିକ ଉଭୟ ବୈଜ୍ଞାନିକ ଓ ଐତିହାସିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଖାସ୍ ଏଥିପାଇଁ ଏହି ପଥରଟିକୁ ସଂରକ୍ଷିତ ଐତିହ୍ୟସ୍ଥଳ ମାନ୍ୟତା ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି। ଅନ୍ୟପଟେ ଭୂତତ୍ତ୍ୱବିତ୍‌ମାନେ ଏହାକୁ ସ୍ୱତନ୍ତ୍ର କହିବାରୁ ଲୋକମାନେ ମଧ୍ୟ ଏହି ପଥରକୁ ଏଠାରୁ ନ ହଟେଇବା ପାଇଁ ଏକାଠି ହେଲେ। ଏହାପରେ ସପିଂ ମଲ୍ ଭିତରେ ହିଁ ଏହି ପଥରଟିକୁ ରଖାଯିବା ପାଇଁ ନିଷ୍ପତ୍ତି ନିଆଗଲା। ଏବେ ଏହି ପଥରଟିକୁ ଦେଖିବାକୁ କେବଳ ସ୍ଥାନୀୟ ଲୋକେ ନୁହେଁ ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ଆସୁଛନ୍ତି।








## ଟାଟ୍

**ଆଜିକାଲି କାର୍ଯ୍ୟ ଚାପ ଓ ବ୍ୟସ୍ତବହୁଳତା ଯୋଗୁଁ ଶରୀରର ଯତ୍ନ ନେବା ପ୍ରାୟତଃଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି। ଫଳରେ କିଛି ଜଣ ଦିନସାରା ଅଳସୁଆ, କ୍ଳାନ୍ତ ଏବଂ ଦୁର୍ବଳ ଅନୁଭବ କରିଥାନ୍ତି। ଏହି ଥକ୍କାପଣକୁ ଅଧିକାଂଶ କାମ ଚାପ ଭାବି ଅଣଦେଖା ବି କରିଦିଅନ୍ତି। ତେବେ ସର୍ବଦା ଥକ୍କାପଣ ଅନୁଭବ କରୁଥିଲେ ଜଣେ ଟାଟ୍ (TATT) ରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ। ଟାଟ୍ ଏପରି ଏକ ଟର୍ମ ଯାହା ସାହାଯ୍ୟରେ ଶରୀରରେ ଗୁରୁତ୍ୱପୂର୍ଣ୍ଣ ଭିଟାମିନ୍‌ର ଅଭାବ ବିଷୟରେ ଜଣାପଡ଼ିଥାଏ।**

ଟାଟ୍‌ର ଅର୍ଥ ହେଉଛି 'ଟାୟାର୍ଡ ଅଲ୍ ଦ ଟାଇମ୍' ତଥା ସର୍ବଦା ଥକ୍କା ଅନୁଭବ କରିବା। ୟୁଏସଏ, ହାର୍ୱାର୍ଡ ୟୁନିଭର୍ସିଟି ଏବଂ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ଦ୍ୱାରା କରାଯାଇଥିବା ଗବେଷଣାରୁ ୟୁଏସ୍‌ଏରେ ୧୮% ଲୋକଙ୍କଠାରେ ଭିଟାମିନ୍ ବି-୧୨ଅଭାବ ଜନିତ ଲକ୍ଷଣ ଦେଖିବାକୁ ମିଳିଛି। ଏହା ଏକ ଗମ୍ଭୀର ସ୍ଥିତି। ଏଥିରେ ଥକ୍କା ଲାଗିବା, ଦୁର୍ବଳ ଅନୁଭବ, ସ୍ମରଣଶକ୍ତି ହ୍ରାସ ପାଇବା ଆଦି ଲକ୍ଷଣ ଦେଖାଯାଇଥାଏ। ଥକ୍କାପଣ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଏହା ଫଳରେ ମନ ଖରାପ ହୁଏ। ଚିଡ଼ିଚିଡ଼ାପଣ ବଢ଼ିଯିବା ସହ ଅବସାଦ ହେବାର ଆଶଙ୍କା ଥାଏ। ଏହା ମୁଖ୍ୟତଃ ଭିଟାମିନ୍ ବି-୧୨ର ଅଭାବରୁ ହିଁ ହୋଇଥାଏ। ଭିଟାମିନ୍ ବି-୧୨ ଶରୀର ସହ ସ୍ନାୟୁ ପ୍ରଣାଳୀ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। ହେଲେ ଏହାର ଅଭାବରୁ ରକ୍ତହୀନତା, ପ୍ଲେଟଲେଟ୍ କମିବା, ବିଭିନ୍ନ ରୋଗ, ଅନିଦ୍ରା, ଭୋକ ନ ଲାଗିବା, ଓଜନ ହ୍ରାସ, ଅସ୍ଥି ଓ ମାଂସପେଶୀରେ ଯନ୍ତ୍ରଣା ହେବା, ନଖ ଭାଙ୍ଗିବା, ହାତ ଗୋଡ଼ ଝିମ୍ ଝିମ୍ ଆଦି ହୋଇଥାଏ।

ତେଣୁ ଥକ୍କାପଣ ଏବଂ ଦୁର୍ବଳତାକୁ ଦୂର କରିବା ପାଇଁ ଭିଟାମିନ୍ ବି-୧୨ର ସପ୍ଲିମେଣ୍ଟ ଖାଇବା ଆବଶ୍ୟକ। ଡାଏଟ୍‌ରେ ପାଳଙ୍ଗ, ବିଟ୍, ବିନ୍ସ, ଡାଲି, ଦୁଗ୍ଧଜାତଦ୍ରବ୍ୟ, କଦଳୀ, ଦହି, ଛତୁ ଆଦି ସାମିଲ କରିପାରିବେ। ଏହା ଶରୀରରେ ରକ୍ତ ପରିମାଣ ବୃଦ୍ଧି କରି ଥକ୍କାପଣ ହ୍ରାସ କରେ। ଶରୀରକୁ ଶକ୍ତି ଯୋଗାଇଥାଏ।

## ବିଶ୍ୱ ଆଇଭିଏଫ୍ ଦିବସ



**ମାତୃତ୍ୱ ଜଣେ ନାରୀ ଜୀବନରେ ହିଁ ପୂର୍ଣ୍ଣତା ଆଣିଦିଏ। 'ଗର୍ଭଧାରଣ' ପ୍ରତ୍ୟେକ ମହିଳାଙ୍କ ପାଇଁ ଏକ ଅମୂଲ୍ୟ ଅନୁଭୂତି। ହେଲେ ପ୍ରତ୍ୟେକ ମହିଳା ସନ୍ତାନ ସୁଖ ଲାଭ କରିପାରନ୍ତିନି। ତେବେ ନିଃସନ୍ତାନ ମହିଳାଙ୍କୁ ମା' ହେବାର ସୌଭାଗ୍ୟ ପ୍ରଦାନ କରୁଛି ଇନ୍ ଭିଟ୍ରୋ ଫର୍ଟିଲାଇଜେସନ୍ ତଥା (ଆଇଭିଏଫ୍) କୌଶଳ। ଚିକିତ୍ସା କ୍ଷେତ୍ରରେ ଏହି କୌଶଳ ପ୍ରୟୋଗର ସଠିକ୍ ତଥ୍ୟ ବିଷୟରେ ଲୋକଙ୍କୁ ସଚେତନ କରାଇବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୫ ତାରିଖରେ 'ବିଶ୍ୱ ଆଇଭିଏଫ୍ ଦିବସ' ପାଳନ କରାଯାଇଆସୁଛି। ଏହା ଲୁଇସ୍ ବ୍ରାଉନ୍‌ଙ୍କ ଜୟନ୍ତୀର ପ୍ରତୀକ। କାରଣ ୧୯୭୮ ମସିହାରେ ଆଇଭିଏଫ୍ ମାଧ୍ୟମରେ ଜନ୍ମ ଗ୍ରହଣ କରିଥିବା ସେ ବିଶ୍ୱର ପ୍ରଥମ ଟେଷ୍ଟଟ୍ୟୁବ୍ ସନ୍ତାନ।**

ଇନ୍ ଭିଟ୍ରୋ ଫର୍ଟିଲାଇଜେସନ୍(ଆଇଭିଏଫ୍) ଏକପ୍ରକାର ସହାୟକ ପ୍ରଜନନ କୌଶଳ। ଟେଷ୍ଟଟ୍ୟୁବ୍ ଶିଶୁ ଭାବେ ଏହା ଜଣାଶୁଣା। ଯେତେବେଳେ ପ୍ରାକୃତିକ ଗର୍ଭଧାରଣ ସମ୍ଭବ ହୁଏ ନାହିଁ ତଥା ବାରମ୍ବାର ବିଫଳ ହୋଇଥାଏ, ଫାଲୋପିଆନ ଟ୍ୟୁବ୍ ବନ୍ଦ ହେଲେ, କମ୍ ସଂଖ୍ୟକ ଓ ଦୁର୍ବଳ ଶୁକ୍ରାଣୁ, ଶୁକ୍ରାଣୁ ସକ୍ରିୟ ନ ଥିଲେ କିମ୍ବା ଅଧିକ ବୟସରେ ମା' ହେବା ଆଦି ବିଭିନ୍ନ ସ୍ଥିତିରେ ଆଇଭିଏଫ୍ କୌଶଳ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଏ। ଆଇଭିଏଫ୍ କରିବା ପୂର୍ବରୁ ନିଃସନ୍ତାନ ଦମ୍ପତିଙ୍କ ଅନେକ ପରୀକ୍ଷା ଯଥା- ମହିଳାଙ୍କ ପାଇଁ ଓଭ୍ୟୁଲେସନର ମୂଲ୍ୟାଙ୍କନ, ଫାଲୋପିଆନ୍ ଟ୍ୟୁବ୍ ପରୀକ୍ଷା, ଗର୍ଭାଶୟ ଗୃହର ମୂଲ୍ୟାଙ୍କନ, ଏକ ମୌଳିକ ହରମୋନ୍ ପ୍ରୋଫାଇଲ୍ ଏବଂ ପୁରୁଷମାନଙ୍କ ପାଇଁ ଶୁକ୍ରାଣୁ ବିଶ୍ଳେଷଣ ପରି ପ୍ରାଥମିକ ପରୀକ୍ଷା କରାଯାଇଥାଏ। ଆଇଭିଏଫ୍ ପ୍ରକ୍ରିୟାରେ ଏକ ପରୀକ୍ଷାଗାରରେ ଏକ ପରିପକ୍ୱ ଡିମ୍ବାଣୁକୁ ଶୁକ୍ରାଣୁ ସହିତ ପ୍ରଜନନ କରାଯାଏ। ଏହା ପରେ ଭ୍ରୁଣକୁ ଗର୍ଭାଶୟକୁ ସ୍ଥାନାନ୍ତରିତ କରାଯାଏ। ସ୍ଥାନାନ୍ତରଣ କରିବାର ପାଖାପାଖି ଦୁଇ ସପ୍ତାହ ପରେ କିଛି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କରାଯାଏ। ତେବେ ପ୍ରଶିକ୍ଷିତ ପ୍ରଜନନ ବିଶେଷଜ୍ଞଙ୍କ ପରାମର୍ଶରେ ଏହି ଚିକିତ୍ସା ପଦ୍ଧତି ଆପଣାଇବା ନିତାନ୍ତ ଆବଶ୍ୟକ। ଆଇଭିଏଫ୍‌କୁ ମୁଖ୍ୟତଃ ସୁରକ୍ଷିତ ବିବେଚନା କରାଗଲେ ମଧ୍ୟ ସାମାନ୍ୟ ପାର୍ଶ୍ୱପ୍ରତିକ୍ରିୟା ଯେମିତିକି- ପେଟଜନିତ ସମସ୍ୟା, ବିଚଳିତ ଲାଗିବା, ହର୍ମୋନାଲ ଅସନ୍ତୁଳନ, ମୁଣ୍ଡବିନ୍ଧା ଆଦି ଦେଖାଯାଇଥାଏ। ତେଣୁ ରୋଗୀର ବୟସ, ଚିକିତ୍ସା ପ୍ରକାର ତଥା ପ୍ରତିକ୍ରିୟା ଆଧାରରେ ଚିକିତ୍ସା କରାଯାଏ।

## ସୁଗାର ବ୍ରେଥ୍ ଆନାଲାଇଜର

### ନିଃଶ୍ୱାସରୁ ଜାଣି ହେବ ରକ୍ତ ଶର୍କରା ସ୍ତର

ଅନିୟମିତ ଓ ଅନିୟନ୍ତ୍ରିତ ଜୀବନଶୈଳୀ, କାର୍ଯ୍ୟ ଚାପ, ଅନିଦ୍ରା, ଦୁଶ୍ଚିନ୍ତା, ଯୋଗ ବ୍ୟାୟାମର ଅଭାବ ଆଦି କାରଣରୁ ଆଜିର ସମୟରେ ମଧୁମେହ ଏକ ବଡ଼ ରୋଗ ଭାବେ ଉଭା ହୋଇଛି। ଯେକୌଣସି ବୟସର ବ୍ୟକ୍ତି ଏହି ରୋଗର ପୀଡ଼ିତ ହେଉଛନ୍ତି। ମଧୁମେହରେ ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବାକୁ ପଡ଼େ। ତେଣୁ ଶର୍କରାସ୍ତର ଜାଣିବା ପାଇଁ ସାଧାରଣତଃ ରକ୍ତ ବାହାର କରି ଗ୍ଲୁକୋମିଟର ସାହାଯ୍ୟରେ ପରୀକ୍ଷା କରିବାକୁ ପଡ଼ିଥାଏ। ହେଲେ ଏବେ ଶରୀରରୁ ରକ୍ତ ବାହାର ନ କରି ତଥା ବିନା ଛୁଞ୍ଚି ପ୍ରୟୋଗରେ ରକ୍ତ ଶର୍କରା ସ୍ତର ଜାଣିହେବ। ମଧ୍ୟପ୍ରଦେଶ, ଜଟାଶଙ୍କର ତ୍ରିବେଦୀ ଶାସକୀୟ ମହାବିଦ୍ୟାଳୟର ପ୍ରଫେସର ଏବଂ ଛାତ୍ରମିଳିତ ଭାବେ ଏକ ଉପକରଣ ବିକଶିତ କରିଛନ୍ତି। ଏହାର ନାଁ ରହିଛି ସୁଗାର ବ୍ରେଥ୍ ଏନାଲାଇଜର ତଥା ସୁଗାର ବ୍ରେଥ୍ ଏସି ୩.୦। ଏହି ଉପକରଣ ଥରେ ଫୁଙ୍କିଲା ମାତ୍ରେ ନିଃଶ୍ୱାସରୁ ରକ୍ତ ଶର୍କରାର ମାତ୍ରା କେତେ ରହିଛି ତାହା କିଛି ସେକେଣ୍ଡରେ ଜଣାପଡ଼ିଥାଏ। ଉପକରଣଟି ନିଃଶ୍ୱାସରେ ଥିବା ଏସିଟୋନର ପରିମାଣକୁ ବିଶ୍ଳେଷଣ କରିଥାଏ। ସାଧାରଣତଃ ଶରୀରରେ ରକ୍ତ ସର୍କରାସ୍ତର ବଢ଼ିଗଲେ, ଏସିଟୋନ ମାତ୍ରା ମଧ୍ୟ ବଢ଼ିଯାଏ। ତେବେ ଏହି ମେସିନ୍‌ରେ ତିନି ପ୍ରକାରର ସୂଚକ ରହିଛି। ତେଣୁ ଏହି ମେସିନ୍‌କୁ ଫୁଙ୍କିଲେ ଏହା ଏସିଟୋନ୍‌ର ମାତ୍ରାକୁ ମାପି ସର୍କରାସ୍ତର ଯଥା- ରକ୍ତ ଶର୍କରାସ୍ତର କମ୍, ମଧ୍ୟମ ଏବଂ ଅତ୍ୟଧିକ ଅଛି କି ନାହିଁ ତାହାର ଅନୁମାନ ଲଗାଇପାରିବ। ରକ୍ତଶର୍କରାସ୍ତର ଅଧିକ ଥିଲେ ମଧୁମେହ ହେବା ଆଶଙ୍କା ବଢ଼ାଇଥାଏ।




## ଡିଟକ୍ସ ଫ୍ରୁଟ୍

**ମନୁଷ୍ୟ ଶରୀରର ଯକୃତ ଏବଂ ବୃକ୍‌କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଶରୀରର ପିତ୍ତ ସୃଷ୍ଟିକାରୀ ବିଷାକ୍ତ ପଦାର୍ଥକୁ ବାହାର କରିବା ଏହାର ମୁଖ୍ୟ କାର୍ଯ୍ୟ। ଯକୃତ ଏବଂ ବୃକ୍‌କ ସୁସ୍ଥ ଓ କାର୍ଯ୍ୟକ୍ଷମ ରହିଲେ ଜଣେ ସୁସ୍ଥ ଓ ନୀରୋଗ ରହିପାରିବ। ଏଥିପାଇଁ ଡାଏଟ୍‌ରେ ଡିଟକ୍ସ ଫ୍ରୁଟ୍ସ ସାମିଲ କରିପାରିବେ।**

ଅମୃତଭଣ୍ଡା ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ। ଏହା ପାଚନତନ୍ତ୍ରକୁ ଠିକ୍ ରଖେ। ଯକୃତକୁ ଶୁଦ୍ଧ କରିଥାଏ। ଏଥିରେ ଥିବା ଏନ୍‌ଜାଇମ୍ ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିବାରେ ସହାୟକ ହୋଇଥାଏ। ତେଣୁ ଦୈନିକ ଅମୃତ ଭଣ୍ଡା ଖାଇପାରିବେ। ସେହିପରି ଭୂଇଁ ଅଁଳା ରସ ୧୦ ମିଲିକୁ ଅଧଚାମଚ ମହୁ ମିଶାଇ ସେବନ କଲେ ଯକୃତ୍ ସୁସ୍ଥ ଓ କାର୍ଯ୍ୟକ୍ଷମ ରହିଥାଏ। ଶରୀରରୁ ବିଷାକ୍ତ ପଦାର୍ଥ କାଢ଼ିବାରେ ଅଁଳା, ବାହାଡ଼ା ଓ ହରିଡାର ଭୂମିକା ମଧ୍ୟ ଯଥେଷ୍ଟ ରହିଛି।

ଲାଲ୍ ଅଙ୍ଗୁରରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି ଭରପୁର ଥାଏ। ଏହା ଯକୃତ୍ ଏବଂ ବୃକ୍‌କକୁ ସଫା କରିବାରେ ସାହାଯ୍ୟ କରେ। ଏହା ରକ୍ତ ସଫା କରିଥାଏ। ତେଣୁ ବୃକ୍‌କ ଏବଂ ଯକୃତଜନିତ ସମସ୍ୟା ଥିବା ଲୋକଙ୍କ ପାଇଁ ଏହା ସବୁଠୁ ଭଲ ଫଳ।

ଡାଳିମ୍ବ ରକ୍ତ ବୃଦ୍ଧି କରିବା ସହ ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିପାରେ। ଏଥିରେ ଥିବା ପୋଷକତତ୍ତ୍ୱ ଯକୃତ ଏବଂ ବୃକ୍‌କକୁ ଶକ୍ତି ଯୋଗାଇବା ସହ ସୁସ୍ଥ ରଖିଥାଏ।

ଆଭାକାଡୋକୁ ସୁପରଫୁଡ ବୋଲି ବିବେଚନା କରାଯାଏ। ଏଥିରେ ଫ୍ୟାଟ୍ ଏବଂ ଗ୍ଲୁଟାଥିୟୋନ ନାମକ ତତ୍ତ୍ୱ ଥିବାରୁ ଏହା ଯକୃତ୍‌କୁ ସଫା କରିବାରେ ସାହାଯ୍ୟ କରେ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଏହି ଫଳ ଖାଇବା ଆବଶ୍ୟକ। ଅନ୍ୟପଟେ ଲେମ୍ବୁରେ ଭିଟାମିନ୍ ସି ଭରପୁର ମାତ୍ରା ଥାଏ। ଏହା ମଧ୍ୟ ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିପାରେ। ତେଣୁ ନିୟମିତ ଲେମ୍ବୁ ପାଣି ପିଇବା ସହିତ ଡାଏଟରେ କମଳା ସାମିଲ କରିପାରିବେ।



# ପନ୍ତ୍‌ଙ୍କ ଅଦମ୍ୟ ସାହସ: ଆହତ ସତ୍ତ୍ୱେ ଅର୍ଦ୍ଧଶତକ

ଓଲ୍ଡ ଟ୍ରାଫୋର୍ଡ, ୨୪।୭ (ଏଜେନ୍ସି): ଏହି ଟେଷ୍ଟର ପ୍ରଥମ ଦିନରେ ଆହତ ହୋଇ ରିଟାୟର୍ଡ ହର୍ଟ ହୋଇଥିବା ଭାରତୀୟ ୱିକେଟ ରକ୍ଷକ ଋଷଭ ପନ୍ତ ସାହସ ପ୍ରଦର୍ଶନ କରି ଦ୍ୱିତୀୟ ଦିନରେ ବ୍ୟାଟିଂ କରିଥିଲେ। କ୍ରିସ୍ ଓକ୍ସଙ୍କ ବୋଲିଂରେ ପନ୍ତ୍ ବ୍ୟାଟିଂ କରୁଥିଲାବେଳେ ତାଙ୍କ ବ୍ୟାଟ ବୁଢ଼ା ଆଙ୍ଗୁଠିରେ ଜୋର୍‌ରେ ବାଜିଥିଲା। ଏହାର ଅଳ୍ପ ସମୟ ପରେ ତାଙ୍କୁ ରିଟାୟର୍ଡ ହର୍ଟ ହେବାକୁ ପଡ଼ିଥିଲା। ସ୍କାନ୍ ରିପୋର୍ଟରୁ ଏହି ଆଘାତ ସମସ୍ୟାକୁ ମୁକୁଳିବା ଲାଗି ଅତି କମ୍‌ରେ ୨ ମାସ ସମୟ ଲାଗିବ। ଏହା ଫଳରେ ଏହି ଟେଷ୍ଟରେ ସେ ଆଉ ୱିକେଟ କିପିଙ୍ଗ କରିବେ ନାହିଁ ବୋଲି ବିସିସିଆଇ ସ୍ପଷ୍ଟ କରିଥିଲା। କିନ୍ତୁ ସେ ଭାରତର ଅସମାପ୍ତ ପ୍ରଥମ ଇନିଂସରେ ବ୍ୟାଟିଂ କରିବେ କି ନାହିଁ ତାହା ଟିମ୍ ମ୍ୟାନେଜମେଣ୍ଟ ଉପରେ ଛାଡିଦିଆଯାଇଥିଲା। ଆଜି ଦ୍ୱିତୀୟ ଦିନରେ ଶାର୍ଦ୍ଦୁଳ ଠାକୁର ଦଳୀୟ ସ୍କୋର ୩୧୪ ରନ୍‌ରେ ଆଉଟ ହେବା ପରେ ସମସ୍ତଙ୍କୁ ଚକିତ କରି ପନ୍ତ୍ ବ୍ୟାଟିଂ କରିବାକୁ ଆସିଥିଲେ। ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକ ତାଙ୍କ କରତାଳି ମାରି ସ୍ୱାଗତ କରିଥିଲେ। ସେ ତାଙ୍କ ସାହସ ପ୍ରଦର୍ଶନ କରି ୱିକେଟ ମଝିରେ ଦୌଡ଼ି ପାରି ନ ଥିଲେ ମଧ୍ୟ ଚୌକା ଓ ଛକା ମାରି ଅର୍ଦ୍ଧଶତକ ପୂରଣ କରିଥିଲେ। ଗତକାଲି ସେ ୪୮ ବଲ୍‌ରେ ୩୭ ରନ୍ କରି ରିଟାୟର୍ଡ ହୋଇଥିଲେ। ଆଜି ସେ ଆଉ ୨୩ଟି ବଲ୍‌ର ସମ୍ମୁଖୀନ ହୋଇ ଥିଲେ। ସେ ୬୯ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ମୋଟ ୭୫ ବଲ୍ ଖେଳି ୫୪ ରନ୍‌ରେ ଜୋଫ୍ରା ଆର୍ଚରଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ।

### ଟେଷ୍ଟ ସିରିଜ୍‌ରେ ସର୍ବାଧିକ ଅର୍ଦ୍ଧଶତକ

ଏହି ଟେଷ୍ଟରେ ପନ୍ତ୍ ୫୪ ରନ୍‌ରେ ଆଉଟ ହେବା ପୂର୍ବରୁ ଜଣେ ଭାରତୀୟ ୱିକେଟ ରକ୍ଷକ ଭାବେ ବିଦେଶ ମାଟିରେ ସର୍ବାଧିକ ୫୦ କିମ୍ବା ତା'ଠାରୁ ଅଧିକ ରନ୍ କରିଥିଲେ। ଚଳିତ ସିରିଜ୍‌ରେ ପନ୍ତ୍‌ଙ୍କ ଏହା ଥିଲା ୫ମ ଥର ୫୦ରୁ ଅଧିକ ସ୍କୋର। ଏହା ମଧ୍ୟରେ ୨ଟି ଶତକ ଓ ୩ଟି ଅର୍ଦ୍ଧଶତକ ରହିଛି। ସେହିପରି ବିଦେଶ ମାଟିରେ ଭାରତର ଆଉ ୨ଜଣ ୱିକେଟ ରକ୍ଷକ ଫାରୁକ୍ ଇଞ୍ଜିନିୟର ୧୯୭୨/୭୩ ଇଂଲଣ୍ଡ ଟୁର୍ ଓ ମହେନ୍ଦ୍ର ସିଂ ଧୋନି ୨ଥର ୪ଟି ଲେଖାଏଁ ୫୦ରୁ ଅଧିକ ସ୍କୋର କରିଥିଲେ। ୨୦୦୮-୦୯ ଅଷ୍ଟ୍ରେଲିଆ ଓ ୨୦୧୪ ଇଂଲଣ୍ଡ ଟୁର୍‌ରେ ଧୋନିଙ୍କୁ ଏହି ସଫଳତା ମିଳିଥିଲା।

ଜବରଦସ୍ତ ଫର୍ମରେ ଥିବା ପନ୍ତ୍ ଏହି ଟୁର୍‌ରେ ଜଣେ ୱିକେଟ ରକ୍ଷକ ଭାବେ ଇଂଲଣ୍ଡ ମାଟିରେ ସର୍ବାଧିକ ୪୭୯ ରନ୍ କରି ଇଂଲଣ୍ଡ ୱିକେଟକିପର ଆଲେକ ଷ୍ଟିୱାର୍ଟଙ୍କ ୪୬୪ ରନ୍‌ର ରେକର୍ଡ ଅତିକ୍ରମ କରିଛନ୍ତି। ପନ୍ତ୍‌ଙ୍କ ଶେଷ ଟେଷ୍ଟ ଖେଳିବାର ସମ୍ଭାବନା ନାହିଁ। ଏଣୁ ତାଙ୍କ ଭଳି ଇଂଲଣ୍ଡ ୱିକେଟ ରକ୍ଷକ ଜେମି ସ୍ମିଥ୍ ଜବରଦସ୍ତ ଫର୍ମରେ ଥାଇ ୪୧୫ ରନ୍ କରିଛନ୍ତି।

## ୮ ବର୍ଷ ପରେ ଷ୍ଟୋକ୍ସଙ୍କୁ ମିଳିଲା ୫ ୱିକେଟ; ଡକେଟ ୯୪ ଓ କ୍ରାଲୀ ୮୪

# ଭାରତକୁ ଇଂଲଣ୍ଡର ଲତୁଆ ଜବାବ

ଓଲ୍ଡ ଟ୍ରାଫୋର୍ଡ,୨୪।୭ (ଏଜେନ୍ସି):

ବେନ୍ ଡକେଟଙ୍କ ୯୪ ଓ ଜ୍ୟାକ୍ କ୍ରାଲୀଙ୍କ ୮୪ ରନ୍ ଏବଂ ଏମାନଙ୍କ ଓପନିଂ ପାର୍ଟନରସିପ୍‌ରୁ ୧୬୬ ରନ୍ ସଂଗୃହୀତ ହେବା ଫଳରେ ଏଠାରେ ଚାଲିଥିବା ଚତୁର୍ଥ ଟେଷ୍ଟରେ ଭାରତକୁ କଡ଼ା ଜବାବ ଦେଇଛି ଇଂଲଣ୍ଡ। ଏହି ଟେଷ୍ଟର ପ୍ରଥମ ଇନିଂସରେ ଭାରତର ସ୍କୋର ୩୫୮ ରନ୍‌ର ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷ ବେଳକୁ ଇଂଲଣ୍ଡ ୨ ୱିକେଟରେ ୨୨୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଓଲି ପୋପ୍ ୨୦ ଓ ଜୋ ରୁଟ୍ ୧୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ଓ ଅଂଶୁଲ କାମ୍ବୋଜ୍ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ପୂର୍ବରୁ ୮ ବର୍ଷର ବ୍ୟବଧାନ ପରେ ବେନ୍ ଷ୍ଟୋକ୍ସ ଗୋଟିଏ ଇନିଂସରେ ୫ ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିଲେ। ଘରୋଇ ମାଟିରେ ୧୯୮୩ରେ ବବ୍ ୱିଲ୍ସ (୫/୩୫)ଙ୍କ ପରେ ଇଂଲଣ୍ଡ ଅଧିନାୟକ ଭାବେ ଷ୍ଟୋକ୍ସ ଗୋଟିଏ ଇନିଂସରେ ୫ ୱିକେଟ ସଫଳତା ପାଇଛନ୍ତି। ପୂର୍ବରୁ ଭାରତର ପ୍ରଥମ ଇନିଂସରେ ଆଜି ଦ୍ୱିତୀୟ ଦିନରେ ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରୁ ଆହତ ସତ୍ତ୍ୱେ ବ୍ୟାଟିଂ କରିବାକୁ ଆସିଥିବା ଋଷଭ ପନ୍ତ୍ ୫୪, ଶାର୍ଦ୍ଦୁଳ ଠାକୁର ୪୧ ଓ ୱାଶିଂଟନ ସୁନ୍ଦର ୨୭ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଷ୍ଟୋକ୍ସଙ୍କ ୫ ୱିକେଟ ବ୍ୟତୀତ ଜୋଫ୍ରା ଆର୍ଚରଙ୍କୁ ୩ଟି ୱିକେଟ ମିଳିଛି। ଏହି ଟେଷ୍ଟ ସିରିଜ୍‌ରେ ତୃତୀୟ ମ୍ୟାଚ୍ ଶେଷ ସୁଦ୍ଧା ଭାରତ ୧-୨ରେ ପଛୁଆ ରହିଛି।



ଚତୁର୍ଥ ଟେଷ୍ଟ ୨ୟ ଦିନ

### ଠାକୁର-ସୁନ୍ଦରଙ୍କ ଚମତ୍କାର ପାର୍ଟନରସିପ୍

ଏହି ଟେଷ୍ଟର ଦ୍ୱିତୀୟ ଦିନ ଭାରତ ତାହାର ଅସମାପ୍ତ ପ୍ରଥମ ଇନିଂସ ୪ ୱିକେଟରେ ୨୬୪ ରନ୍‌ରୁ ଖେଳ ଆରମ୍ଭ କରି ୱିକେଟ ହରାଥିଲା। ଇଂଲଣ୍ଡ ଦ୍ୱିତୀୟ ନୂଆ ବଲ୍ ନେବା ପରେ ଜୋଫ୍ରା ଆର୍ଚର ବୋଲିଂ କରିଥିବା ପ୍ରଥମ ଓଭରର ପ୍ରଥମ ୩ଟି ବଲ୍‌ରେ ଦୁଇ ଅପରାଜିତ ବ୍ୟାଟର ଜାଡେଜା ଓ ଠାକୁର ଆଉଟ ହେବାର ୩ଟି ସୁଯୋଗ ଦେଇଥିଲେ। କିନ୍ତୁ ୫ମ ବଲ୍‌ରେ ସେ ଜାଡେଜାଙ୍କ ବ୍ୟାଟ୍‌ରେ ଏଜ୍ କରାଇ ୱିକେଟ ନେବାରେ ସମର୍ଥ ହୋଇଥିଲେ। ସେ ପୂର୍ବଦିନର ସ୍କୋରରେ ଆଉ ଗୋଟିଏ ରନ୍ ଯୋଡି ୨୦ ରନ୍ କରିଥିଲେ। ତାଙ୍କ ଆଉଟ ପରେ ଠାକୁରଙ୍କ ସହ ଯୋଗଦେଇ ୱାଶିଂଟନ ସୁନ୍ଦର ୧୦୧ଟି ବଲ୍‌ର ସାମ୍ନା କରି ୪୮ ରନ୍ ଉଠାଇଥିଲେ। ଏହା ଫଳରେ ଦଳ ୩୦୦ ରନ୍ ମାର୍କ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ଉଭୟ ବ୍ୟାଟର ୧୫ ଓଭର ଲେଖାଏଁ କ୍ରିଜ୍‌ରେ ରହିଥିଲେ। ସେମାନଙ୍କ ମଧ୍ୟରୁ ଠାକୁର ୮୮ଟି ବଲ ଖେଳି ୫ ଚୌକା ସହ ୪୧ ଓ ସୁନ୍ଦର ୯୦ ବଲ୍ ଖେଳି ୨ ଚୌକା ସହ ୨୭ ରନ୍ କରିଥିଲେ। ଆହତ ହୋଇ ଗତକାଲି ୩୭ ରନ୍‌ରେ ରିଟାୟର୍ଡ ହର୍ଟ ହୋଇଥିବା ପନ୍ତ୍ ବ୍ୟାଟିଂ କରିବାକୁ ଆସି ଆଉ ୧୭ ରନ୍ ଯୋଗ କରିଥିଲେ। ତାଙ୍କର ସାହସିକ ବ୍ୟାଟିଂ ଯୋଗୁ ଭାରତ ପ୍ରଥମ ଇନିଂସରେ ୩୫୦ ରନ୍ ଅତିକ୍ରମ କରିଥିଲା।

### ବେନ୍‌ଙ୍କ ଚତୁର ବୋଲିଂ

ଏହି ଟେଷ୍ଟରେ ଯାହା ପୂର୍ବାନୁମାନ କରାଯାଉଥିଲା, ତାହା ହେଲା ନାହିଁ। ବଲ ସୁଇଂ ହେଲାନି କିମ୍ବା ବର୍ଷା ହେଲା ନାହିଁ। ପିଚ୍‌ରୁ ସହାୟତା ମିଳି ନ ଥିଲେ ମଧ୍ୟ ଇଂଲଣ୍ଡ ଦଳ ତାହାର ରଣନୀତି ବଦଳାଇ ଶେଷ ଭାଗ ବ୍ୟାଟରଙ୍କୁ ସର୍ଟ ପିଚ୍ ବଲରେ ଲୋଭନୀୟ ସଟ ଖେଳିବାକୁ ବାଧ କରିଥିଲେ। ଗତକାଲି ଷ୍ଟୋକ୍ସଙ୍କ ସର୍ଟପିଚ୍ ବଲ୍‌କୁ ପୁଲ କରିବାକୁ ଯାଇ ସୁଦର୍ଶନ ଓ ଆଜି ସୁନ୍ଦର ଆଉଟ ହୋଇଥିଲେ। ଗୋଟିଏ ପଟେ ନିରନ୍ତର ଭାବେ ଷ୍ଟୋକ୍ସ ଏଭଳି ବୋଲିଂ କରିବା ଫଳରେ ଭାରତ ତାହାର ଶେଷ ୫ ୱିକେଟ ୪୪ ରନ୍ ମଧ୍ୟରେ ହରାଇଥିଲା। ଏହା ମଧ୍ୟରୁ ଷ୍ଟୋକ୍ସ ୩ଟି ଓ ଆର୍ଚର ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ଡେବ୍ୟୁଟାଣ୍ଟ ଅଂଶୁଲ କାମ୍ବୋଜ ୩ଟି ବଲ୍‌ରେ ଶୂନ, ତୃତୀୟ ଟେଷ୍ଟରେ ସାହସିକ ବ୍ୟାଟିଂ କରିଥିବା ଯଶପ୍ରୀତ୍ ବୁମ୍‌ରା ୭ ବଲ୍‌ରେ ୪ ରନ୍ କରି ଆଉଟ ହୋଇଥିଲେ। ଇଂଲଣ୍ଡ ଅଧିନାୟକ ଷ୍ଟୋକ୍ସଙ୍କୁ ସର୍ବାଧିକ ୫ଟି ଓ ଆର୍ଚରଙ୍କୁ ୩ଟି ୱିକେଟ ମିଳିଥିଲା। କ୍ରିସ୍ ଓକ୍ସ ଓ ଲିଆନ ଡାଓସନ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ : ୩୫୮/୧୦, ୧୧୪.୧ ଓଭର (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ୍-୫୪, ଷ୍ଟୋକ୍ସ-୫/୭୨, ଆର୍ଚର-୩/୭୩)।
ଇଂଲଣ୍ଡ ପ୍ରଥମ ଇନିଂସ : ୨୨୫/୨, ୪୬ ଓଭର (ଡକେଟ-୯୪, କ୍ରାଲୀ-୮୪, ପୋପ୍- ୨୦*, ରୁଟ୍- ୧୧* ଜାଡେଜା-୧/୩୭, କାମ୍ବୋଜ-୧/୪୮)।

## ମହିଳା ଚେସ ବିଶ୍ୱକପ୍

# ଫାଇନାଲରେ ହମ୍ପି-ଦିବ୍ୟା ମୁକାବିଲା

ନୂଆଦିଲ୍ଲୀ,୨୪।୭ (ଏଜେନ୍ସି): ଭାରତର ଉଦୀୟମାନ ଖେଳାଳି ଦିବ୍ୟା ଦେଶମୁଖ ଓ ଅଭିଜ୍ଞ ଖେଳାଳି କୋନେରୁ ହମ୍ପି ମହିଳା ଚେସ୍ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ପ୍ରଥମଥର ଭାରତର ଦୁଇ ଖେଳାଳି ଫାଇନାଲ ଖେଳିବାରେ ଇତିହାସ ସୃଷ୍ଟି କରିଛନ୍ତି। ଏମାନଙ୍କ ପୂର୍ବରୁ କେହି ସେମିଫାଇନାଲ ଖେଳି ନ ଥିଲେ। ଗତ ସଂସ୍କରଣରେ ତାନିଆ ସଚଦେବା କ୍ୱାର୍ଟର ଫାଇନାଲରେ ପରାଜିତ ହେବା ଭାରତ ଲାଗି ଥିଲା ଶ୍ରେଷ୍ଠ ସଫଳତା।





ଜର୍ଜିଆର ବାଟୁମିଠାରେ ଚାଲିଥିବା ମହିଳା ଚେସ୍ ବିଶ୍ୱକପ୍‌ର ବୁଧବାର ରାତିରେ ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ସେ ଚୀନ୍‌ର ତାନ୍ ଝୋଙ୍ଗୟିଙ୍କୁ ୧.୫-୦.୫ ପଏଣ୍ଟରେ ପରାସ୍ତ କରି ପ୍ରଥମ ଭାରତୀୟ ଭାବେ ଫାଇନାଲରେ ପ୍ରବେଶ କରିଥିଲେ। ଏହା ସହ ୧୯ ବର୍ଷୀୟା ଦିବ୍ୟା ମଧ୍ୟ ସର୍ବକନିଷ୍ଠ ଫାଇନାଲିଷ୍ଟ ହେବା ସହ ପ୍ରଥମ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିଥିଲେ। କିନ୍ତୁ କୋନେରୁ ହମ୍ପି ଓ ଚୀନ୍‌ର ଆଉ ଜଣେ ଖେଳାଳି ଲେଇ ଟିଙ୍ଗ୍‌ଜିଏଙ୍କ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲରେ କ୍ଲାସିକ୍ ମୁକାବିଲା ୧-୧ ପଏଣ୍ଟରେ ଡ୍ର ରହିଥିଲା। ଏହା ଫଳରେ ଫଳାଫଳ ଜାଣିବା ଲାଗି ରାପିଡ୍ ଓ ବ୍ଲିଜ୍‌ରେ ଟାଇବ୍ରେକର ମୁକାବିଲା ହୋଇଥିଲା। ଏଥିରେ ହମ୍ପି ସହଜରେ ଲେଇଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଏହା ଫଳରେ ଭାରତର ଦୁଇ ଖେଳାଳି ଦିବ୍ୟା ଓ ହମ୍ପିଙ୍କ ମଧ୍ୟରେ ଫାଇନାଲ ଖେଳାଯିବ। ଫାଇନାଲରେ ଉଭୟ ଖେଳାଳିଙ୍କ ପ୍ରବେଶ କରିବା ଅର୍ଥ ଉଭୟ କ୍ୟାଣ୍ଡିଡେଟ୍ସ ଚେସ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ସେମିଫାଇନାଲରେ ଉଭୟ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ହେବା ଫଳରେ ପ୍ରଥମଥର ଜଣେ ଭାରତୀୟ ମହିଳା ବିଶ୍ୱଚାମ୍ପିଅନ ହେବା ସ୍ପଷ୍ଟ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଜୁଲାଇ ୨୬ ଓ ୨୭ରେ ଖେଳାଯିବ। ଆବଶ୍ୟକ ହେଲେ ଜୁଲାଇ ୨୮ରେ ଟାଇବ୍ରେକର ମୁକାବିଲା ଖେଳାଯିବ।

## ୨୦୨୬ ଏସିଆନ ଗେମ୍ସରେ କ୍ରିକେଟ୍ ସାମିଲ

ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ଜାପାନରେ ଆସନ୍ତାବର୍ଷ ଆୟୋଜିତ ହେବାକୁ ଥିବା ଏସିଆନ୍ ଗେମ୍ସର ବିଂଶତମ ସଂସ୍କରଣରେ କ୍ରିକେଟ୍ ସାମିଲ ହୋଇଛି। ଏସିଆନ୍ କ୍ରିକେଟ୍ କାଉନସିଲ୍ (ଏସିସି) ପକ୍ଷରୁ ଗୁରୁବାର ଏହି ଘୋଷଣା କରାଯାଇଛି। ଏଥିରେ ପୁରୁଷ ବିଭାଗରେ ୧୦ଟି ଓ ମହିଳା ବିଭାଗରେ ୮ଟି ଏସୀୟ ଦଳ ଅଂଶଗ୍ରହଣ କରିବେ। ଫଳରେ ଏସିଆନ ଗେମ୍ସ ଇତିହାସରେ ୪ର୍ଥ ଥର ଲାଗି କ୍ରିକେଟ୍ କ୍ରିକେଟ୍ ଖେଳାଯିବ। ୨୦୧୦ ସଂସ୍କରଣରେ ପ୍ରଥମଥର କ୍ରିକେଟ୍‌କୁ ସାମିଲ କରାଯାଇଥିଲା। ୨୦୨୩ରେ ହାଙ୍ଗଝୋଉ ଏସିଆନ୍ ଗେମ୍ସରେ ଭାରତ ଚାମ୍ପିଅନ ହୋଇଥିଲା। ଏସିସିରେ ୩ଟି ନୂଆ ରାଷ୍ଟ୍ର ମଙ୍ଗୋଲିଆ, ଉଜବେକିସ୍ତାନ ଓ ଫିଲିପାଇନ୍ସକୁ ସାମିଲ କରାଯାଇଥିବା ଜଣାପଡ଼ିଛି।

## ୨୦୨୬ରେ ପୁଣି ଇଂଲଣ୍ଡ ଯିବ ଭାରତ

# ଏଥର ଖେଳିବ ୮ ସୀମିତ ଓଭର ମ୍ୟାଚ୍

ଲଣ୍ଡନ,୨୪।୭ (ଏଜେନ୍ସି): ଏବେ ଇଂଲଣ୍ଡରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳୁଥିବା ଭାରତୀୟ କ୍ରିକେଟ ଦଳ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ରେ ପୁଣିଥରେ ଏହି ଦେଶ ଗସ୍ତରେ ଯିବ। ଏଥର ଦଳ ୮ଟି ସୀମିତ ଓଭର ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ରହିଛି ୫ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ୍। ଇଂଲଣ୍ଡର ଘରୋଇ କ୍ରିକେଟ କାର୍ଯ୍ୟସୂଚୀ ଘୋଷଣା ହେବା ପରେ ଏହା ଜଣାପଡ଼ିଛି। ଏହି ସିରିଜ୍ ୨୦୨୬ ଜୁଲାଇ ୧ରୁ ଆରମ୍ଭ ହୋଇ ୧୯ରେ ଶେଷ ହେବ।

### ଖେଳସୂଚୀ : ଟି-୨୦ (୫)

**ଜୁଲାଇ ୧:** ପ୍ରଥମ ଟି-୨୦, ଡରହାମ, **ଜୁଲାଇ ୪:** ଦ୍ୱିତୀୟ ଟି-୨୦, ଓଲ୍ଡ ଟ୍ରାଫୋର୍ଡ, ମାଞ୍ଚେଷ୍ଟର, **ଜୁଲାଇ ୭:** ତୃତୀୟ ଟି-୨୦, ଟ୍ରେଣ୍ଟବ୍ରିଜ୍, ନଟିଂହାମ୍, **ଜୁଲାଇ ୯:** ଚତୁର୍ଥ ଟି-୨୦, ବ୍ରିଷ୍ଟୋଲ, **ଜୁଲାଇ ୧୧:** ପଞ୍ଚମ ଟି-୨୦, ସାଉଥାମ୍ପଟନ।

### ଖେଳସୂଚୀ : ଦିନିକିଆ (୩)

**ଜୁଲାଇ ୧୪:** ପ୍ରଥମ ଦିନିକିଆ, ଏଜ୍‌ବାଷ୍ଟନ, ବର୍ମିଂହାମ୍, **ଜୁଲାଇ ୧୬:** ଦ୍ୱିତୀୟ ଦିନିକିଆ, ସୋଫିଆ ଗାର୍ଡେନ୍ସ, କାର୍ଡିଫ୍, **ଜୁଲାଇ ୧୯:** ତୃତୀୟ ଦିନିକିଆ, ଲର୍ଡ୍ସ, ଲଣ୍ଡନ।

## ସାହାଣୀ କପ୍-୨୦୨୫

# କ୍ୱାର୍ଟରରେ ବରଗଡ଼-ସମ୍ବଲପୁର



କଟକ,୨୪।୭ (ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶୁକ୍ରବାର ଖେଳାଯିବ। ବୌଦ୍ଧ ଜୋନ୍‌ର ଦୁଇ ଦଳ ବରଗଡ଼ ଏବଂ ସମ୍ବଲପୁର କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଅନ୍ୟ ୩ଟି ଜୋନ୍‌ର କ୍ୱାର୍ଟର ଫାଇନାଲ ରାଉଣ୍ଡ ଶେଷ ହୋଇଥିବାବେଳେ ୪ର୍ଥ ଦଳକୁ ଅପେକ୍ଷା ରହିଛି। ଗୁରୁବାର ବୌଦ୍ଧ ଜୋନ୍‌ରେ ଦୁଇଟି ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ସମ୍ବଲପୁର ୩-୦ ଗୋଲ୍‌ରେ ଘରୋଇ ବୌଦ୍ଧକୁ ପରାସ୍ତ କରିଛି। ବିଜୟୀ ଦଳ ତରଫରୁ ଛବିଳ କିଶାନ, ବିଜୁ ଓରାମ, ସନ୍ତୋଷ ମୁଣ୍ଡା ଗୋଲ୍ ଦେଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ କନ୍ଧମାଳ ୨-୧ ଗୋଲ୍‌ରେ ବଲାଙ୍ଗିରକୁ ହରାଇଛି। କନ୍ଧମାଳର ସେଖ ଫରିଦ ଏବଂ ଦେବାଶିଷ ରାମ ମାରାଣ୍ଡି, ବଲାଙ୍ଗିରର ସମ୍ବିତ ନାଏକ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

# ଡବ୍ଲ୍ୟୁଡବ୍ଲ୍ୟୁଇ କିମ୍ବଦନ୍ତୀ ହୋଗାନଙ୍କ ବିୟୋଗ



ଫ୍ଲୋରିଡ଼ା, ୨୪।୭ (ଏଜେନ୍ସି): ଆମେରିକାର କିମ୍ବଦନ୍ତୀ ରେସଲର୍ ହଲ୍କ ହୋଗାନଙ୍କ ଗୁରୁବାର ରାତିରେ ବିୟୋଗ ଘଟିଛି। ହୃଦଘାତରେ ୭୧ ବର୍ଷ ବୟସରେ ତାଙ୍କର ନିଧନ ହୋଇଥିବା ୱାର୍ଲ୍ଡ ରେସଲିଂ ଏଣ୍ଟରଟେନମେଣ୍ଟ (ଡବ୍ଲ୍ୟୁଡବ୍ଲ୍ୟୁଇ) ପକ୍ଷରୁ କୁହାଯାଇଛି। ୧୧ ଅଗଷ୍ଟ ୧୯୫୩ରେ ଜନ୍ମିତ ହୋଗାନ ଆମେରିକାର ପ୍ରଫେସନାଲ ରେସଲିଂ ଡବ୍ଲ୍ୟୁଡବ୍ଲ୍ୟୁଇରେ ଜଣେ କିମ୍ବଦନ୍ତୀ ଯୋଦ୍ଧା ଥିଲେ। ୧୯୮୦ ଦଶକରୁ ସେ ଡବ୍ଲ୍ୟୁଡବ୍ଲ୍ୟୁଇରେ ପ୍ରବେଶ କରି ୬ଥର ଟାଇଟଲ୍ ଜିତିବାରେ ସଫଳ ହୋଇଥିଲେ। ୨୦୨୫ରେ ମଧ୍ୟ ସେ ଡବ୍ଲ୍ୟୁଡବ୍ଲ୍ୟୁଇରେ ସକ୍ରିୟ ରହିଥିଲେ।

## ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା-୨୦୨୫

# ଫାଇନାଲରେ ଅନିମେଶ



ଭୁବନେଶ୍ୱର, ୨୪।୭ (ସମିସ): ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍‌ର ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ପୁରୁଷ ୨୦୦ ମିଟରରେ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ର ଅନିମେଶ କୁଜୁର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ରାତିରେ ଅନୁଷ୍ଠିତ ସେମିଫାଇନାଲ ହିଟ୍ସ-୨ରେ ଅନିମେଶ ୨୦.୯୪ ସେକେଣ୍ଡ ସମୟ ନେଇ ୩ୟ ସ୍ଥାନରେ ରହି ଫାଇନାଲ୍ ଟିକଟ୍ ହାସଲ କରିଥିଲେ। ସେହିଭଳି ପୁରୁଷ ସଟ୍ ପୁଟ୍‌ରେ ସମରଦୀପ୍ ସିଂହ ଫାଇନାଲରେ ପ୍ରବେଶ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ସେ ୧୯.୧୦ ମିଟର ଫିଙ୍ଗିଥିଲେ। ସେହିଭଳି ମହିଳା ୫୦୦୦ ମିଟର ରେସ୍‌ରେ ସୀମା ୧୫ ମିନିଟ୍ ୫୫.୩୩ ସେକେଣ୍ଡରେ ରେସ୍ ଶେଷ କରି ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ମହିଳା ସିଙ୍ଗଲ୍ସ ଟେନିସରେ ବୈଷ୍ଣବୀ ଅଦକର ସେମିଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। ଅପରପକ୍ଷରେ ତୀରନ୍ଦାଜୀର ପୁରୁଷ କମ୍ପାଉଣ୍ଡ ଦଳ ଫାଇନାଲରେ ପହଞ୍ଚି ପଦକ ନିଶ୍ଚିତ କରିଛି। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଡ. ବିସି ରାୟ ଟ୍ରଫି

# ବିଜୟ ସହ ଓଡ଼ିଶାର ଅଭିଯାନ ଶେଷ



କଟକ, ୨୪।୭ (ସମିସ): ପଞ୍ଜାବର ଅମୃତସରରେ ଚାଲିଥିବା କନିଷ୍ଠ ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ଡ. ବିସି ରାୟ ଟ୍ରଫିର ଅନ୍ତିମ ଲିଗ୍‌ରେ ଓଡ଼ିଶା ବିଜୟ ହାସଲ କରିଛି। ଗୁରୁବାର ଜିଏନଡିୟୁ ସ୍ପୋର୍ଟସ କମ୍ପ୍ଲେକ୍ସରେ ଆୟୋଜିତ ଶେଷ ଲିଗ୍‌ରେ ଓଡ଼ିଶା ୧-୦ ଗୋଲରେ ଝାଡ଼ଖଣ୍ଡକୁ ହରାଇଛି। ଖେଳର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା। ପରେ ଦ୍ୱିତୀୟାର୍ଦ୍ଧର ୫୭ତମ ମିନିଟରେ ଅଧିନାୟକ ଅମନ ଲାକ୍ରା ଏକମାତ୍ର ଗୋଲସ୍କୋର କରିଥିଲେ। ତେବେ ପ୍ରତିଯୋଗିତାରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। କର୍ଣ୍ଣାଟକ ଓ ମଣିପୁର ବିପକ୍ଷ ପ୍ରଥମ ଦୁଇ ଲିଗ୍ ମ୍ୟାଚରେ ଦଳ ପରାଜୟର ସମ୍ମୁଖୀନ ହୋଇଥିଲା।

# ଉଷୁ ଖେଳାଳି ପ୍ରେମ ଓ ରାଜକୁମାରଙ୍କୁ ସମ୍ମାନିତ କଲେ ରାଜ୍ୟପାଳ



ଭୁବନେଶ୍ୱର, ୨୪।୭ (ସମିସ): ଜିନ୍ଦଲ ଫାଉଣ୍ଡେସନ ଉଷୁ ତାଲିମ କାର୍ଯ୍ୟକ୍ରମର ଦୁଇ ଯୁବ ଖେଳାଳି ପ୍ରେମ ମୁଣ୍ଡା ଓ ରାଜକୁମାର ମୁଣ୍ଡାଙ୍କୁ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସମ୍ମାନିତ କରିଛନ୍ତି। ରାଜଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଉଭୟଙ୍କୁ ସମ୍ମାନିତ କରିବା ସହ ସେମାନଙ୍କର କଠିନ ପରିଶ୍ରମ ଓ ସାମରିକ କଳା ପ୍ରତି ଆଗ୍ରହ ପାଇଁ ଅଭିନନ୍ଦନ ଜଣାଇଥିଲେ। ନିକଟରେ ରୁଷରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଉଷୁ ଚାମ୍ପିଅନସିପ୍‌ରେ ଏହି ଦୁଇ ଖେଳାଳି ୪୮ କିଗ୍ରା ଓ ୫୨ କିଗ୍ରାରେ ସ୍ୱର୍ଣ୍ଣମ ସଫଳତା ପାଇଥିଲେ। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, 'ଏହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ। ବଡ଼ବିଲର ଏହି ଦୁଇ ଯୁବ ଖେଳାଳି କେବଳ କ୍ରୀଡ଼ାରେ ଉତ୍କର୍ଷତା ପ୍ରଦର୍ଶନ କରିନାହାନ୍ତି ବରଂ ପ୍ରମାଣ କରିଛନ୍ତି ସଠିକ ସମର୍ଥନ ମିଳିଲେ ତୃଣମୂଳସ୍ତରର ପ୍ରତିଭା ମଧ୍ୟ ବିଶ୍ୱସ୍ତରରେ ଚମକି ଉଠିପାରିବ।' ସେହିଭଳି ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସଆର୍) ପ୍ରଶାନ୍ତ ହୋତା କହିଛନ୍ତି, 'ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ଓ ସାଂସଦ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟିରେ ଅନୁପ୍ରାଣିତ ହୋଇ କାର୍ଯ୍ୟକାରୀ ହୋଇଥିବା ଉଷୁ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଜୀବନକୁ ପରିବର୍ତ୍ତନ କରିବା ଏବଂ ଯୁବକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଶୃଙ୍ଖଳା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକତା ସୃଷ୍ଟି କରିବା'। ଉଭୟ ପ୍ରେମ ଓ ରାଜକୁମାର ବଡ଼ବିଲସ୍ଥିତ ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲରେ ରହି ପ୍ରଶିକ୍ଷଣ ନେଉଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS